• Vol.- 46, Issue No. 118
• Tuesday, 28 July 2026
• ମଙ୍ଗଳବାର, ୨୮ ଜୁଲାଇ ୨୦୨୬
• Bhubaneswar
• Price: Rs. 2.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com




## ନୀଳକନ୍ଦରକୁ ବାହୁଡ଼ିଲେ ନୀଳମଣି

★ ଅଭିମାନିନୀ ମା ଲକ୍ଷ୍ମୀଙ୍କୁ ରସଗୋଲା ଦେଇ କରାଇଲେ ମାନଭଞ୍ଜନ
★ ଆଜି ନୀଳାଦ୍ରି ଅବଢ଼ା

ପୁରୀ,୨୭।୭(ନିପ୍ର): ଚତୁର୍ଦ୍ଧା ମୂର୍ତ୍ତି ନବାଦିନାତ୍ମକ ଯାତ୍ରା ଶେଷ କରି ବାହୁଡ଼ା ଦିନ ତିନୋଟି ଯାକ ରଥ ସିଂହ ଦ୍ୱାରରେ ପହଞ୍ଚିଥିଲା। ରଥ ଉପରେ ରାଜରାଜେଶ୍ୱର ବେଶ ଓ ଅଧର ପଣା ହେବା ପରେ ଆଜି ଚତୁର୍ଦ୍ଧା ମୂର୍ତ୍ତି ନୀଳକନ୍ଦରକୁ ବିଜେ କରିଛନ୍ତି। ନୀତିକାନ୍ତି ପରେ ଚକ୍ରରାଜ ସୁଦର୍ଶନ,ବଡ଼ଠାକୁର ବଳଭଦ୍ର, ଦେବୀ ସୁଭଦ୍ରା ଏବଂ ପରେ ମହାପ୍ରଭୁ ଜଗନ୍ନାଥଙ୍କୁ ନିଆଯାଇଥିଲା । ପରମ୍ପରା ଅନୁଯାୟୀ ମହାଲକ୍ଷ୍ମୀ ଚାହାଣି ମଣ୍ଡପକୁ ଆସି ଆଳତି କରିଥିଲେ । ମହାପ୍ରଭୁ ଜଗନ୍ନାଥ ଓ ଲକ୍ଷ୍ମୀଙ୍କ ପକ୍ଷରୁ ବଚନିକା ପରେ ମହାପ୍ରଭୁ ଆଣିଥିବା ରସଗୋଲା ଦେଇ ମା’ ଲକ୍ଷ୍ମୀଙ୍କ ମାନଭଞ୍ଜନ କରିଥିଲେ। ବିଭିନ୍ନ ସ୍ଥାନରେ ରସଗୋଲା ପସରା ଖୋଲିଥିଲା। ଶ୍ରଦ୍ଧାଳୁ ଭକ୍ତମାନେ ରସଗୋଲା ନେଇ ରଥ ନିକଟରେ ଭୋଗ ଲଗାଇଥିଲେ । ମଙ୍ଗଳବାର ନୀଳାଦ୍ରି ଅବଢ଼ା ଭକ୍ତମାନେ ପାଇବେ । ଏଥିପାଇଁ ସେମାନେ ଅପେକ୍ଷାରେ ଅଛନ୍ତି। ନୀଳାଦ୍ରି ବିଜେ ଲାଗି ଆଜି ଶ୍ରଦ୍ଧାଳୁଙ୍କ ପ୍ରବଳ ଗହଳି ଲାଗି ରହିଥିଲା।

## ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ସାମ୍ବିଧାନିକ ଅଧିକାର: ସୁପ୍ରିମକୋର୍ଟ

### ପୋଲିସର କଠୋର ହସ୍ତକ୍ଷେପକୁ ଯଥାର୍ଥ କୁହାଯାଇପାରିବ ନାହିଁ

ନୂଆଦିଲ୍ଲୀ,୨୭।୭: ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ଆନ୍ଦୋଳନକାରୀ ଛାତ୍ରମାନଙ୍କ ଉପରେ ଲାଠିଚାର୍ଜକୁ ସୁପ୍ରିମକୋର୍ଟ ନିନ୍ଦା କରିଛନ୍ତି। ସୋମବାର ସୁପ୍ରିମକୋର୍ଟ ମୌଖିକ ଭାବେ ପର୍ଯ୍ୟବେକ୍ଷଣ କରି



କହିଛନ୍ତି ଯେ, ଶାନ୍ତିପୂର୍ଣ୍ଣ ପ୍ରତିବାଦ ଏକ ସାମ୍ବିଧାନିକ ଅଧିକାର ଯାହାକୁ ଛିନ୍ନ କରାଯାଇପାରିବ ନାହିଁ। ଆନ୍ଦୋଳନ ହେଉଥିବାରୁ ପୋଲିସର ବର୍ବରତା କିମ୍ବା କଠୋର ହସ୍ତକ୍ଷେପକୁ ଯଥାର୍ଥ କୁହାଯାଇପାରିବ ନାହିଁ। ଜୁଲାଇ ୨୦ ତାରିଖରେ ଯନ୍ତରମନ୍ତରରେ ପୋଲିସ ଲାଠିଚାର୍ଜ ଓ ଦେଶର ବିଭିନ୍ନ ସ୍ଥାନରେ ପ୍ରଦର୍ଶନକାରୀଙ୍କ ଉପରେ ଅତ୍ୟଧିକ ବଳ ପ୍ରୟୋଗ ସମ୍ପର୍କରେ ନୂତନ ଆବେଦନ ଦାଖଲ ହେବା ପରେ ସୁପ୍ରିମକୋର୍ଟ ଏହି ମତ ଦେଇଛନ୍ତି। ଏହି ଆବେଦନଗୁଡ଼ିକ ମଧ୍ୟରୁ ଜଣେ ଛାତ୍ରଙ୍କ ଦ୍ୱାରା ଦାୟର କରାଯାଇଛି ଯେଉଁଥିରେ ଦାବି ହୋଇଥିଲା ଯେ ସେମାନଙ୍କୁ ପ୍ରତିବାଦ ସମୟରେ ମାଡ଼ ମରାଯାଇଥିଲା। ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଓ ବିଚାରପତି ଭି. ମୋହନାଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ, ପ୍ରତିବାଦ ସମୟରେ ପୁଲିସ କର୍ମଚାରୀଙ୍କ ଉପରେ ଆକ୍ରମଣ ସମାନ ଭାବରେ ଚିନ୍ତାଜନକ ଓ ସରକାରଙ୍କୁ ଜବାବ ମଗାଯାଇପାରେ। ଖଣ୍ଡପୀଠ ମଙ୍ଗଳବାର ଏହି ମାମଲାର ଶୁଣାଣି କରିବେ। ଜୁଲାଇ ୨୦ ତାରିଖରେ କକ୍ରୋଚ ଜନତା ପାର୍ଟି ନେତୃତ୍ୱରେ ଛାତ୍ରମାନଙ୍କ ‘ସଂସଦ ଚଲୋ’ ଅଭିଯାନ ବେଳେ ଆନ୍ଦୋଳନକାରୀଙ୍କ ଉପରେ ଲାଠିଚାର୍ଜ ଓ ଲୁହବୁହା ଗ୍ୟାସ ପ୍ରୟୋଗ ଉପରେ ହୋଇଥିବା କେତେକ ଆବେଦନର ବିଚାର କରି ଖଣ୍ଡପୀଠ ଏହି ରାୟ ଦେଇଛନ୍ତି।

### ସିଏମ୍‌ଓରୁ ନାଇଡୁ କମିଶନ ରିପୋର୍ଟ ଗାଏବ ଘଟଣା

# କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୭।୭: ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ)ରୁ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ହତ୍ୟା ମାମଲାରେ ଜଷ୍ଟିସ୍ ନାଇଡୁ କମିଶନ ରିପୋର୍ଟ ହଜିବା ଘଟଣାରେ ରାଜ୍ୟ ସରକାର ସୋମବାର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି । ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ଯାହାକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ସୃଷ୍ଟି ହୋଇଛି । କ୍ରାଇମବ୍ରାଞ୍ଚ ଏନେଇ ମାମଲା ରୁଜୁ କରିବାକୁ ପ୍ରକ୍ରିୟା ଆରମ୍ଭ କରିଥିବା ଜଣାପଡ଼ିଛି । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ଏବଂ ଅନ୍ୟମାନଙ୍କ ହତ୍ୟା ମାମଲାରେ ଜଷ୍ଟିସ୍ ନାଇଡୁ କମିଶନ ରିପୋର୍ଟ ଏବଂ ସମ୍ ହସ୍ପିଟାଲରେ ଅଗ୍ନିକାଣ୍ଡ ଘଟଣାରେ ଆରଡିସି ଇନକ୍ୱାରୀ ରିପୋର୍ଟ ହଜିବା ଘଟଣାରେ କମିଶନରେଟ୍ ପୋଲିସ ତଦନ୍ତ ଚଳାଇଛି । ଏହି ଘଟଣାକୁ କେନ୍ଦ୍ର କରି ଜୁନ ୧୦ ତାରିଖରେ ଯୁଗ୍ମ ସଚିବ ଶରତ ଚନ୍ଦ୍ର ମାର୍ଣ୍ଡି ଲିଖିତ ଅଭିଯୋଗ କରିଥିଲେ । କ୍ୟାପିଟାଲ ଥାନା ପକ୍ଷରୁ ଏହାକୁ ଆଧାର କରି ଭାରତୀୟ ନ୍ୟାୟ ସଂହିତା ଦଫା ୩୦୫, ୩୧୬(୨), ୩୩୮(ଉ), ୨୪୧, ୬୧(୨)(ବି)ରେ ମାମଲା (ନଂ.୪୬୦/୨୦୨୬) ରୁଜୁ କରାଯାଇଥିଲା । କ୍ୟାପିଟାଲ ଥାନା ପୋଲିସ ବିଭିନ୍ନ ବ୍ୟକ୍ତିଙ୍କୁ ନୋଟିସ୍ କରିବା ସହ ତଦନ୍ତ ଜାରି ରଖିଛି । ୨୦୦୮ ଅଗଷ୍ଟ ୨୩ ତାରିଖରେ କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ ସ୍ଥିତ ଜଲେଶପଟା ଆଶ୍ରମରେ ଲୋମହର୍ଷଣକାରୀ ଘଟଣା ଘଟିଥିଲା । ଜନ୍ମାଷ୍ଟମୀ ଉତ୍ସବ ପାଳନ ବେଳେ ଆଶ୍ରମକୁ ୨୦ରୁ ୩୦ ଆତତାୟୀ ବନ୍ଧୁକ ସହ ପଶି ଆସିଥିଲେ। ବିଶ୍ୱ ହିନ୍ଦୁ ପରିଷଦ ନେତା ତଥା ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କୁ ଅତ୍ୟନ୍ତ ନିର୍ମମ ଭାବେ ହତ୍ୟା କରାଯାଇଥିଲା । ଏହି ଆକ୍ରମଣରେ ଆଶ୍ରମର ଅନ୍ୟ ୪ ଜଣ ସେବକ ମଧ୍ୟ ପ୍ରାଣ ହରାଇଥିଲେ । ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ପରେ କନ୍ଧମାଳରେ ଦଙ୍ଗା ନିଆଁ ଭଳି ବ୍ୟାପି ଯାଇଥିଲା । ପ୍ରାୟ ମାସେ ପର୍ଯ୍ୟନ୍ତ କନ୍ଧମାଳରେ ଦଙ୍ଗା ପରିସ୍ଥିତି ଲାଗି ରହିଥିଲା । ମୁଖ୍ୟମନ୍ତ୍ରୀ ସୋମବାର ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ସ୍ମୃତିରକ୍ଷା ଲାଗି ଏକ ବଡ଼ ଘୋଷଣା ପୂର୍ବକ ତାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଫୁଲବାଣୀସ୍ଥିତ ଜଲେଶପେଟା ଆଶ୍ରମ ଐତିହ୍ୟ ସୁରକ୍ଷା ପାଇଁ ୧୩ କୋଟି ଟଙ୍କା ଅନୁଦାନ ମଞ୍ଜୁର କରିଛନ୍ତି । ଫୁଲବାଣୀ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ନାମରେ ନାମିତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।






■ ଲକ୍ଷ୍ମଣାନନ୍ଦଙ୍କ ସ୍ମୃତିରକ୍ଷା: ୧୩ କୋଟି ଟଙ୍କା ମଞ୍ଜୁର

## ତୁରନ୍ତ ବନ୍ୟା ଆଶଙ୍କା ନାହିଁ: ରାଜସ୍ୱ ମନ୍ତ୍ରୀ



ଭୁବନେଶ୍ୱର,୨୭।୭: ବଙ୍ଗୋପସାଗରରେ ଗଭୀର ଅବପାତ ଯୋଗୁଁ ପ୍ରବଳ ବର୍ଷା ହେବା ନେଇ ଲୋକଙ୍କୁ ଆତଙ୍କିତ ନ ହେବାକୁ ଅନୁରୋଧ କରି, ରାଜ୍ୟ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୋମବାର କହିଛନ୍ତି ଯେ ରାଜ୍ୟ ସରକାର ପାଗ ପରିସ୍ଥିତିରୁ ସୃଷ୍ଟି ହେଉଥିବା ଯେକୌଣସି ସ୍ଥିତିର ମୁକାବିଲା ପାଇଁ ତୃଣମୂଳ ସ୍ତରରେ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକର ଅଧ୍ୟକ୍ଷତା କରିବା ପରେ, ପୂଜାରୀ କହିଛନ୍ତି ଯେ ସୋମବାର ସନ୍ଧ୍ୟାରୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ସ୍ୱାଭାବିକରୁ ପ୍ରବଳ କିମ୍ବା ଅତ୍ୟନ୍ତ ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି, ଯାହା ପରେ ତୀବ୍ରତା ହ୍ରାସ ପାଇବାର ଆଶା କରାଯାଉଛି। ସେ କହିଛନ୍ତି ଯେ ମହାନଦୀ ସମେତ ସମସ୍ତ ପ୍ରମୁଖ ନଦୀରେ ଜଳସ୍ତର ବିପଦ ସଙ୍କେତ ତଳେ ଥିବାରୁ ତୁରନ୍ତ ବନ୍ୟା ଆଶଙ୍କା ନାହିଁ। କଟକ ଜିଲ୍ଲାର ଐତିହାସିକ ଭଟ୍ଟାରିକା ମନ୍ଦିରରେ ମହାନଦୀ ବନ୍ୟାଜଳ ବୃଦ୍ଧି ପାଇବା ପରେ ସୁରକ୍ଷା ବ୍ୟବସ୍ଥାକୁ କର୍ତ୍ତୃପକ୍ଷ ବୃଦ୍ଧି କରିବାକୁ ବାଧ୍ୟ ହୋଇଛନ୍ତି। ପର୍ଯ୍ୟଟକମାନଙ୍କୁ ବିପଦପୂର୍ଣ୍ଣ ଅଞ୍ଚଳକୁ ଯିବାରୁ ରୋକିବା ପାଇଁ ଦେବୋତ୍ତର ବିଭାଗ ପ୍ରଭାବିତ ଅଞ୍ଚଳ ଚାରିପାଖରେ ଚେତାବନୀ ବ୍ୟାନର ଲଗାଇଛି। ମନ୍ଦିର କର୍ତ୍ତୃପକ୍ଷ କହିଛନ୍ତି ଯେ ନଦୀର ଜଳସ୍ତର ଉଚ୍ଚ ସ୍ତରରେ ପ୍ରବାହିତ ହେଉଥିବାରୁ ପରିସ୍ଥିତି ଉପରେ କଡ଼ା ନଜର ରଖାଯାଇଛି।

## ଆରପାରିରେ ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂହ



ଭୁବନେଶ୍ୱର,୨୭।୭(ନିପ୍ର): ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ରାଜ୍ୟର ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂହଙ୍କର ସୋମବାର ସକାଳେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୫୩ ବର୍ଷ ବୟସ ହୋଇଥିଲା।ପରିବାର ସୂତ୍ରରୁ ପ୍ରକାଶ ଯେ, ସୁଶାନ୍ତ ସିଂହ ଦୀର୍ଘଦିନ ଧରି ଏକ ଗୁରୁତର ରୋଗରେ ପୀଡ଼ିତ ଥିଲେ। ସୋମବାର ସକାଳେ ହଠାତ୍ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ସଙ୍କଟାପନ୍ନ ହୋଇପଡ଼ିଥିଲା। ଚିକିତ୍ସକମାନେ ସମସ୍ତ ପ୍ରକାର ଉଦ୍ୟମ କରିଥିଲେ ମଧ୍ୟ ତାଙ୍କୁ ବଞ୍ଚାଇପାରିନଥିଲେ। ଉଲ୍ଲେଖଯୋଗ୍ୟ ଯେ, ସୁଶାନ୍ତ ସିଂହ ୨୦୦୯, ୨୦୧୪ ଓ ୨୦୧୯ ମସିହାରେ କ୍ରମାଗତ ତିନିଥର ବିଜେଡି ଟିକେଟରେ ଭଟଲିବିଧାନସଭା ଆସନରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ନିଜ ରାଜନୈତିକ ଜୀବନରେ ସେ ଓଡ଼ିଶାସରକାରରେ ଶ୍ରମ ଓ ଗ୍ରାମୀଣ ବିକାଶ ମନ୍ତ୍ରୀ ଭାବେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱତୁଲାଇଥିଲେ। ବିଜୁଜନତା ଦଳ ସମେତ ବିଭିନ୍ନ ରାଜନୈତିକ ଦଳର ନେତାମାନେ ଗଭୀର ଶୋକ ପ୍ରକାଶ କରିଛନ୍ତି।

### ସାର୍ବଜନୀନ ପରୀକ୍ଷା ସଂଶୋଧନ ବିଲ୍

## ସଂସଦରେ ହଙ୍ଗାମା

ନୂଆଦିଲ୍ଲୀ,୨୭।୭: ସଂସଦର ମୌସୁମୀ ଅଧିବେଶନର ଅଷ୍ଟମ ଦିନରେ ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ ଯୋଗୁଁ ଲୋକସଭାକୁ ମଙ୍ଗଳବାର ସକାଳ ୧୧ଟା ପର୍ଯ୍ୟନ୍ତ ମୁଲତବୀ କରି ଦିଆଯାଇଛି। ସୋମବାର ଲୋକସଭାରେ ସାର୍ବଜନୀନ ପରୀକ୍ଷା ସଂଶୋଧନ ବିଲ୍ ଆଗତ କରାଯାଇଥିଲା। କେନ୍ଦ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଗୃହରେ ସାର୍ବଜନୀନ ପରୀକ୍ଷା ସଂଶୋଧନ ବିଲ୍ ଉପସ୍ଥାପନ କରିଥିଲେ। ତେବେ ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ ଯୋଗୁଁ ଆଲୋଚନା ହୋଇପାରିନଥିଲା। ଛାତ୍ରମାନଙ୍କୁ ମାଡ଼ ମାରିବା ପ୍ରସଙ୍ଗରେ ବିତର୍କ ପାଇଁ ବିରୋଧୀମାନେ ଜିଦ୍ ଧରି ରହିଥିଲେ। ଏହାପୂର୍ବରୁ ଗଣ୍ଡଗୋଳ ମଧ୍ୟରେ ଲୋକସଭାକୁ ପ୍ରଥମେ ମଧ୍ୟାହ୍ନ ୧୨ଟାରେ ତା’ପରେ ଅପରାହ୍ନ ୨ଟାରେ ଏବଂ ତା’ପରେ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିଲା। ଏହାପରେ ବିରୋଧୀ ଦଳଗୁଡ଼ିକର ପ୍ରବଳ ହଟ୍ଟଗୋଳ ଯୋଗୁଁ ଦିନର କାର୍ଯ୍ୟକାଳ ଶେଷ ହୋଇଯାଇଥିବାରୁ ମଙ୍ଗଳବାର ସକାଳ ୧୧ଟା ପର୍ଯ୍ୟନ୍ତ ସଂସଦକୁ ସ୍ଥଗିତ ରଖାଯାଇଛି। ଗଣ୍ଡଗୋଳ ଯୋଗୁଁ ଲୋକସଭାର କାର୍ଯ୍ୟ ଦିନକୁ ତିନିଥର ସ୍ଥଗିତ ରଖାଯାଇଥିଲା। ଯେତେବେଳେ ବି ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲା, କଂଗ୍ରେସ, ସମାଜବାଦୀ ପାର୍ଟିର ସାଂସଦମାନେ ବ୍ୟାନର ଓ ପୋଷ୍ଟର ଧରି ମଧ୍ୟଭାଗରେ ପହଞ୍ଚି ସ୍ଲୋଗାନ ଦେବା ଆରମ୍ଭ କରିଥିଲେ। ଲୋକସଭା ବାଚସ୍ପତି ଓମ ବିର୍ଲା କହିଛନ୍ତି ଯେ ସରକାର ଏବଂ ବିରୋଧୀ ସାଂସଦମାନେ ଏକାଠି ହୋଇ ଏହି ବିଲ୍ ଉପରେ ଆଲୋଚନା କରିବା ଉଚିତ। ଏହାପରେ ବିର୍ଲା କଂଗ୍ରେସ ସାଂସଦ କେସି ଭେନୁଗୋପାଳ ଏବଂ ସମାଜବାଦୀ ପାର୍ଟି ସାଂସଦ ଅଖିଳେଶ ଯାଦବଙ୍କୁ ଭେଟିଥିଲେ। ଏଥିସହିତ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ଲୋକସଭା ବାଚସ୍ପତି ଓମ ବିର୍ଲାଙ୍କୁ କହିଛନ୍ତି ଯେ ସାର୍ବଜନୀନ ପରୀକ୍ଷା (ଅନୁଚିତ ଉପାୟର ପ୍ରତିରୋଧ) (ସଂଶୋଧନ) ବିଲ୍, ୨୦୨୬ ଉପରେ ଆଲୋଚନା ପାଇଁ ବିରୋଧୀ କାହିଁକି ସ୍ଲୋଗାନ ଦେଉଛନ୍ତି ତାହା ମୋର ବୁଝିବା ବାହାରେ। ରିଜିଜୁ କହିଥିଲେ ଯେ ସମଗ୍ର ଦେଶର ଯୁବପିଢ଼ିଙ୍କ ନଜର ଏହି ବିଲ୍ ଉପରେ ରହିଛି।



# ସାଧାରଣ ଲୋକଙ୍କ ସହ ଅଛନ୍ତି ରାଜ୍ୟ ସରକାର

● ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି: ୧୮ ପାଳି ସୁଦ୍ଧା ୯୬ ପ୍ରତିଶତ ସମାଧାନ
● ଜିଲ୍ଲାସ୍ତରରେ ୮୯ ପ୍ରତିଶତର ଅଭିଯୋଗର ସମାଧାନ
● ୧୨ ରୋଗୀଙ୍କୁ ୬.୧୫ ଲକ୍ଷ ଟଙ୍କା ଚିକିତ୍ସା ସହାୟତା
● ସମାଧାନର ହାର ବୃଦ୍ଧି ପାଉଛି

ଭୁବନେଶ୍ୱର,୨୭।୭(ନିପ୍ର): ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ୧୯ତମ ପାଳିରେ ସୋମବାର ସକାଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ୟୁନିଟ-୨ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ପହଞ୍ଚି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହିତ ମନ୍ତ୍ରିମଣ୍ଡଳର ୬ଜଣ ବରିଷ୍ଠ ମନ୍ତ୍ରୀ ମଧ୍ୟ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପ୍ରତିଟି ଅଭିଯୋଗର ସ୍ଥିତି ଉପରେ ନିୟମିତ ନଜର ରଖାଯାଉଛି। ରାଜ୍ୟସ୍ତର ଠାରୁ ଆରମ୍ଭ କରି ଜିଲ୍ଲାସ୍ତର ପର୍ଯ୍ୟନ୍ତ ଅଭିଯୋଗ ଶୁଣାଣି ବ୍ୟବସ୍ଥାର ତଦାରଖ କରାଯାଉଛି। ତେଣୁ, ସମାଧାନର ହାର ବୃଦ୍ଧି ପାଉଛି । ଏହାଦ୍ୱାରା ଏହି ବ୍ୟବସ୍ଥା ଉପରେ ସାଧାରଣ ଲୋକଙ୍କ ଭରସା ବୃଦ୍ଧି ପାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ ଯେ, ପୂର୍ବରୁ ରାଜ୍ୟସ୍ତରରେ ଅନୁଷ୍ଠିତ ୧୮ଟି ପାଳିରେ ଅଭିଯୋଗ ପ୍ରକୋଷ୍ଠକୁ ଆସିଥିବା ୧୪,୯୪୧ ଅଭିଯୋଗ ମଧ୍ୟରୁ ୧୪,୩୩୧ ଅର୍ଥାତ ୯୬ ପ୍ରତିଶତ ଅଭିଯୋଗର ସଫଳ ସମାଧାନ କରାଯାଇସାରିଛି। ଏଥି ସହିତ ଜିଲ୍ଲାସ୍ତରରେ ଜିଲ୍ଲାପାଳ ଓ ଏସ୍.ପି ମାନେ ନିୟମିତ ଭାବେ ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣୁଥିବା ବେଳେ ତହସିଲ ଓ ବ୍ଲକ ସ୍ତରରେ ମଧ୍ୟ ଅଭିଯୋଗ ଶୁଣାଣି ନିୟମିତ ରୂପେ ଚାଲିଛି। ଜିଲ୍ଲାସ୍ତରରେ ଜୁନ୍ ମାସ ଶେଷ ସୁଦ୍ଧା ୨,୫୯,୨୧୩ ଅଭିଯୋଗ ଶୁଣାଣି ହୋଇ ୮୯ ପ୍ରତିଶତ ଅଭିଯୋଗର ସମାଧାନ ହୋଇଛି। ଏହା ଦ୍ୱାରା ସାଧାରଣ ଲୋକମାନେ ସେମାନଙ୍କ ଆପତ୍ତି ଅଭିଯୋଗ ଶୁଣାଣି ପାଇଁ ଆଉ ପୂର୍ବ ଭଳି ବିଶେଷ ହଇରାଣ ହରକତ ହେଉନାହାନ୍ତି। ପ୍ରଶାସନିକ ବ୍ୟବସ୍ଥାରେ ଏହି ପରିବର୍ତ୍ତନ ସାଧାରଣ ଲୋକଙ୍କ ଭିତରେ ଏକ ବଡ ପ୍ରଭାବ ପକାଇଛି ଓ ସରକାରଙ୍କ ଉପରେ ସାଧାରଣ ଲୋକଙ୍କ ଆସ୍ଥା ବୃଦ୍ଧି ପାଇଛି। ସବୁଥର ପରି ଆଜି ମୁଖ୍ୟମନ୍ତ୍ରୀ ସକାଳେ ପ୍ରଥମେ ଆସି ବାହାରେ ଅପେକ୍ଷା କରିଥିବା ଦିବ୍ୟାଙ୍ଗ ଓ ଦୁରାରୋଗ୍ୟରେ ପୀଡ଼ିତ ଲୋକମାନଙ୍କୁ ଭେଟି ସେମାନଙ୍କ ସମସ୍ୟା ଶୁଣିଥିଲେ। ସେମାନଙ୍କ ଅଭିଯୋଗ ପତ୍ର ଗ୍ରହଣ କରି ତୁରନ୍ତ ପଦକ୍ଷେପ ନେବା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ପ୍ରକୋଷ୍ଠ ଭିତରେ ପଂଜୀକୃତ କରିଥିବା ଅଭିଯୋଗକାରୀମାନଙ୍କ ଅଭିଯୋଗ ଶୁଣିଥିଲେ। ବିଭିନ୍ନ ଦୁରାରୋଗ୍ୟ ରୋଗରେ ପୀଡ଼ିତ ପ୍ରାୟ ୧୨ ଜଣଙ୍କ ପାଇଁ ଆଜି ମୁଖ୍ୟମନ୍ତ୍ରୀ ସିଙ୍ଗିଲ୍ ୱିଣ୍ଡୋ ସିଷ୍ଟମ ଜରିଆରେ ୬.୧୫ ଲକ୍ଷ ଟଙ୍କା ଚିକିତ୍ସା ସହାୟତା ରାଶି ମଞ୍ଜୁର କରିଛନ୍ତି। ଉଭୟ ଅନଲାଇନ ଓ ଅଫଲାଇନ ଜରିଆରେ ୭୦୦ରୁ ଅଧିକ ଅଭିଯୋଗ ପତ୍ର ଗ୍ରହଣ କରାଯାଇଛି। ଗଣମାଧ୍ୟମ ଆଗରେ ବିବୃତି ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମ ସରକାର ପ୍ରଥମରୁ ହିଁ ସାଧାରଣ ଲୋକଙ୍କ ସହିତ ଯୋଡି ହୋଇରହିଛି। ସାଧାରଣ ଲୋକଙ୍କ ସମସ୍ୟା ପ୍ରତି ଆମେ ସର୍ବାଧିକ ଗୁରୁତ୍ୱ ଦେଇ କାମ କରୁଛୁ। ଆମ ସରକାର ପ୍ରକୃତ ଅର୍ଥରେ ହେଉଛି ସାଧାରଣ ଲୋକଙ୍କ ସରକାର ବୋଲି ସେ ଉଲ୍ଲେଖ କରିଥିଲେ।



# ପ୍ରାଚୀନ ପର୍ବ ରଥଯାତ୍ରା: ରଖେ ଏକତାର ବାର୍ତ୍ତା

# ଏକ ପର୍ବ ନୁହେଁ, ବରଂ ଏକ ଚିନ୍ତାଧାରା



ଆଜିର ବିଭାଜିତ ବିଶ୍ୱରେ, ଏକାଠି ଆଗକୁ ବଢ଼ିବାର ବାର୍ତ୍ତା ଦିଏ ରଥଯାତ୍ରା ଏହି ବିଭାଜନ ମଧ୍ୟରେ ଏକତା, ନମ୍ରତା ଏବଂ ମିଳିତ ଦାୟିତ୍ୱବୋଧର ଏକ ସମୟୋପଯୋଗୀ ଶିକ୍ଷା ପ୍ରଦାନ କରେ ଏହି ପ୍ରାଚୀନ ପର୍ବ।

ଏପରି ଏକ ସମୟରେ ଯେତେବେଳେ ବିଶ୍ୱ ନିଜକୁ ବିଭକ୍ତ କରୁଥିବା ପରି ମନେହେଉଛି- ଯୁଦ୍ଧଗୁଡ଼ିକ ସୀମା ନିର୍ଦ୍ଧାରଣ କରୁଛନ୍ତି, ସମାଜର ପରିଚୟ ଆଧାରରେ ଧ୍ରୁବୀକରଣ ହେଉଛି ଏବଂ ବିଭିନ୍ନ ଅନୁଷ୍ଠାନ ଉପରୁ ଜନସାଧାରଣଙ୍କ ଆସ୍ଥା ହ୍ରାସ ପାଉଛି- ସେତିକିବେଳେ ଲୋକମାନେ ଏକାଠି ମିଳିମିଶି କାର୍ଯ୍ୟ କରୁଥିବାର ଦୃଶ୍ୟ ଅତ୍ୟନ୍ତ ବିରଳ ହୋଇପଡ଼ିଛି।

ଏହା ସତ୍ତ୍ୱେ, ପ୍ରତିବର୍ଷ ପୁରୀର ବଡ଼ଦାଣ୍ଡରୁ ଆରମ୍ଭ କରି ଲଣ୍ଡନ, ନ୍ୟୁୟର୍କ, ମେଲବୋର୍ଣ୍ଣ ଏବଂ ସିଙ୍ଗାପୁରର ରାଜପଥ ପର୍ଯ୍ୟନ୍ତ ଏକ ଆଶ୍ଚର୍ଯ୍ୟଜନକ ବିପରୀତ ଚିତ୍ର ଅତି ନିରବତାର ସହ ପ୍ରକଟ ହୋଇଥାଏ: ହଜାର ହଜାର ଲୋକ, ଯେଉଁମାନେ ପରସ୍ପର ପାଇଁ ସମ୍ପୂର୍ଣ୍ଣ ଅପରିଚିତ, ସମସ୍ତେ ଗୋଟିଏ ରଶିକୁ ଧରି ଏକ ନିର୍ଦ୍ଦିଷ୍ଟ ଦିଗରେ ଆଗକୁ ବଢ଼ିଥାନ୍ତି।

ଏହା ହିଁ ରଥଯାତ୍ରା—କେବଳ ଏକ ପର୍ବ ନୁହେଁ, ବରଂ ଏକ ଚିନ୍ତାଧାରା ଯାହାର ଆବଶ୍ୟକତା ଆଜିର ବିଶ୍ୱ ପାଇଁ ସବୁଠାରୁ ଅଧିକ ରହିଛି।

ଯେତେବେଳେ ଭଗବାନ ଦୂରତାକୁ ହ୍ରାସ କରନ୍ତିଯେ କୌଣସି ଆଧ୍ୟାତ୍ମିକ ପରମ୍ପରାରେ ବ୍ୟକ୍ତିକୁ ଭଗବାନଙ୍କ ଆଡ଼କୁ ଯାତ୍ରା କରିବାକୁ ପଡ଼ିଥାଏ। କିନ୍ତୁ ଜଗନ୍ନାଥ ସଂସ୍କୃତି ଏହି ଧାରଣାକୁ ଅତି ସହଜରେ ବଦଳାଇ ଦିଏ। ଏଠାରେ ଭଗବାନ ନିଜେ ପ୍ରଥମ ପଦକ୍ଷେପ ନିଅନ୍ତି।

ମହାପ୍ରଭୁ ଗର୍ଭଗୃହ (ରତ୍ନବେଦୀ) ଛାଡ଼ି ରାଜପଥକୁ ଓହ୍ଲାଇ ଆସନ୍ତି- ଦୂରରୁ ନିଜର ପ୍ରଭୁତ୍ୱ ଜାହିର କରିବା ପାଇଁ ନୁହେଁ, ବରଂ ସମସ୍ତ ଦୂରତାକୁ ମିଶାଇ ଦେବା ପାଇଁ।

## ଅସୀମ ଉଦାରତା ପାଇଁ ଆଦୃତି

ଆଜିର ବିଶ୍ୱରେ ଏହି ବ୍ୟତିକ୍ରମ ଏକ ଗଭୀର ଅର୍ଥ ବହନ କରେ। ଏପରି ଏକ ସମୟରେ ଯେତେବେଳେ ଲୋକମାନେ ନିଜ ନିଜର ଗୋଷ୍ଠୀଗତ ଗଣ୍ଡି (ଧାର୍ମିକ, ରାଜନୈତିକ ଏବଂ ଡିଜିଟାଲ୍ ଇକୋ ଚେମ୍ବର) ମଧ୍ୟରେ ସୀମିତ ରହିଯାଉଛନ୍ତି, ସେତେବେଳେ ଏହା ଏକ ଭିନ୍ନ ଆଦର୍ଶ ପ୍ରଦାନ କରେ: ଯାହା ପବିତ୍ର, ତାହା ମଣିଷକୁ ସେଇଠି ଭେଟିବାକୁ ପ୍ରସ୍ତୁତ ରହିବା ଉଚିତ।

ଓଡ଼ିଶାରୁ ଆରମ୍ଭ କରି ବିଭିନ୍ନ ମହାଦେଶର ବିଶ୍ୱସ୍ତରୀୟ ସହରଗୁଡ଼ିକ ପର୍ଯ୍ୟନ୍ତ, ଏହି ମହାନ କାର୍ଯ୍ୟ କୌଣସି ନିର୍ଦ୍ଦିଷ୍ଟ ମତବାଦ ପାଇଁ ନୁହେଁ, ବରଂ ଏହାର ଅସୀମ ଉଦାରତା ପାଇଁ ଆଦୃତ ହୋଇଛି। ଏହା କୌଣସି ବାଧ୍ୟବାଧକତା ବିନା ସମସ୍ତଙ୍କୁ ଏଥିରେ ସାମିଲ ହେବାକୁ ଆମନ୍ତ୍ରଣ କରିଥାଏ।

ସମାଜକୁ ଆଗକୁ ନେଉଥିବା ରଥଯାତ୍ରାର ପ୍ରକୃତ ଶକ୍ତି ରଥର ଭବ୍ୟତା ମଧ୍ୟରେ ନାହିଁ, ବରଂ ଏହାର ଚଳନର ନମ୍ରତା ମଧ୍ୟରେ ରହିଛି।ରଥ ସେପର୍ଯ୍ୟନ୍ତ ଆଗକୁ ବଢ଼େ ନାହିଁ ଯେପର୍ଯ୍ୟନ୍ତ ଅନେକ ହାତ ଏକାଠି ମିଳିତ ପ୍ରୟାସ ନ କରିଛନ୍ତି। ସେହି ମୁହୂର୍ତ୍ତରେ କୌଣସି ଶ୍ରେଣୀଭେଦ ନଥାଏ- ଥାଏ କେବଳ ସାମୂହିକ ଉଦ୍ୟମ ଏବଂ ସାମୂହିକ ସଂକଳ୍ପ। ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ପରିଚୟ ଏବଂ କଠୋର ଆଭିମୁଖ୍ୟ ଦ୍ୱାରା ଖଣ୍ଡବିଖଣ୍ଡିତ ହେଉଥିବା ଏକ ବିଶ୍ୱରେ, ଏହି ସରଳ କାର୍ଯ୍ୟଟି ଏକ ଶକ୍ତିଶାଳୀ ସାମାଜିକ ରୂପକ ସଦୃଶ। ପ୍ରଗତି କେବଳ ବ୍ୟକ୍ତିଗତ ଦାବିର ବିଜୟ ନୁହେଁ- ଏହା ହେଉଛି ସାମୂହିକ ଇଚ୍ଛାଶକ୍ତିର ପରିଣାମ।ଯେତେବେଳେ ସମାଜଗୁଡ଼ିକ ସାଧାରଣ ସହମତି ପାଇଁ ସଂଘର୍ଷ କରୁଛନ୍ତି, ଏହି ପର୍ବ ଏକ ନିରବ କିନ୍ତୁ ଜରୁରୀ ପ୍ରଶ୍ନ ପଚାରେ: ଆମର ଚିନ୍ତାଧାରା ଭିନ୍ନ ହେଲେ ମଧ୍ୟ ଆମେ କ'ଣ ଏକାଠି କାମ କରିପାରିବା ?ସେବା ମାଧ୍ୟମରେ କ୍ଷମତାର ପୁନର୍ବିନ୍ୟାସ। ସେହିପରି ଅନ୍ୟ ଏକ ଶକ୍ତିଶାଳୀ ପରମ୍ପରା ହେଉଛି 'ଛେରା ପହଁରା', ଯେଉଁଠାରେ ଏହି ପରମ୍ପରାର ସର୍ବୋଚ୍ଚ ସାର୍ବଭୌମ ଅଧିକାରୀ ଗଜପତି ମହାରାଜା ନିଜ ହାତରେ ସୁବର୍ଣ୍ଣ ଖଡ଼ିକା ଧରି ରଥ ଆଗରେ ବାଟ ଓଳାଇଥାନ୍ତି।

## ସ୍ଥାୟୀ ନେତୃତ୍ୱର ମୂଳଦୁଆ

ଏହା କୌଣସି ପ୍ରଭୁତ୍ୱ ନୁହେଁ, ବରଂ ସେବା। ଏହା କୌଣସି ଦୂରତା ନୁହେଁ, ବରଂ ଦାୟିତ୍ୱ। ସାର୍ବଜନୀନ ଅବିଶ୍ୱାସ ଏବଂ ନେତୃତ୍ୱର ସଙ୍କଟ ଦେଇ ଗତି କରୁଥିବା ଆଜିର ସମୟରେ ଏହି ଚିତ୍ରଟି ଅତ୍ୟନ୍ତ ପ୍ରାସଙ୍ଗିକ ମନେହୁଏ। ସେବା ନ କରୁଥିବା କର୍ତ୍ତୃତ୍ୱ ଶେଷରେ ନିଜର ବୈଧତା ହରାଏ। ନମ୍ରତା କେବଳ ଏକ ସାଙ୍କେତିକ ବିଷୟ ନୁହେଁ- ଏହା ଏକ ସ୍ଥାୟୀ ନେତୃତ୍ୱର ମୂଳଦୁଆ।

ଅପୂର୍ଣ୍ଣତା ଏକ ସତ୍ୟ, ତ୍ରୁଟି ନୁହେଁସ୍ୱୟଂ ଶ୍ରୀଜଗନ୍ନାଥଙ୍କ ରୂପରେ ମଧ୍ୟ ଏକ ବାର୍ତ୍ତା ରହିଛି ଯାହାକୁ ଆଧୁନିକ ସମାଜ ପ୍ରାୟତଃ ଅଣଦେଖା କରିଦିଆଯାଏ।

ମହାପ୍ରଭୁଙ୍କର ଅସମ୍ପୂର୍ଣ୍ଣ ଶରୀର ଏବଂ ଅସାଧାରଣ ଗଠନ ପାରମ୍ପରିକ ଶାରୀରିକ ସୌନ୍ଦର୍ଯ୍ୟର ସଂଜ୍ଞାଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଏହା ଅପୂର୍ଣ୍ଣତାକୁ ନିଜ ମଧ୍ୟରେ ସ୍ୱୀକାର କରିଥାଏ।

## ବାସ୍ତବ ଜୀବନ ଅନୁଭୂତିରେ ପ୍ରମାଣିତ ହୁଏ 'ବସୁଧୈବ କୁଟୁମ୍ବକମ୍'

ଏହି ରୂପ ଏକ ଗଭୀର ସତ୍ୟ ଆଡ଼କୁ ଇଶାରା କରେ—ଯେ ସମ୍ମାନ କେବଳ ସମ୍ପୂର୍ଣ୍ଣତା ଉପରେ ନିର୍ଭରଶୀଳ ନୁହେଁ। ପବିତ୍ରତା ସାଧାରଣ, ଅପୂର୍ଣ୍ଣ ଏବଂ ମାନବୀୟ ଜୀବନ ମଧ୍ୟରେ ବି ବିଦ୍ୟମାନ ରହିପାରେ।ଗରିବୀ, ଅକ୍ଷମତା କିମ୍ବା ସାମାଜିକ ଅବହେଳାର ଶିକାର ହୋଇଥିବା ଲୋକଙ୍କ ପାଇଁ ଏହା କେବଳ ଏକ ପ୍ରତୀକ ନୁହେଁ, ବରଂ ସେମାନଙ୍କର ଅସ୍ତିତ୍ୱର ଏକ ମହାନ ସ୍ୱୀକୃତି।

ଯେଉଁଠି ଅପରିଚିତ ଲୋକ ଏକ ପରିବାରରେ ପରିଣତ ହୁଅନ୍ତିରଥଯାତ୍ରାକୁ ବିଶ୍ୱବ୍ୟାପୀ କରିବାରେ କେବଳ ବିଶ୍ୱାସ ନୁହେଁ, ବରଂ ସମସ୍ତଙ୍କ ଭାଗୀଦାରିତା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଏହାର ତତ୍ତ୍ୱକୁ ସମ୍ପୂର୍ଣ୍ଣ ଭାବେ ନ ବୁଝିଲେ ମଧ୍ୟ ମଣିଷ ଏହାର ଭାବରେ ଆପେ ଆପେ ବାନ୍ଧି ହୋଇଯାଏ।

ଲୋକମାନେ ଆଗକୁ ଆସନ୍ତି। ରଥ ଦଉଡ଼ି ଟାଣନ୍ତି। ଏକାଠି ପାଦ ମିଳାଇ ଚାଲନ୍ତିଏବଂ ଏକ ସଂକ୍ଷିପ୍ତ ମୁହୂର୍ତ୍ତ ପାଇଁ, ଏକ ବିରଳ ଘଟଣା ଘଟେ- ଏକ ବିରାଟ ଜନସମୁଦାୟ ଏକ ସୁନ୍ଦର ସମାଜ ବା ପରିବାରରେ ରୂପାନ୍ତରିତ ହୋଇଯାଏ।ଏହି ଏକତା କୌଣସି ପାରସ୍ପରିକ ଚୁକ୍ତିନାମା ଦ୍ୱାରା ଆସିନଥାଏ, ବରଂ ଏକ ସାମୂହିକ କାର୍ଯ୍ୟ ମାଧ୍ୟମରେ ପ୍ରତିଫଳିତ ହୁଏ। ଏହା ଆମର ସେହି ପ୍ରାଚୀନ ଚିନ୍ତାଧାରା—'ବସୁଧୈବ କୁଟୁମ୍ବକମ୍' (ସାରା ବିଶ୍ୱ ଆମର ପରିବାର) ର ବାର୍ତ୍ତା ବହନ କରେ, ଯାହା କେବଳ ଶବ୍ଦରେ ନୁହେଁ, ବରଂ ବାସ୍ତବ ଜୀବନର ଅନୁଭୂତିରେ ପ୍ରମାଣିତ ହୁଏ।

ଏକ ଅନିଶ୍ଚିତ ସମୟରେ ଏକ ଜରୁରୀ ବିଚାରଆଜିର ପୃଥିବୀ ପୂର୍ବ ଅପେକ୍ଷା ଅଧିକ ଯୋଡ଼ି ହୋଇ ରହିଛି, କିନ୍ତୁ ମନୋଭାବରେ ବିଭକ୍ତ ହେବାରେ ଲାଗିଛି। ପ୍ରଯୁକ୍ତିବିଦ୍ୟା ଦୂରତା କମାଇ ଦେଇଛି ସତ, କିନ୍ତୁ ଅବିଶ୍ୱାସ କମାଇ ପାରିନାହିଁ। ଅର୍ଥନୀତିର ବିକାଶ ଘଟିଛି, କିନ୍ତୁ ଅସମାନତା ଏବେ ବି ରହିଛି।

ଏପରି ଏକ ବିଶ୍ୱରେ, ରଥଯାତ୍ରା ପ୍ରଗତିର ଏକ ଭିନ୍ନ ପରିଭାଷା ସୃଷ୍ଟି କରେ- ସମାଜ କେତେ ସମ୍ପତ୍ତି ପରିଗ୍ରହ କରିଛି ସେଥିରେ ନୁହେଁ, ବରଂ କେତେ ଲୋକଙ୍କୁ ସାମିଲ କରିପାରିଛି ସେଥିରେ। ନିଜ ସଫଳତାର ଶିଖରରେ ନୁହେଁ, ବରଂ ସହାନୁଭୂତିର ଗଭୀରତା ମଧ୍ୟରେ।

## ସହାନୁଭୂତି, ନମ୍ରତା ଏବଂ ମିଳିତ ଦାୟିତ୍ୱବୋଧ

ପ୍ରତିବର୍ଷ ରଥ କେବଳ କିଛି ଦିନ ପାଇଁ ହିଁ ଗଢ଼ିଥାଏ। କିନ୍ତୁ ଏହା ବହନ କରୁଥିବା ଆଦର୍ଶ କେବଳ ଏକ ରୀତିନୀତି ମଧ୍ୟରେ ସୀମିତ ରହିବା ଉଚିତ ନୁହେଁ। ଯଦି ସ୍ୱୟଂ ଭଗବାନ ରାଜପଥକୁ ଓହ୍ଲାଇ ଆସିପାରନ୍ତି, ତେବେ କରୁଣା ଓ ଦୟା ମଧ୍ୟ ସେହିପରି ସାଧାରଣ ଜୀବନକୁ ଆସିବା ଉଚିତ । ଶାସନ ବ୍ୟବସ୍ଥା ମଧ୍ୟକୁ;ବିଭିନ୍ନ ଅନୁଷ୍ଠାନ ମଧ୍ୟକୁଏବଂ ପ୍ରତିଦିନର ମାନବୀୟ ସମ୍ପର୍କ ମଧ୍ୟକୁ।କାରଣ ପରିଶେଷରେ, କେବଳ ଭିତ୍ତିଭୂମି କିମ୍ବା ଚିନ୍ତାଧାରା ଦ୍ୱାରା ସମାଜ ଗଠିତ ହୋଇନଥାଏ- ଏହା ସହାନୁଭୂତି, ନମ୍ରତା ଏବଂ ମିଳିତ ଦାୟିତ୍ୱବୋଧର ସେହି ଅଦୃଶ୍ୟ ସୂତା ଦ୍ୱାରା ଏକାଠି ବାନ୍ଧି ହୋଇ ରହିଥାଏ।

ସେହି ରଶି ଆଜି ବି ଅପେକ୍ଷା କରିଛି।

ନିଜକୁ ଖଣ୍ଡବିଖଣ୍ଡିତ କରୁଥିବା ଏକ ବିଶ୍ୱରେ, ଅସଲ ପ୍ରଶ୍ନ ଏହା ନୁହେଁ ଯେ ରଥ ଆଗକୁ ବଢ଼ିବ କି ନାହିଁ- ବରଂ ପ୍ରଶ୍ନ ହେଉଛି ଆମେ ସମସ୍ତେ ଏକାଠି ମିଳିମିଶି ଏହାକୁ ଟାଣିବା କି ନାହିଁ।

ମହାପ୍ରଭୁ ଶ୍ରୀଜଗନ୍ନାଥ ସମଗ୍ର ମାନବ ସମାଜକୁ ପରସ୍ପର ପ୍ରତି ପ୍ରେମ, ଦୟା ଏବଂ ସହାନୁଭୂତି ପ୍ରଦାନ କରନ୍ତୁ।

*-ଧୀରେନ୍ଦ୍ର କୁମାର କର*
*ମୋ: ୭୩୨୭୦ ୦୮୪୭୭*

# ଦେବଦାସୀଙ୍କ ତ୍ୟାଗପୂତ ଜୀବନ ଓ ଏହାର ବିଲୋପ





ପ୍ରଥମେ ଆମମାନଙ୍କର ଜାଣିବା ଦରକାର ଯେ ଦେବଦାସୀ ପ୍ରଥା କ'ଣ ଓ ଏହା କିପରି ପ୍ରଚଳିତ ହୋଇଥଲା । ଦେବାଦେବୀଙ୍କ ମନ୍ଦିରର ନୃତ୍ୟାଙ୍ଗନାମାନଙ୍କୁ ଦେବଦାସୀ କୁହାଯାଉଥିଲା ରାଜସଭାରେ ରାଜ ନର୍ତ୍ତକୀମାନଙ୍କ ଅନୁସରଣରେ ଦେଶର ବିଭିନ୍ନ ମନ୍ଦିରରେ ପ୍ରଚଳନ ହୋଇଥିଲା । ଦେବତାମାନଙ୍କ ପ୍ରତି ଏମାନଙ୍କ ନୃତ୍ୟ ଓ ଜୀବନ ଶୈଳୀ ଏକ ଉତ୍ସର୍ଗୀକୃତ ଜୀବନ କହିଲେ ଅତ୍ୟୁକ୍ତି ହେବ ନାହିଁ। ଯଦିଓ ଏହା ଏକ ପୁରାତନ ପ୍ରଥା ଓ ଶୁଦ୍ଧପୂତ ଜୀବନ ଶୈଳୀ ଆମ ଦେଶରେ ଥିଲା କିନ୍ତୁ ବିଶ୍ୱର ଅନେକ ଦେଶରେ ମଧ୍ୟ ଏହା ପ୍ରଚଳିତ ଥିଲା। ଯେମିତିକି ଗ୍ରୀସ୍‌ର ଭେନସ୍ ଦେବୀଙ୍କ ମନ୍ଦିର, ମିଶରରେ ଓରିସାସ ଓ ଆଇରିସଙ୍କ ମନ୍ଦିରରେ ଏହା ପ୍ରଚଳିତ ଥିଲା। ସୌରାଷ୍ଟ୍ରର ପ୍ରଖ୍ୟାତ ସୋମନାଥ ମନ୍ଦିରରେ ଚତୁର୍ଥ ଓ ପଞ୍ଚମ ଶତାବ୍ଦୀରେ ମହାଦେବଙ୍କ ସମ୍ମୁଖରେ ଦେବଦାସୀ ମାନେ ତାଣ୍ଡବ ନୃତ୍ୟ କରୁଥିଲେ । ଦାକ୍ଷିଣାତ୍ୟର ଚୋଳ,ଚାଲୁକ୍ୟ ,ରାଷ୍ଟ୍ରକୁଟ ଓ ପଲ୍ଲବ ବଂଶୀୟ ରାଜାମାନେ ଶିବ ଓ ବିଷ୍ଣୁ ମନ୍ଦିରରେ ନୃତ୍ୟାଙ୍ଗନା ନିଯୁକ୍ତି ଦେଇଥିବାର ପ୍ରମାଣ ରହିଛି । ଓଡ଼ିଶାରେ ଅଷ୍ଟମ ଶତାବ୍ଦୀରେ କେଶରୀ ବଂଶ ର ରାଜା ଉଦ୍ୟତ କେଶରୀଙ୍କ ମାତା କଳାବତୀ ଦେବୀଙ୍କ ଦ୍ୱାରା ନିର୍ମିତ ଭୁବନେଶ୍ୱରର ବ୍ରହ୍ମେଶ୍ୱର ଶିବ ମନ୍ଦିରର ଶିଳାଲେଖରୁ ଜଣାପଡ଼େ ଯେ ଶିବ ଙ୍କ ଆଗରେ ଦେବଦାସୀମାନେ ନୃତ୍ୟ କରୁଥିଲେ। ତତ୍ ପୂର୍ବରୁ ଭାରତୀୟ ସମାଜ ରେ ନଗର ଓ ଜନପଦରେ ନଗର ବଧୂଙ୍କ ନୃତ୍ୟର ଅନେକ ଆଦର ଥିଲା । ଅଷ୍ଟମ ଶତାବ୍ଦୀରେ ତନ୍ତ୍ର ସାଧକମାନଙ୍କ ଦ୍ୱାରା ବାମାଚାରୀ ତାନ୍ତ୍ରିକମାନେ ସର୍ବ ପ୍ରଥମେ ନାରୀମାନଙ୍କ ଦ୍ୱାରା ଅଭିଚାରିକା କାର୍ଯ୍ୟ ସମ୍ପାଦନ କରାଉଥିଲେ । ବାଚସ୍ପତ୍ୟମ ଗ୍ରନ୍ଥରେ ଲେଖା ଅଛି ଯେ ଯେଉଁ ଅଙ୍ଗନାମାନେ ନିଜର ବାସନା ଓ ଇନ୍ଦ୍ରିୟ ଦମନ କରି ନିଜକୁ ଦେବତାମାନଙ୍କୁ ସମର୍ପିତ ହୋଇ ଥାଆନ୍ତି ସେମାନେ ହିଁ ଦେବଦାସୀ । ଭୁବନେଶ୍ୱର ମେଘେଶ୍ୱର ମନ୍ଦିର ,ନିଆଳିର ଶୋଭନେଶ୍ୱର୍ ,ଭୁବନେଶ୍ୱରର ଅନନ୍ତ ବାସୁଦେବ ମନ୍ଦିର ,ପୁରୀର ଜଗନ୍ନାଥ ମନ୍ଦିରରେ ଏହି ମାହାରୀ ବା ଦେବଦାସୀ ନୃତ୍ୟ ପ୍ରଚଳିତ ଥିବାର ଅନେକ ବଳିଷ୍ଠ ପ୍ରମାଣ ରହିଛି। ଚନ୍ଦ୍ରଦତ୍ତଙ୍କ ଭକ୍ତିମାଳ ଗ୍ରନ୍ଥରେ ଉଲ୍ଲେଖ ରହିଛି ଯେ ' ଦେବ ଦେବ ଜଗନ୍ନାଥ ଦେବଶର୍ମା ଦ୍ରବିବ, ବତଃ ଦେବ ଦେବ ଜଗନ୍ନାଥ ପ୍ରସାଦ ଫଳିତୋ ମାମ ,ପ୍ରଥମ ତନୟା ଜାତା ପୁତ୍ରସୁ ତଦରନ୍ତମ୍ ,ଅତି ପ୍ରତିଶୃତ୍ୱଂ କନ୍ୟା କଦାପି ପ୍ରତି ଗୃହତମ୍ ।' ଏଥିରୁ ଜଣାପଡ଼େ ଯେ ଦାକ୍ଷିଣାତ୍ୟରେ ଦେବଶର୍ମା ନାମକ ଜଣେ ବ୍ରାହ୍ମଣ ପୁତ୍ର ସନ୍ତାନ ଆଶାକରି ନିଜର ପ୍ରଥମ କନ୍ୟା ପଦ୍ମାବତୀଙ୍କୁ ଜଗନ୍ନାଥଙ୍କ ଦେବଦାସୀ ଭାବେ ସମର୍ପଣ କରିଥିଲେ। ଓଡ଼ିଶାକୁ ଗଙ୍ଗ ବଂଶର ରାଜାମାନେ ଅଧିକାର କରିବାବେଳେ ଏକାଦଶ ଶତାବ୍ଦୀରେ ଦେବଦାସୀ ପ୍ରଥା ପୁରୀ ମନ୍ଦିରରେ ପ୍ରଚଳନ କରିଥିଲେ । ଦିଅଁମାନଙ୍କ ବଡ ସିଂହାର ବେଶ ସମୟରେ ଏହି ଦେବଦାସୀ ମାନେ ମନ୍ଦିରରେ ଶ୍ରୀ ଜୟଦେବ ଙ୍କ ଗୀତ ଗୋବିନ୍ଦ ଗୀତ ଓ ନାଚର ପ୍ରଧାନ ସମ୍ପଦ ଥିଲା । ଦେବଦାସୀ ହେବା ପାଇଁ କିଛି ନିର୍ଦ୍ଦିଷ୍ଟ ନୀତି ନିୟମକୁ ଅନୁସରଣ କରିବାକୁ ପଡୁଥିଲା ଓ ସେମାନେ ଆଜୀବନ ଅବିବାହିତ ରହୁଥିଲେ । ମାଦଳା ପାଞ୍ଜିକୁ ଛାଡିଦେଲେ ଦେବଦାସୀ ପ୍ରଥା ପ୍ରଚଳନର ପ୍ରଥମ ଲିଖିତ ପ୍ରମାଣ କେବଳ ଦିଲ୍ଲୀର ସୁଲତାନ୍ ଫିରୋଜ ଶାହା ତୋଗଲକଙ୍କ ୧୩୬୧ ମସିହାର ଓଡ଼ିଶା ଆକ୍ରମଣ ବିବରଣୀରୁ ଜଣାପଡ଼େ । ଶ୍ରୀମନ୍ଦିରର ଜୟ ବିଜୟ ଦ୍ୱାରରେ ଗଜପତି ପ୍ରତାପରୁଦ୍ର ଦେବଙ୍କ ଶିଳାଲେଖରେ ରହିଛି ।୧୪୯୯ ଖ୍ରୀଷ୍ଟାବ୍ଦରେ ଏହା ଆଦେଶ ପ୍ରଦାନ ପୂର୍ବକ କରାଯାଇଥିଲା ଚତୁର୍ଦ୍ଧା ମୂର୍ତ୍ତିଙ୍କ ବଡ ସିଂହାର ବେଶ ରେ ଶ୍ରୀମନ୍ଦିରରେ ଜୟଦେବ ରଚିତ ଗୀତ ଗୋବିନ୍ଦରେ ଦେବଦାସୀମାନେ ନୃତ୍ୟ ପରିବେଷଣ କରୁଥିଲେ । ଦେବଦାସୀମାନେ ଅନେକ କିଛି ନିୟମ ନିଷ୍ଠା ର ସହିତ ତ୍ୟାଗପୂତ ଜୀବନ ଯାପନ କରୁଥିଲେ । ନାଚ , ଗୀତ ଜଣା ଥିଲେ ହିଁ ଏହି ଦେବଦାସୀ ହେବାପାଇଁ ସୁଯୋଗ ମିଳେ । ଯଦି ଦେବଦାସୀମାନଙ୍କ କୌଣସି ଅସୁବିଧା ହୁଏ ତେବେ ସମ୍ପ୍ରଦା ନିଯୋଗ ଏହି କାର୍ଯ୍ୟ ତୁଲାଇଥିଲେ । ଶ୍ରୀମନ୍ଦିର ର ୧୧୯ ଟି ସେବା ମଧ୍ୟରୁ ଏହି ଗୋଟିଏ ସେବାକୁ ମହିଳାମାନେ ସମ୍ପାଦିତ କରୁଥିଲେ । ସମୟ କ୍ରମେ ଗୋଟି ପୁଅମାନେ ମଧ୍ୟ ଏହି ନୃତ୍ୟକୁ ବଞ୍ଚାଇ ରଖିଥିଲେ । ତ୍ୟାଗପୂତ ଜୀବନ, ସେବା ମନୋବୃତ୍ତି , ଉତ୍ସର୍ଗୀକୃତ ଜୀବନ ହିଁ ସେମାନଙ୍କୁ ସମାଜରେ ତାଙ୍କ କାର୍ଯ୍ୟ ପାଇଁ ଯଥେଷ୍ଟ ସମ୍ମାନ ପ୍ରଦର୍ଶନ କରୁଥିଲେ । ବାହାର ଗାଉଣୀ, ଭିତର ଗାଉଣୀ ନାଚୁଣୀ , ପଟୁଆର , ରାଜ ଅଙ୍ଗିଳ ଓ ରୁଦ୍ର ଗଣିକା ଭଳି ୬ ପ୍ରକାରର ମାହାରୀ ସେବା ବା ଦେବଦାସୀ ସେବା ହେଉଥିଲା । ୧୯୫୬ ଓଡ଼ିଶା ଗେଜେଟ ମୁତାବକ ସେତେବେଳେ ୯ ଜଣ ଦେବଦାସୀ ପ୍ରଭୁଙ୍କ ସେବା କରୁଥିଲେ । ବାସେଳୀ ସାହିର ଚନ୍ଦ୍ରମଣି , କୋକିଳ ପ୍ରଭା , ତାରାମଣି , ବସନ୍ତ, ପରଶ ମଣି, ବିନୋଦିନୀ , ଶ୍ରୀମତୀ, ସୁଭାଷିନୀ, ଓ ମାର୍କଣ୍ଡେଶ୍ୱର ସାହିର ଇନ୍ଦୁମତୀ ଦେବଦାସୀ ମୁଖ୍ୟ ଦେବଦାସୀ ଭାବରେ ଗଣା ଯାଉଥିଲେ ।୨୦୨୧ ରେ ଶେଷ ଦେବଦାସୀ ପରଶମଣି ଇହଧାମରୁ ବିଦାୟ ନେଲେ। ସେମାନେ ଜୀବିତ ଥିବା ବେଳେ ଏହି ମହାନ୍ ସେବାକୁ ବଞ୍ଚାଇ ରଖିବାକୁ ସେମାନେ ମନ୍ଦିର ପ୍ରଶାସନକୁ ଅନେକ ଅନୁରୋଧ କରିଥିଲେ ମଧ୍ୟ ବ୍ୟର୍ଥ ହୋଇଥିଲା । ଫଳରେ ଏହି ପ୍ରଥା ଓ ପରମ୍ପରା ପୂରା ମାତ୍ରାରେ ଦେଶରୁ ଲୋପ ପାଇଗଲା । ଦେବଦାସୀମାନେ ଯେହେତୁ ବିବାହ କରୁ ନ ଥିଲେ ତେଣୁ ତାଙ୍କର ବଂଶ ବିସ୍ତାର ସମ୍ଭବ ନ ଥିଲା ଓ ସେମାନଙ୍କ ବୃଦ୍ଧା ଅବସ୍ଥାରେ ତାଙ୍କର ସେବା ଯତ୍ନ ନେବାକୁ କେହି ଆଗେଇ ଆସିଲେ ନାହିଁ ଓ ପ୍ରଶାସନିକ ସ୍ତରରେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ। ୧୯୯୩ ରେ ଏହି ପରମ୍ପରାକୁ ପୁନଃ ପ୍ରଚଳନ କରିବା ପାଇଁ ପ୍ରଶାସନ ସ୍ତରରେ ଉଦ୍ୟମ ଆରମ୍ଭ ହୋଇ ସାକ୍ଷାତକାର ମାଧ୍ୟମରେ ମହିଳା ନୃତ୍ୟ ନିପୁଣ ଶିଳ୍ପୀମାନଙ୍କୁ ଡକା ଯାଇ ପରୀକ୍ଷା ନିଆ ଯାଇଥିଲା । କିନ୍ତୁ ପ୍ରଥମରୁ ହିଁ ଅନେକ ପ୍ରକାର ବିବାଦର ସୂତ୍ରପାତର ସୃଷ୍ଟି ହେବାରୁ ପ୍ରାୟ ୮୦୦ ବର୍ଷର ଏହି ଅତି ସୁନ୍ଦର ମହାନ୍ ପ୍ରଭୁ ଜଗନ୍ନାଥଙ୍କ ସେବା ନୀତି ସବୁଦିନ ପାଇଁ ବନ୍ଦ ହୋଇଗଲା ।

*-ପ୍ରଦୀପ୍ତ କୁମାର କର, ମୋ: ୯୪୩୭୦୮୪୩୧୨*

# ସନାତନ ଧର୍ମରେ 'ଦେବତା' ଏବଂ 'ଭଗବାନ'ଙ୍କ ମଧ୍ୟରେ କ'ଣ ରହିଛି ବଡ଼ ପାର୍ଥକ୍ୟ ?



ସନାତନ ଧର୍ମ ଏବଂ ଆଧ୍ୟାତ୍ମିକ ପରମ୍ପରାରେ 'ଦେବତା' ଏବଂ 'ଭଗବାନ୍', ଏହି ଦୁଇଟି ଶବ୍ଦକୁ ଅନେକ ସମୟରେ ଏକାଭଳି ବ୍ୟବହାର କରାଯାଇଥାଏ । କିନ୍ତୁ ଶାସ୍ତ୍ର ଏବଂ ତତ୍ତ୍ୱଦୃଷ୍ଟିରୁ ବିଚାର କଲେ, ଉଭୟଙ୍କ ସ୍ଥିତି, ଭୂମିକା ଏବଂ ଶକ୍ତି ମଧ୍ୟରେ ବହୁତ ବଡ଼ ପାର୍ଥକ୍ୟ ରହିଛି । ସାଧାରଣତଃ ଅଧିକାଂଶ ଲୋକ ଏହାକୁ ଏକା ବୋଲି ଭାବିଥାଆନ୍ତି, ଯାହାକି ସଂପୂର୍ଣ୍ଣ ସଠିକ୍ ନୁହେଁ । ଆସନ୍ତୁ ଜାଣିବା ଉଭୟଙ୍କ ମଧ୍ୟରେ ପ୍ରକୃତ ପାର୍ଥକ୍ୟ କ'ଣ ରହିଛି ।

## ଦେବତା: ପ୍ରକୃତିର ଶକ୍ତି

ସନାତନ ସଂସ୍କୃତି ଅନୁଯାୟୀ, ଯେଉଁ ଦିବ୍ୟ ଏବଂ ଶକ୍ତିଶାଳୀ ପ୍ରାଣୀମାନଙ୍କୁ ପ୍ରକୃତିର ବିଭିନ୍ନ ତତ୍ତ୍ୱ ଓ ପରିଚାଳନାର ଦାୟିତ୍ୱ ମିଳିଥାଏ, ସେମାନଙ୍କୁ ଦେବତା କୁହାଯାଏ । ଦେବତାମାନଙ୍କୁ ପ୍ରକୃତିର ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ କ୍ଷେତ୍ର ବା ବିଭାଗର ଦାୟିତ୍ୱ ଦିଆଯାଇଥାଏ । ଯେପରିକି ଅଗ୍ନି ଦେବତାଙ୍କୁ ଉଷ୍ମତା, ବରୁଣ ଦେବତାଙ୍କୁ ଜଳ ଏବଂ ପବନ ଦେବତାଙ୍କୁ ବାୟୁର ଅଧିପତି ମାନାଯାଇଛି ।

## ସୃଷ୍ଟିର ସର୍ବୋଚ୍ଚ ଏବଂ ଅସୀମ ଶକ୍ତି

ଭଗବାନ ହେଉଛନ୍ତି ଏହି ସମ୍ପୂର୍ଣ୍ଣ ବ୍ରହ୍ମାଣ୍ଡ, ପ୍ରକୃତି ଏବଂ ସମସ୍ତ ଜୀବଜଗତର ପ୍ରକୃତ ସ୍ରଷ୍ଟା, ପାଳକ ଏବଂ ନିୟନ୍ତା । ଯେଉଁ ପରମ ସତ୍ତାଙ୍କ ପାଖରେ ଐଶ୍ୱର୍ଯ୍ୟ, ଧର୍ମ, ଯଶ, ଶ୍ରୀ, ଜ୍ଞାନ ଏବଂ ବୈରାଗ୍ୟ ଏହି ଛୋଟି ବିଭୂତି ବା ଗୁଣ ପୂର୍ଣ୍ଣମାତ୍ରାରେ ବିଦ୍ୟମାନ, ସେହି ହେଉଛନ୍ତି ଭଗବାନ । ଭୂମି, ଜଳ, ଅଗ୍ନି, ବାୟୁ ଓ ଆକାଶ ଏହି ପଞ୍ଚମହାଭୂତ ଯାହାଙ୍କୁ ନିୟନ୍ତ୍ରଣରେ ରଖିଥାଏ, ସେହି ସର୍ବୋଚ୍ଚ ଶକ୍ତି ହେଉଛନ୍ତି ଭଗବାନ । ଦେବତାମାନେ ମୋକ୍ଷ ଦେବାରେ ସକ୍ଷମ ନୁହଁନ୍ତି, କିନ୍ତୁ ଭଗବାନ୍ ଜୀବଙ୍କୁ ଜନ୍ମ-ମୃତ୍ୟୁର ବନ୍ଧନରୁ ମୁକ୍ତ କରି ପରମ ମୋକ୍ଷ ପ୍ରଦାନ କରିଥାଆନ୍ତି । ସମସ୍ତ ଦେବତା ସେହି ପରମ ଭଗବାନଙ୍କ ଦ୍ୱାରା ନିୟନ୍ତ୍ରିତ ଏବଂ ତାଙ୍କରି ଆଜ୍ଞାରେ କାର୍ଯ୍ୟ କରୁଥିବା ଦିବ୍ୟ ପ୍ରଶାସକ ଅଟନ୍ତି ।



# ଲଗାଣବର୍ଷାରେ ଚାଷଜମି ଜଳମଗ୍ନ

ନିଆଳି,(ନିପ୍ର): ଲଘୁଚାପ ଜନିତ ଲଗାଣବର୍ଷାରେ ନିଆଳି ଅଞ୍ଚଳର ବ୍ୟାପକ ଚାଷଜମି ଜଳମଗ୍ନ ହୋଇଛି। ବିଶେଷ କରି ଧାନ ତଳି ବୁଡିଯିବା ଫଳରେ ତାହା ନଷ୍ଟ ହୋଇଯିବା ଆଶଙ୍କା ଦେଖାଦେଇଛି। ଚାଷୀମାନଙ୍କ ପକ୍ଷରେ ବିହନ ନ ଥିବାରୁ ଚାଷ କାର୍ଯ୍ୟ କିପରି ହେବ ଏଥିନେଇ ଚାଷୀ ଘୋର ଚିନ୍ତାରେ ପଡିଛି। ଚାଷଜମିରୁ ଜଳନିଷ୍କାସନ ପାଇଁ ଡେଙ୍ଗଜୋରିରୁ ତଅଁଳା ନଦୀକୁ ଜଳନିଷ୍କାସନ ପାଇଁ ଥିବା ଚେକ୍ ଡ୍ୟାମ୍ ଅକାମି ହୋଇଥିବାରୁ ନିଆଳି ,ବାହାରଣା,ହଳଦୀବସନ୍ତ,ଓ୍ୱାଉପଲ୍ଲୀ ଆଦି ପାଟ ମଧ୍ୟରୁ ଜଳନିଷ୍କାସନ ହୋଇ ନ ପାରି ଏପରି ସ୍ଥିତି ଉପୁଜିଥିବା ଚାଷୀମାନେ କହିଛନ୍ତି। ନିଆଳି ପଞ୍ଚାୟତର ହଳଦୀବସନ୍ତ, ପୂର୍ବଖଣ୍ଡ, ଊଉପଲ୍ଲୀ ଆଦି ପାଟରେ ବ୍ୟାପକ ଜଳମଗ୍ନ ହେତୁ ଧାନ ଜମିରେ ପ୍ରାୟ ୩/୪ଫୁଟ ପାଣି ଜମିରହିଥିବା ଦେଖିବାକୁ ମିଳିଛି। ସେହିପରି ନୂଆଗାଁ, ଜଲ୍ଲାରପୁର, ବାହାରଣା ଆଦି ପଞ୍ଚାୟତର ବ୍ୟାପକ ଜମି ଜଳମଗ୍ନ ହୋଇପଡିଛି। ଦେବୀ-କନ୍ଦଳ ଦ୍ୱିପାଞ୍ଚଳ ସମେତ ଅନ୍ୟ ପଞ୍ଚାୟତ ଅନ୍ତର୍ଗତ ବ୍ୟାପକ ଚାଷଜମିରୁ ଜଳ ନିଷ୍କାସନ ହୋଇ ନ ପାରି ଆଣ୍ଠୁଏ ଉଚ୍ଚର ବର୍ଷାପାଣି ବିଲ ମଧ୍ୟରେ ଜମି ରହିଥିବାରୁ ଚାଷ କାର୍ଯ୍ୟ ବ୍ୟାହାତ



ହୋଇଛି। କେବଳ ଧାନ ନୁହେଁ ଲଗାଣବର୍ଷାରେ ବ୍ୟାପକ ପନିପରିବା, ପାନବରଜ ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିବା ନେଇ ଚାଷୀମାନେ ସୂଚନା ଦେଇ ହତାଶା ବ୍ୟକ୍ତ କରିଛନ୍ତି। ଅନ୍ୟ ପକ୍ଷରେ ଲଗାଣ ବର୍ଷାରେ ବହୁ ରାସ୍ତାଘାଟ ବୁଡିଯିବା ସହ ପୋଖରୀଗାଁ ପଞ୍ଚାୟତର ୨୦ ଟି ପରିବାର ଜଳବନ୍ଦୀ ଅବସ୍ଥାରେ ଥିବା ସୂଚନା ମିଳିଛି। ଏପରି ସ୍ଥିତିରେ ଅକାମି ହୋଇପଡିଥିବା ଡେଙ୍ଗଜୋର ଚେକ୍ ଡ୍ୟାମ୍ ସହ ଅନ୍ୟ ସ୍ଥାନ ମାନଙ୍କରେ ଥିବା ଚେକ୍ ଡ୍ୟାମ୍‌ଗୁଡିକ ତୁରନ୍ତ ମରାମତି କରାଯାଇ ଜଳନିଷ୍କାସନ ପାଇଁ ଜରୁରୀ ପଦକ୍ଷେପ ନେବା ସାଧାରଣରେ ଦାବି ହେଉଛି।

## ପାତାଳି ଶ୍ରୀକ୍ଷେତ୍ରରେ ଶ୍ରୀଜିଉଙ୍କ ନୀଳାଦ୍ରି ବିଜେ



ସୋନପୁର,(ନିପ୍ର): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାବନ ଲୀଳାକ୍ଷେତ୍ର ପାତାଳି ଶ୍ରୀକ୍ଷେତ୍ରରେ ଶ୍ରୀଜିଉମାନଙ୍କ ନୀଳାଦ୍ରି ବିଜେ ପର୍ବ ପ୍ରବଳ ଉତ୍ସାହ ଉଦ୍ଦୀପନା ସହ ସମ୍ପନ୍ନ ହୋଇଯାଇଛି। ଆଜି ରାତ୍ରୀରେ ଶ୍ରୀଜିଉମାନେ ପ୍ରାୟ ଏକ ମାସ ପରେ ଛଳିଆ ପାହାଡ଼ସ୍ଥ ଶ୍ରୀମନ୍ଦିରର ରତ୍ନ ସିଂହାସନରେ ବିଜେ କରିଛନ୍ତି। ଜ୍ୟେଷ୍ଠ ପୂର୍ଣମୀରେ ମହାସ୍ନାନ ପରେ ଅଣସର ନୀତି, ନେତ୍ରୋତ୍ସବ, ନବ ଯୌବନ ଦର୍ଶନ, ଶ୍ରୀଗୁଣ୍ଡିଚା ରଥଯାତ୍ରା, ଆଡପ ମଣ୍ଡପରେ ଦଶାବତାର, ବାହୁଡ଼ାଯାତ୍ରା, ରାଜରାଜେଶ୍ୱର (ସୁନା ବେଶ)ଏବଂ ଗତକାଲି ଅଧର ପଣା ପରେ ଆଜି ଅପରାହ୍ନରେ ରଥାବତରଣ କରି ଗୋଟି ପହଣ୍ଡିରେ ପ୍ରଥମେ ଶ୍ରୀ ସୁଦର୍ଶନ ତାପରେ ଶ୍ରୀ ବଳଭଦ୍ର, ଦେବୀ ସୁଭଦ୍ରା ଓ ଶେଷରେ ଶ୍ରୀ ଜଗନ୍ନାଥ ଶ୍ରୀମନ୍ଦିରରେ ବିଜେ କରିଥିଲେ। ଠାକୁରଙ୍କ ଆସିବା ଜାଣି ମହାଲକ୍ଷ୍ମୀ ମନ୍ଦିର ଦ୍ୱାର ବନ୍ଦ କରି ଦେଇଥିଲେ ଏବଂ ଉଭୟଙ୍କ ମଧ୍ୟରେ ଏକ ରୋମାଞ୍ଚକର ସାଙ୍ଗିତିକ ବଚସା ହୋଇଥିଲା। ଯାହାକୁ କି ଶ୍ରୀରାମ ପଣ୍ଡା ଓ ବିଶେଶ୍ୱର ପାଢ଼ୀ ପରିବେଷଣ କରିଥିଲେ। ଶେଷରେ ରସଗୋଲା ଦେଇ ମହାଲକ୍ଷ୍ମୀଙ୍କ ମାନଭଞ୍ଜନ କରିଥିଲେ ଶ୍ରୀ ଜଗନ୍ନାଥ। ଲକ୍ଷ୍ମଣ ନାୟକ ଓ ଅନିରୁଦ୍ଧ ପାଢ଼ୀଙ୍କ ପହଣ୍ଡି ଗୀତ ଏବଂ ଘାଣ୍ଟୁଆଳ ମାନଙ୍କ ଘଣ୍ଟ ନାଦରେ ମନ୍ତ୍ରମୁଗ୍ଧ ହୋଇଥିଲା ଛଳିଆ କନ୍ଦର।

## ବ୍ଲକସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି

ନବରଙ୍ଗପୁର(ନିପ୍ର): ଡାବୁଗାଁ ବ୍ଲକ ମିସନଶକ୍ତି ସଭାଗୃହରେ ବ୍ଲକସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଲା। ଏଥିରେ ନବରଙ୍ଗପୁର ଜିଲାପାଳ ମହେଶ୍ୱର ସ୍ୱାଇଁଙ୍କ ଦ୍ୱାରା ୨୩ ଟି ଅଭିଯୋଗର ଶୁଣାଣି କରି ତାର ସମାଧାନ ନିମନ୍ତେ ଜିଲାର ଯେଉଁ ବିଭାଗର ଅଭିଯୋଗ ସେହି ବିଭାଗର ଅଧିକାରୀ ମାନଙ୍କୁ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ୨୩ ଟି ଅଭିଯୋଗ ମଧ୍ୟରୁ ୧୬ଟି ଅଭିଯୋଗ ବ୍ୟକ୍ତିଗତ, ୭ଟି ଅଭିଯୋଗ ଗୋଷ୍ଠୀଗତ । ମୁଖ୍ୟା ରାସ୍ତାରେ ଥିବା ଡ୍ରେନ ସମ୍ପୂର୍ଣ କରିବା, ବୋରିପଦର ଗ୍ରାମରେ ନଳକୂପ ଓ ବିଶ୍ରାମ ଗୃହ ନିର୍ମାଣ,ଜୟନ୍ତିନଗର ରାସ୍ତା ନିର୍ମାଣ, ଡାବୁଗାଁ ବ୍ଲକରେ ମଦ ବିକ୍ରି ବନ୍ଦ ଭଳି ଅଭିଯୋଗ ହୋଇଛି। ଏହି ଜନଶୁଣାଣୀରେ ନବରଙ୍ଗପୁର ଆରକ୍ଷୀ ଅଧିକ୍ଷକ ମଦକର ସନ୍ଦୀପ ସମ୍ପତ, ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଉପଜିଲାପାଳ ପ୍ରକାଶ କୁମାର ମିଶ୍ର, ବନଖଣ୍ଡ ଅଧିକାରୀ ଶୁଭେନ୍ଦୁ ପ୍ରସାଦ ବେହେରା, ଭାରପ୍ରାପ୍ତ ଜିଲା ପଞ୍ଚାୟତ ଅଧିକାରୀ ପଦ୍ମନାଭ ତ୍ରିପାଠୀ, ଡାବୁଗାଁ ବିଡିଓ ସମୀର କୁମାର ପାତ୍ର, ଡାବୁଗାଁ ଏଡିସନାଲ ତହସିଲଦାର ପ୍ରତାପ ଚନ୍ଦ୍ର ପୂଜାରୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ ରଶ୍ମିତା ନେତାମ, ସିଡିପିଓ ମିନତୀ ଦାଶ, ବ୍ଲକ କୃଷି ଅଧିକାରୀ ସୁଦେଷ୍ଣା ଧଳ, ଡାବୁଗାଁ ବନାଞ୍ଚଳ ଅଧିକାରୀ ରାମଚନ୍ଦ୍ର ଭତ୍ରା,ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସୁବାଶିଷ ସାହୁ,ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ହରେକୃଷ୍ଣ ରାଉତ, ସହକାରୀ ଉଦ୍ୟାନ ଅଧିକାରୀ ରବି ଶଙ୍କର ପଣ୍ଡା, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଆଦିତ୍ୟ ନାରାୟଣ ରଥ, ଯୋଗାଣ ନିରୀକ୍ଷକ ସିପ୍ରା ସାମଲ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନାଭ ଭାଲ୍ଲା, ଜିଲ୍ଲା ଓ ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ସି.ଡବ୍ଲୁସି କମିଶନରଙ୍କ କାଶୀନଗର ଗସ୍ତ

କାଶୀନଗର,(ନିପ୍ର): କାଶୀନଗର ସହର ତଥା ଏହାର ଆଖପାଖ ଅଞ୍ଚଳରେ ଲଘୁଚାପ ଜନିତ ଲଗାଣ ବର୍ଷା ଜାରି ରହିଥିବା ବେଳେ ଏଠାରେ ପ୍ରବାହିତ ହେଉଥିବା ବଂଶ ଧାରା ନଦୀର ଜଳସ୍ତର ଧୀର ଧୀରେ ବୃଦ୍ଧି ଘଟୁଥିବା ବେଳେ ଆଜି କେନ୍ଦ୍ରୀୟ ଜଳ ଆୟୋଗ ବିଭାଗର ଅଧିକାରୀ ହିମାଂଶୁ ବର୍ମା ଓ ତାଙ୍କ ଟିମ କାଶୀନଗର ବ୍ଲକ ଗସ୍ତ କରି ବୁଦୁରା ଓ ଖଣ୍ଡାବା ପଞ୍ଚାୟତ ମଧ୍ୟରେ ଥିବା ନଦୀ ତଟ ଗ୍ରାମ ଗୁଡିକୁ ପରିଦର୍ଶନ କରି ଅନୁଧ୍ୟାନ କରିବା ସହ ବ୍ଲକ ମଧ୍ୟରେ ଥିବା ୧୯ ଗୋଟି ୱାଟର ଷ୍ଟ୍ରାକଚର ଗୁଡିକର କ୍ଷେତ୍ର ପରିଦର୍ଶନ କରି ସେଗୁଡିକୁ ଯାଞ୍ଚ କରି କାର୍ଯ୍ୟକ୍ଷମ ଅବସ୍ଥାରେ ଅଛି ନା ନାହିଁ ସବୁ ଦେଖିଥିଲେ। ତାଙ୍କର କ୍ଷେତ୍ର ପରିଦର୍ଶନ ସମୟରେ ସି ଡବ୍ଲୁସି କାର୍ଯ୍ୟାଳୟର କେ ଅନନ୍ତ କୁମାର, ବ୍ଲକ କାର୍ଯ୍ୟାଳୟର ସହକାରୀ ଯନ୍ତ୍ରୀ ରାଜ କୁମାର ସାହୁ, ଏମ ଜି ଏନ ଆର ଜି ଏ ସନ୍ତୋଷ ଦୋରା ଉପସ୍ଥିତ ଥିଲେ।

## ବିଷଧର ସରୀସୃପଙ୍କ ବିଚରଣ ଯୋଗୁଁ ଖଣ୍ଡପଡ଼ା ଅଞ୍ଚଳବାସୀ ଭୟଭୀତ

କଣ୍ଟିଲୋ, (ନି.ପ୍ର): ବର୍ଷାଦିନ ଯୋଗୁଁ ସବୁଠି ଘାସ ଲତା ଓ ଅନାବନା ଗଛ ଉଠି ଅସ୍ୱାସ୍ଥ୍ୟକର, ସନ୍ତସନ୍ତିଆ ପରିବେଶ ସୃଷ୍ଟି ହୋଇଛି। ଖଣ୍ଡପଡ଼ା ସହରାଞ୍ଚଳ ହେଉ ଅବା ଗ୍ରାମ୍ୟ ପରିବେଶରେ ଏବେ ବିଷଧର ସରୀସୃପ ଗୁଡ଼ିକ ଦିନ ଓ ରାତିରେ ବିଚରଣ କରୁଥିବାରୁ ସାଧାରଣରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଏପରିକି ଗତ କିଛିଦିନ ମଧ୍ୟରେ ଖଳିସାହି ଗ୍ରାମର ସ୍ନେକ ହେଲପ ଲାଇନର ସଦସ୍ୟଙ୍କ ଦ୍ୱାରା ବିଭିନ୍ନ ଗ୍ରାମର ଘରୁ ଘରୁ ବିଷଧର ସାପ ଗୁଡିକ ଧରାଯାଇ ନିକଟସ୍ଥ ସଂରକ୍ଷିତ ଜଙ୍ଗଲରେ ସୁରକ୍ଷିତ ଅବସ୍ଥାରେ ଛାଡି ଦିଆଯାଇଥିବା ଜଣାପଡିଛି। ସେହିପରି ଜଙ୍ଗଲ ପରିବେଶରେ ବାସ କରୁଥିବା ଗ୍ରାମର ବାସିନ୍ଦାଙ୍କୁ ବିଷଧର ସରୀସୃପଙ୍କ ଭୟ ଘାରିଛି। ଘଞ୍ଚ ଜଙ୍ଗଲ ଛାଡି ବିଷଧର ସରୀସୃପ ଗୁଡ଼ିକ ଏବେ ଜନବସତି ମୁହାଁ ହୋଇଥିବାରୁ ଖଣ୍ଡପଡ଼ା ଅଞ୍ଚଳର ଜନସାଧାରଣ ଏବେ ଭୟଭୀତ ହୋଇ ପଡିଛନ୍ତି। ସ୍ଥାନୀୟ ପ୍ରଶାସନ ଓ ବନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି

ଭଦ୍ରକ,(ନିପ୍ର): ବନ୍ତ ବ୍ଲକ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ ପରିସରଠାରେ ଆଜି ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଶୁଣାଣିରେ ମୋଟ ୧୨୧ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଏଥିରୁ ୯୭ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ଥିବାବେଳେ ୨୧ଟି ଗ୍ରାମୀଣ ସମସ୍ୟା ସମ୍ବନ୍ଧୀୟ ଓ ରେଡ କ୍ରଶ ଅଧିନସ୍ଥ ୩ଟି ଅଭିଯୋଗ ରହିଥିଲା। ଶୁଣାଣି ସମୟରେ ୪ଟି ଅଭିଯୋଗର ସ୍ଥଳୀୟ ସମାଧାନ କରାଯାଇଥିବାବେଳେ ଜିଲ୍ଲା ରେଡକ୍ରସ ପାଣ୍ଠି ମାଧ୍ୟମରେ ୩ଜଣ ଅଭିଯୋଗକାରୀଙ୍କୁ ମୋଟ ୧୦,୫୦୦/- ଟଙ୍କା ମଞ୍ଜୁର କରାଯାଇଛି। ଏହି ଜନ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ, ଅତିରିକ୍ତ ଜ଼ିଲ୍ଲାପାଳ ସରୋଜ ଦତ୍ତ, ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତ, ଅତିରିକ୍ତ ଜ଼ିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଧନାଇଚରଣ ଟୁଡୁ , ଜ଼ିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରମୋଦ ପ୍ରହରାଜ, ବନ୍ତ ବ୍ଲକ ଉନ୍ନୟନ ଅଧିକାରୀ ଶିତାକାନ୍ତ ରାଉତ ଓ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

## ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ସି.ପି.ଆଇ ପକ୍ଷରୁ ବିକ୍ଷୋଭ ଓ ପ୍ରତିବାଦ ସଭା

କଟକ(ନିପ୍ର): ସିପିଆଇ କେନ୍ଦ୍ରୀୟ କମିଟି ପକ୍ଷରୁ ଜଗତପୁର ଗୋଲେଇ ଛକ ଠାରେ ଗଣ ବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି । ଶିକ୍ଷା ସ୍ୱାସ୍ଥ୍ୟ ଆଦି ମୌଳିକ ସେବା ଯୋଗାଇ ଦେବାରେ ସରକାର ବିଫଳ ହୋଇଥିବା ବେଳେ ତୃଟି ପୁର୍ଣ୍ଣ ପାଠ୍ୟ ପୁସ୍ତକ ପ୍ରଣୟନ କରି ସରକାର ପିଲାଙ୍କ ଭବିଷ୍ୟତ ସହ ଖେଳୁଛନ୍ତି ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ନିଟ ପ୍ରଶ୍ନପତ୍ର ବିଭ୍ରାଟ ନେଇ ପ୍ରତିବାଦ ହେତୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦେଇ ସାରିଥିଲେ ହେଁ ରାଜ୍ୟରେ ପୁସ୍ତକ ବିଭ୍ରାଟ ପାଇଁ ପ୍ରତିବାଦ ହେଉଥିଲେ ମଧ୍ୟ ଗଣ ଶିକ୍ଷାମନ୍ତ୍ରୀ ଇସ୍ତଫା ଦେଉନାହାନ୍ତି । ବିଭିନ୍ନ ପରିକ୍ଷାରେ ଅନିୟମିତତା ଓ ପ୍ରଶ୍ନ ପତ୍ର ଲିକକୁ ନେଇ ଦଳ ପକ୍ଷରୁ ବକ୍ତାମାନେ କ୍ଷୋଭ ପ୍ରକାଶ କରିବା ସହ ଗଣ ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ଏହି କାର୍ଯ୍ୟ କ୍ରମରେ ସି.ପି.ଆଇ ରାଜ୍ୟ ପରିଷଦ ସଭ୍ୟ ଉଦୟ କେଶରୀ ବର୍ମା ନେତୃତ୍ୱ ନେଇ ଥିବା ବେଳେ ରାଜ୍ୟ କାର୍ଯ୍ୟକାରୀ ଭ୍ୟ ଅମରେନ୍ଦୁ ମହାନ୍ତି, ଜିଲ୍ଲା ସଂପାଦକ ବିନୋଦ ବେହେରା, କନଟି ସଭ୍ୟ ସୁନାକର ବରାଳ, ଶ୍ରମିକ ନେତା ତ୍ରୟୀ ଲୋକ୍ୟ ନାଥ, ଶେଖ ରିଜୁଆନ, ସୁଦାମ ବାରିକ,କୁନି ଭୋଇ,ରିନା ବିବି,ପରମାନନ୍ଦ ସ୍ୱାଇଁ,,ରଶ୍ମି ରଞ୍ଜନ ତ୍ରିପାଠୀ, ଜୟ ସିଂ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ପ୍ରବଳ ବର୍ଷାରେ ୭ଦଳିତ ପରିବାର ଜଳବନ୍ଦୀ
### ଆମ୍ବେଦକର ସ୍ମୃତି ପରିଷଦ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର



କଟକ(ନିପ୍ର) : କଟକ ଜିଲ୍ଲା ମାହାଙ୍ଗା ତହସିଲ ଅନ୍ତର୍ଗତ ରାହାଣିଆ ପଞ୍ଚାୟତ କାଳିଅଣ୍ଟିର ପଟ୍ଟାମୁଣ୍ଡାଇ କେନାଲ୍ ପାର୍ଶ୍ୱରେ ଥିବା ସାତ ଦଳିତ ପରିବାରଙ୍କ ବାସ ଗୃହ ଚାରି ପାଖରେ ଲାଗିରହିଥିବା ପ୍ରବଳ ବର୍ଷା ଜଳ ଦୀର୍ଘଦିନ ହେବ ଜମି ରହିବା ଯୋଗୁଁ ଅସ୍ୱାସ୍ଥ୍ୟକର ପରିବେଶରେ ଜଳ ବନ୍ଦୀରେ ଅଛନ୍ତି । ବାରମ୍ବାର ଅଭିଯୋଗ ପରେ ବି ସ୍ଥାନୀୟ ତହସିଲଦାର ଏଥିପ୍ରତି ଧ୍ୟାନ ଦେଉନଥିବାରୁ ସ୍ଥାନୀୟ ଅଞ୍ଚଳର କିଛି ଅସାଧୁ ବ୍ୟକ୍ତି ନିଜ ଜମିରେ ମାଟି ପକାଇବାକୁ ଆଳ କରି ପାଣି ନିଷ୍କାସନ ହେଉଥିବା ବାଟ ସମ୍ମୁଖରେ ଜେ.ସି.ବି ଓ ଟ୍ରାକ୍ଟର ଦ୍ୱାରା ମାଟି ଗଦା କରିଦେଇଥିବାରୁ ବର୍ଷା ଜଳ ନିଷ୍କାସନ ହୋଇ ନପାରି ଗ୍ରାମ ଚାରି ପାଖରେ ଜମି ରହି ଅନାବନା ଗଛଲତା ପଚିସଢି ଯିବା ଫଳରେ ସେ ଅଞ୍ଚଳ ଦୁର୍ଗନ୍ଧରେ ନାକ ଫାଟୁଛି । ଏପରିକି ଅଧିକ ବର୍ଷା ଓ କେନାଲରୁ ଝରୁଥିବା ପାଣି ଅଧିକାଂଶ ସମୟରେ ନିଷ୍କାସିତ ନହୋଇ ଘରେ ପଶିଯିବାରୁ ଘର ଭିତରକୁ ବିଷାକ୍ତ ସରୀସୃପ/ସାପ ଇତ୍ୟାଦି ଜନ୍ତୁଜୁନ୍ତା ପଶୁଛନ୍ତି ଏବଂ ଲୋକଙ୍କ ମଧ୍ୟରେ ରୋଗ ବ୍ୟାପିବାର ଆଶଙ୍କା ସୃଷ୍ଟି ହୋଇଛି । ଏହାର ପ୍ରତିବାଦରେ ଆମ୍ବେଦକର ସ୍ମୃତି ପରିଷଦ ପକ୍ଷରୁ ସଭାପତି ତଥା ସମାଜସେବୀ ସୁକାନ୍ତ ସେଠୀ, ରବୀନ୍ଦ୍ର ବେହେରା, ଅଟଳ କିଶୋର ଜେନା, ପରିଷଦର ମାହାଙ୍ଗା ସଭାପତି ଅଶୋକ ମଲ୍ଲିକଙ୍କ ସମେତ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରି ସାତ ଦଳିତ ପରିବାରଙ୍କୁ ଜଳବନ୍ଦୀରୁ ରକ୍ଷା କରିବାକୁ ସ୍ଥାୟୀ ବ୍ୟବସ୍ଥା କରିବାକୁ ମାହାଙ୍ଗା ତହସିଲଦାରଙ୍କୁ ନିର୍ଦ୍ଦେଶ ଦେବାକୁ ଦାବି କରିଛନ୍ତି ।

## ବିଗ୍ରହମାନଙ୍କ ନୀଳାଦ୍ରି ବିଜେ ନୀତି ସମ୍ପନ୍ନ



କୃଷ୍ଣପ୍ରସାଦ,(ନିପ୍ର): ପବିତ୍ର ବାହୁଡା ଯାତ୍ରା ଶେଷ କରି ବିଗ୍ରହମାନେ ରବିବାର ବିଳମ୍ବିତ ରାତିରେ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଏ ଅବସରରେ ବିଗ୍ରହମାନଙ୍କ ନିଳାଦ୍ରୀ ବିଜେ ନୀତି ସମ୍ପନ୍ନ ହୋଇଥିବା ଜଣାଯାଇଛି। ରଥାରୂଢ଼ ବିଗ୍ରହଙ୍କୁ ସେବାୟତମାନେ ପହଣ୍ଡି କରି ମନ୍ଦିରକୁ ନେଇଥିବା ବେଳେ ସେଠାରେ କବାଟ ଫେଡା ନୀତି ଅନୁଷ୍ଠିତ ହୋଇଥିଲା। ମହାପ୍ରଭୁ ମା ଲକ୍ଷ୍ମୀଙ୍କୁ ରସଗୋଲା ଖୁଆଇ ମାନଭଞ୍ଜନ କରିଥିଲେ। ପରେ ବିଗ୍ରହମାନଙ୍କ ନୀତିକାନ୍ତି ରାତି ୧୨ ଟା ରେ ଶେଷ ହୋଇଥିଲା । ପାରିକୁଦ ରାଜା ସାହେବ ସନ୍ତୋଷ ଚନ୍ଦ୍ର ଦେଓଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପରମ୍ପରା ଅନୁସାରେ ବିଗ୍ରହମାନଙ୍କ ସମସ୍ତ ନୀତିକାନ୍ତି ସୁଚାରୁ ରୂପେ ସମ୍ପନ୍ନ ହୋଇଥିବା ଜଣାଯାଇଛି । ଉତ୍ସବ ପରିଚାଳନାରେ ରଥଯାତ୍ରା ପରିଚାଳନା କମିଟି ସମ୍ପାଦକ ପ୍ରଶାନ୍ତ କୁମାର ନନ୍ଦ, କାର୍ଯ୍ୟକାରୀ ସଭାପତି ଦୁର୍ଯ୍ୟୋଧନ ନାୟକ,ପଣ୍ଡିତ ନୀଳକଣ୍ଠ ତ୍ରିପାଠୀ, ମହାପ୍ରଭୁଙ୍କ ଶିଳ୍ପୀକାର ହୃଦାନନ୍ଦ ଜେନା, ଦିଲ୍ଲୀପ କୁମାର କେଶରୀ,ବାଉରୀବନ୍ଧୁ ଦଳେଇ,ସୁବ୍ରତ କୁମାର ପଣ୍ଡା, ସମେତ ସମସ୍ତ କର୍ମକର୍ତ୍ତା, ସ୍ଥାନୀୟ ପାଞ୍ଚ ମୌଜା ପରିଚାଳନା କମିଟି ସଭାପତି ଅଶୋକ କୁମାର ପଣ୍ଡା, ସମ୍ପାଦକ ଈଶ୍ୱର ଚନ୍ଦ୍ର ପଲେଇ ସହଯୋଗ କରିଥିଲେ ।

## ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ପ୍ରସ୍ତୁତି ବୈଠକ

କଟକ(ନିପ୍ର) : ଚଳିତବର୍ଷ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ କରାଯିବା ନିମନ୍ତେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦଭାବନା ସଭାଗୃହରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସଫଳତାର ସହ ଏହି ଜାତୀୟ ଦିବସ ପାଳନ କରିବା ନିମନ୍ତେ ସମ୍ପୃକ୍ତ ସମସ୍ତ ବିଭାଗୀୟ ଅଧିକାରୀମାନେ ନିଷ୍ଠାର ସହ ଦାୟିତ୍ୱ ନିର୍ବାହ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

## ବୃଦ୍ଧି ପାଉଛି ମହାନଦୀ ଜଳସ୍ତର
### ନଦୀ ତଟବର୍ତ୍ତୀ ଗ୍ରାମବାସୀ ଆତଙ୍କିତ

କଣ୍ଟିଲୋ ,(ନି.ପ୍ର) ଲଗାଣ ବର୍ଷାର ପ୍ରଭାବ ଓ ହୀରାକୁଦ ଜଳଭଣ୍ଡାରରୁ ପାଣି ନିଷ୍କାସନ ପରେ ମହାନଦୀର ଜଳସ୍ତର ସମୟାନୁକ୍ରମେ ବୃଦ୍ଧି ପାଇବାରେ ଲାଗିଛି ।ମହାନଦୀ ଏବେ ୨ କୂଳ ଖାଇ ପ୍ରବାହିତ ହେଉଛି ।ଖଣ୍ଡପଡା ବ୍ଲକ ଅଧୀନ ସିଧାମୂଳା,ବଡବାଣପୁର ଓ କଣ୍ଟିଲୋ ଅଞ୍ଚଳ ଦେଇ ମହାନଦୀ ପ୍ରବାହିତ ହେଉଥିବା ବେଳେ ନଦୀ ତଟବର୍ତ୍ତୀ ଗ୍ରାମର ବାସିନ୍ଦାଙ୍କ ମନରେ ଛନକା ପଶିଛି ।ବଡବାଣପୁର ଗ୍ରାମରୁ କୁମୁଣ୍ଡି ଗ୍ରାମ ଦେଇ ସିଧାମୂଳା ଗ୍ରାମକୁ ସଂଯୋଗ କରୁଥିବା ମାଳବନ୍ଧ ରାସ୍ତାରେ ଅବସ୍ଥିତ ସ୍ଲୁଇସ ଫାଟକ ଦେଇ ମହାନଦୀ ଜଳ ପ୍ରବାହିତ ହେବା ସହ ନିକଟସ୍ଥ ଚାଷ ଜମି ଗୁଡିକରେ ବନ୍ୟା



ପାଣି ଲହଡି ଭାଙ୍ଗୁଛି। ସେହିପରି ମହାନଦୀ ପଠାରେ ଏକର ଏକର ଜାଗାରେ ପନିପରିବା ଚାଷ କରି ପରିବାର ପ୍ରତିପୋଷଣ କରୁଥିବା ଚାଷୀ ପରିବାର ଗୁଡ଼ିକର ମେରୁଦଣ୍ଡ ଦୋହଲି ଯାଇଛି ।ମହାନଦୀରେ ଜଳସ୍ତର ବୃଦ୍ଧି ପାଇବା ପରେ ପନିପରିବା ଓ ଧାନ ଚାଷ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି।

## ପୁରୋହିତ ଦାମୋଦର ତ୍ରିପାଠୀଙ୍କ ପରଲୋକ

କାକଟପୁର,(ନିପ୍ର): କାକଟପୁର ନିକଟସ୍ଥ ମୂଳାଗଡ଼ ଗ୍ରାମର ବାସିନ୍ଦା ଏବଂ ମା’ ମଙ୍ଗଳା ମନ୍ଦିରର ପୂର୍ବତନ କୂଳ ପୁରୋହିତ ପଣ୍ଡିତ ଦାମୋଦର ତ୍ରିପାଠୀଙ୍କର ସୋମବାର ଅପରାହ୍ନରେ ତାଙ୍କ ନିଜ ବାସଭବନରେ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୮୪ ବର୍ଷ ବୟସ ହୋଇଥିଲା। ଦୀର୍ଘ ଏକ ବର୍ଷ ଧରି ସେ ବାର୍ଦ୍ଧକ୍ୟଜନିତ ବିଭିନ୍ନ ରୋଗରେ ପୀଡ଼ିତ ଥିଲେ। ସ୍ୱର୍ଗତ ତ୍ରିପାଠୀ ଦୀର୍ଘଦିନ ଧରି ମା’ ମଙ୍ଗଳା ମନ୍ଦିରର ବୈଦିକ କର୍ମକାଣ୍ଡ , ଷୋଡଶ ଉପଚାର ରେ ଚଣ୍ଡୀ ପାଠ, ଆସୀନ ମାସରେ ବଳୀ ପୂଜା,ଗନ୍ଧା ପୂଜା ଏବଂ ମା ମଙ୍ଗଳା ଙ୍କ ପ୍ରତ୍ୟେକ ନୀତି କାନ୍ତି ରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା।

## ଭାରତରତ୍ନ ଡ. ଏ.ପି.ଜେ. ଅବଦୁଲ କଲାମଙ୍କ ଶ୍ରଦ୍ଧାଞ୍ଜଳି ସଭା

ଧାମନଗର,(ନିପ୍ର):ଧାମନଗର ବରିଷ୍ଠ ନାଗରୀକ ପରିଷଦ ପକ୍ଷରୁ ମହାନ ବୈଜ୍ଞାନିକ ତଥା ଭାରତର ପୂର୍ବତନ ରାଷ୍ଟ୍ରପତି 'ମିସାଇଲ ମ୍ୟାନ୍' ଭାରତରତ୍ନ ଡ. ଏ.ପି.ଜେ. ଅବଦୁଲ କଲାମଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି ଅବସରରେ ପରିଷଦର ସଦସ୍ୟମାନେ ଡ. କଲାମଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ତାଙ୍କ ପ୍ରତି ଗଭୀର କୃତଜ୍ଞତା ଜ୍ଞାପନ କରିଥିଲେ। ପରିଷଦର ସଭାପତି ଅନୀଲ କୁମାର ବାରିକ ଏଥିରେ ସଭାପତିତ୍ୱ କରି ଡ. କଲାମଙ୍କ ଜୀବନଦର୍ଶନ, ସରଳତା ଏବଂ ଦେଶପ୍ରେମ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ସ୍ମୃତିଚାରଣ ସଭାରେ ପରିଷଦର କାର୍ଯ୍ୟକର୍ତ୍ତା ଓ ସଦସ୍ୟମାନେ ଯୋଗଦେଇ ଡ. କଲାମଙ୍କ କର୍ତ୍ତବ୍ୟନିଷ୍ଠା ଓ ଆଦର୍ଶକୁ ନିଜ ଜୀବନରେ ଆପଣାଇବା ପାଇଁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ନୃସିଂହ ଚରଣ ନାୟକ, ମହେଶ୍ୱର ସ୍ୱାଇଁ, ରାମ ଚନ୍ଦ୍ର ସାହୁ, ଅଭିମନ୍ୟୁ ମଲିକ, ହୃଦାନନ୍ଦ କର, ନରେନ୍ଦ୍ର ମଲିକ, ଅ ପ୍ରମୁଖ ଉପସ୍ଥିତ ରହି ଡ. କଲାମଙ୍କ ସ୍ମୃତିଚାରଣ କରିଥିଲେ।

## ନାଳରେ ଭାସି ଯାଉଥିବା ଯୁବକଙ୍କୁ ଉଦ୍ଧାର କଲେ ଅଗ୍ନିଶମ ବାହିନୀ



ସୁବର୍ଣ୍ଣପୁର, (ନିପ୍ର) : ସୋନପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ଲେହେଡି ଗ୍ରାମ ନିକଟସ୍ଥ ବାଞ୍ଜିଯୋରରେ ବାଇକ ସହ ଯୁବକ ଭାସି ଯାଇଥିବା ବେଳେ ଅଗ୍ନିଶମ ବାହିନୀ ଦ୍ୱାରା ସୁରକ୍ଷିତ ଉଦ୍ଧାର ହୋଇଥିବା ଜଣା ପଡ଼ିଛି । ଗତ ଦୁଇଦିନ ହେବ ସୁବର୍ଣ୍ଣପୁର ଜିଲାରେ ମୂଷଳ ଧାରାରେ ବର୍ଷା ଜାରିରହିଛି । ସହର ଠୁ ଗ୍ରାମାଞ୍ଚଳ ବ୍ୟାପୀ ବର୍ଷାଜଳ ନିଷ୍କାସନ ରେ ସମସ୍ୟା ସୃଷ୍ଟି ହେବାସହ ନଦୀ, ନାଳରେ ପ୍ରବଳ ସ୍ରୋତ ରେ ଜଳ ନିଷ୍କାସିତ ହେଉଛି । ଅନେକ ସ୍ଥାନରେ ରାସ୍ତା ଉପରେ ବର୍ଷା ଜଳ ପ୍ରବାହିତ ହେଉଛି । ଗତକାଲି ରବିବାର ଦିନ ସନ୍ଧ୍ୟାରେ ଉଲୁଣ୍ଡା ବ୍ଲକ ପାଇକପାଲି ଗ୍ରାମର ବାସିନ୍ଦା ଫକୀର ମୋହନ ଭୋଇ (୪୩) ବର୍ଷ ବାଇକ୍‌ରେ ଘରକୁ ଯାଉଥିଲେ। ଲେହେଡି - ପାଇକପାଲି ରାସ୍ତାର ବାଞ୍ଜିଯୋରରେ ପ୍ରାୟ ୩ ଫୁଟ୍ ଉଚ୍ଚର ବନ୍ୟାଜଳ ପ୍ରବାହିତ ହେଉଥିବା ବେଳେ ସେ ବାଇକ୍ ଧରି ପାରି ହେଉଥିବା ବେଳେ ଜଳ ସ୍ରୋତରେ ବାଇକ୍ ସହ ଭାସି ଯାଇଥିଲେ । ଭାସି ଯାଉଥିବା ବେଳେ ଏକ ଗଛ ଡାଳରେ ଲାଗି ଯିବାରୁ ସୌଭାଗ୍ୟ କ୍ରମେ ବଞ୍ଚି ଯାଇଛନ୍ତି । ସ୍ଥାନୀୟ ଲୋକେ ଙ୍କ ସୂଚନା କ୍ରମେ ତୁରନ୍ତ ସୋନପୁର ଅଗ୍ନିଶମ ଅଧିକାରୀ ଭବେନ୍ଦ୍ର ନାଥ ଦେ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ଫକୀରଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ ।

## ପୌର ଚିକିତ୍ସାଳୟ ପ୍ରତି ସରକାରଙ୍କ ଦୃଷ୍ଟି ପଡୁ: ସେବା ପ୍ରତିନିଧି



ଭୁବନେଶ୍ୱର,(ନିପ୍ର):୧୯୪୬ ମସିହାରୁ କାର୍ଯ୍ୟକାରୀ ପୁରୁଣା ଭୁବନେଶ୍ୱରସ୍ଥ ପୌର ଚିକିତ୍ସାଳୟ ଦିନେ ଏତେ ଚାହିଦା ଥିଲା ୫୦-୧୦୦ କିଲୋମିଟରରୁ ଅଞ୍ଚଳବାସୀ ଏତେ ଅଧିକ ସଂଖ୍ୟକ ରୋଗୀ ଆସୁଥିଲେ ଯେ ବେଡ୍ ଅଭାବରୁ ତଳେ ପଟାଳି ଭଳି ପଡି ରହି ସୁସ୍ଥ ହୋଇ ଫେରି ଯାଉଥିଲେ। ପୌର ଚିକିତ୍ସାଳୟରେ ୧୦୭ ଶଯ୍ୟା ଥିଲା ଦିନେ। ଏବେ ଏହା ୫୭କୁ ଖସି ଆସିଥିବା , ଡାକ୍ତର ଅଭାବ ଏଭଳି ବହୁ ସମସ୍ୟା ଭିତରେ ଏହା ଗତି କରୁଥିବା ସେବା ପ୍ରତିନିଧି ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଛି ।ଏହି ପୌର ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିବା ଆଠ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଜାଗା ଖୋଜୁଥିବା ଅଧିକାରୀମାନେ ଯଦି ସୁଭଦ୍ରା ମହତାବ ହାଇସ୍କୁଲ ପରିସରକୁ ଏହି ଚିକିତ୍ସାଳୟରେ ସାମିଲ କରାଯାଆନ୍ତା ତେବେସମାସ୍ୟାର ସମାଧାନ ଘଟନ୍ତା ବୋଲି ୪୬ ମାସ ଧରି ନିୟମିତ ବ୍ୟବଧାନରେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଆସୁଥିବା ସଂଗଠନର ମୁଖ୍ୟ ନୀଳମଣି ମିଶ୍ର ମତ ବ୍ୟକ୍ତ କରିଛନ୍ତି। ଏ ଦିଗରେ ଦୃଢ଼ ପଦକ୍ଷେପ ନେବାକୁ ଦାମୋଦର ସାମନ୍ତରାୟ, ଉଲ୍ଲାସ ଚନ୍ଦ୍ର ମହାପାତ୍ର, ବିପିନ ବିହାରୀ ରାଉତରାୟ,ପ୍ରଦୀପ କୁମାର ରାୟ, ରଙ୍କନିଧି ପଟ୍ଟନାୟକ, ବ୍ରଜ କିଶୋର ମହାରଣା, ତାରା ଚରଣ ଆଚାର୍ଯ୍ୟ, ସୁବାସିନୀ ପୃଷ୍ଟି, ଲିଙ୍ଗରାଜ ପୃଷ୍ଟି, ସୀତା ରାଉତ, ବର୍ଣ୍ଣମାଳା ପାତ୍ର, ସୁରେଶ ଦାଶ, ନୟନୀ ବେହେରା ଇତ୍ୟାଦି ଶ୍ରୀ ମିଶ୍ରଙ୍କ ସହିତ ଧାରଣା ସ୍ଥଳରେ ସ୍ୱର ମିଳାଇଛନ୍ତି।

## ବରଗାଁ-ଜୟପୁର ବଡ଼ନଦୀ ରାସ୍ତାରେ ଖାଲଖମା



ଆସିକା(ନିପ୍ର): ଆସିକା ବ୍ଲକ ଅଧିନ ବରଗାଁ-ଜୟପୁର ନଦୀହୁଡା ରାସ୍ତାଟି ଖାଲଖମା ଯୋଗୁଁ ଯାତାୟାତ କରିବାରେ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି ଯାତ୍ରୀ। ଅନେକ ଥର ସାନବଡ ଦୁର୍ଘଟଣା ଘଟୁଛି। ଏହି ନଦୀରାସ୍ତାଟି ଆସିକା ଜଳସେଚନ ବିଭାଗ ଅଧିନରେ ରହିଛି। ଅନେକ ଦିନ ତଳେ ରାସ୍ତାଟି ନିର୍ମାଣ ହୋଇଥିଲା। ଦୀର୍ଘଦିନ ହେଲା ରାସ୍ତାର ରକ୍ଷଣାବେକ୍ଷଣ ହୋଇ ନାହିଁ। ଏହି ରାସ୍ତା ଦେଇ ୧୦ ଖଣ୍ଡ ଗ୍ରାମର ୧୫୦୦୦ ଲୋକ ଏହି ରାସ୍ତା ଦେଇ ଆସିକା ସହରକୁ ସ୍କୁଲ, କଲେଜ ଓ ମେଡିକାଲ ଆସନ୍ତି। ତୁରନ୍ତ ଏହି ରାସ୍ତା ମରାମତି ପାଇଁ ବରଗାଁ, ଜୟପୁର, ପଡାଳ ଅଞ୍ଚଳବାସୀ ଦାବିକରିଛନ୍ତି।

ତିଥି :(ଚତୁର୍ଦ୍ଦଶୀ): (ପୂର୍ବାଷାଢ଼ା ଧନୁ )
ଅମୃତ ବେଳା: ସକାଳ ଘ ୭।୫୧ ରୁ ଘ ୧୦।୧୫ ମଧ୍ୟେ

## ଆଜିର ଅନୁଚିନ୍ତନ

ଯେହେତୁ ମୁଁ କ୍ଷରରୁ ଅତୀତ ଓ ଅକ୍ଷରରୁ ମଧ୍ୟ ଉତ୍ତମ, ତେଣୁ ଜଗତରେ ଓ ବେଦରେ ମୁଁ ପୁରୁଷୋତ୍ତମ ନାମରେ ପ୍ରସିଦ୍ଧ।।
- ଶ୍ରୀମଦ୍ ଭଗବଦ୍ ଗୀତା

# ଉତ୍ତରଦାୟିତ୍ୱ

କୁହାଯାଏ ମଣିଷ ମାତ୍ରକେ ଭୁଲ୍। ଭୁଲ୍ ବା ତ୍ରୁଟି କେବେ କେବେ ଏକ ବା ଏକାଧିକ ହୋଇଯିବା ବିଚିତ୍ର ନୁହେଁ। ମାତ୍ର ତାହା ଯଦି ଆଶାତୀତ ହୁଏ ସନ୍ଦେହର କୁହେଳିକା ଜମିଯାଏ ଏବଂ ତାହା ଯେତେବେଳେ ପଦାକୁ ଆସେ ତାହା ଯଦି ପ୍ରଶାସନଗତ ହୋଇଥାଏ ତେବେ ବ୍ୟବସ୍ଥାରେ ତ୍ରୁଟି ପ୍ରତି ଅଙ୍ଗୁଳି ନିର୍ଦ୍ଦେଶିତ ହୁଏ। ତହିଁରେ ପ୍ରମୁଖ ବ୍ୟକ୍ତିଙ୍କ ସହଭାଗିତା ଷଡ଼ଯନ୍ତ୍ର ରହିଛି ଅବା ନିଷ୍କ୍ରିୟତା କି ଉଦାସୀନତା ବା ହେୟ ଭାବ ରହିଛି ତାହାର ବିଭିନ୍ନ ଦିଗ ସଂପର୍କିତ ପ୍ରଶ୍ନବାଚୀ ଉଦ୍ରେକ ହୁଏ। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛପାଯାଇଥିବା ପାଠ୍ୟପୁସ୍ତକରେ ପ୍ରାୟ ୨ହଜାର ତ୍ରୁଟି ପ୍ରସଙ୍ଗ ସାମ୍ନାକୁ ଆସିବା ଓ ପ୍ରଥମ ପର୍ଯ୍ୟାୟରେ ଏହା ଏକ ପ୍ରକାର ଦିଗହରା ହେବାକୁ ଯାଉଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଫଳରେ ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଓ କିଛି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ସତ, କିନ୍ତୁ ଏବେସୁଦ୍ଧା ତଦନ୍ତ ସରି ନଥିବା ଓ ନିଆଯାଇଥିବା ଏଯାବତ୍ କାର୍ଯ୍ୟାନୁଷ୍ଠାନ ଯେ ଯଥେଷ୍ଟ ଏପରି ପ୍ରତୀୟମାନ ହେଉ ନ ଥିବା ବିଭିନ୍ନ ମହଲରେ ଚର୍ଚ୍ଚିତ ହୋଇଛି। ତଦନ୍ତ କେବେ ସରିବ ସେ ନେଇ ଅନୁମାନ କରିହେଉନାହିଁ। କୁହାଯାଇପାରେ ଯେ ଯେବେ ବହିତ୍ରୁଟି ପ୍ରସଙ୍ଗ ସାମ୍ନାକୁ ଆସି ନ ଥିଲା ମନେ ହେଉଥିଲା ସବୁକିଛି ଠିକ୍ ଚାଲିଛି। ଏହି ଠିକ୍ ଚାଲିଛିର ଅବବୋଧ ଭିତରେ ଯେବେ ପ୍ରସଙ୍ଗଟି ଆସିଲା ତାହା ପ୍ରକାରାନ୍ତେ ଜଣାଇ ଦେଲା ଯେ ସତ ପ୍ରତ୍ୟୟ ଭିତରେ ବେଳେ ବେଳେ ମିଛ ବା ତ୍ରୁଟି ବା ଅବ୍ୟବସ୍ଥା ଏଭଳି ଭାବରେ ଲୁକ୍କାୟିତ ହୋଇ ରହିଥାଏ। ନୈତିକତା ହେଉ କି ଉତ୍ତରଦାୟିତ୍ୱ ଯେବେ ଏ ପ୍ରସଙ୍ଗ ଉଠୁଛି କିଛି ନା କିଛି ଆଳରେ ତାହାକୁ ରୋକି ଦିଆଯାଉଛି, ମନେ ହେଉଛି ପାଣିଚିଆ। ଏହା କିପରି ପାଣିଚିଆ ଅନୁଭବ ହୁଏ ସେନେଇ ଦୁଇଟି ଦୃଷ୍ଟାନ୍ତ ସାମାନ୍ୟ ଭାବରେ ଅବତାରଣା କରାଯାଇପାରେ । ପ୍ରଥମଟି ଗଜପତି ଜିଲ୍ଲାର ମୋହନା ଗଉଡମା ଗ୍ରାମ ପଞ୍ଚାୟତ ଢ଼େପାଗୁଡ଼ା ଗ୍ରାମ ପାଖ ଗମ୍ଭାରୀଗାଁରୁ କାମ୍ବାଜୁ ପର୍ଯ୍ୟନ୍ତ ରାସ୍ତା ଖରାଦିନେ ଚଳିଯାଏ କୌଣସି ପ୍ରକାରେ ମାତ୍ର ବର୍ଷାଦିନେ କାଦୁଅ ପଚପଚ। ପ୍ରଶାସନ ଦୃଷ୍ଟିଦେଲାନି ବୋଲି ଏହି ମହିଳାଗୋଷ୍ଠୀ ସେହି ରାସ୍ତାର ମରାମତି ପ୍ରତି ଧ୍ୟାନ ଦେଇଥିବା କହିଛି। ସେହିପରି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବେଲପଡା ପଞ୍ଚାୟତ ଗେରୁପଡ଼ା-ବଳରାମପୁର ରାସ୍ତାର ନାଳରେ ପୋଲଟିଏ ନିର୍ମାଣ ହୋଇପାରି ନାହିଁ ଏଯାବତ୍ , ନାଳ ଆରପାଖରେ ଶ୍ମଶାନ ଥିବାରୁ ନିକଟରେ ନାଳ ପାର ହେଲେ କିଛି ଲୋକ କୋକେଇ ଧରି ପାର ହେଉଛନ୍ତି, ବିପଦ ଯେ ନାଳରେ ପାଣିର ସୁଅ ହୁଏତ ସେମାନଙ୍କୁ କେବେ ଭସାଇ ନେଇପାରେ। ଏ ଦୁଇଟି ଘଟଣା ଭାତ ହାଣ୍ଡିରୁ ଦୁଇଟି। ଦୁଇଟି ଯାକ ସ୍ଥାନରେ ପ୍ରଶାସନ ରହିଛି ,ଅଛନ୍ତି ବି ଲୋକପ୍ରତିନିଧି। ରାଜ୍ୟ ବଜେଟରେ ଗ୍ରାମାଞ୍ଚଳ ଉନ୍ନୟନ ପାଇଁ ବେଶ୍ ଅର୍ଥ ବ୍ୟୟବରାଦ ହେଉଛି। ଏହା ସତ୍ତ୍ୱେ କାହିଁକି ହୋଇପାରୁନାହିଁ ରାସ୍ତାଟିଏ କି ପୋଲଟିଏ । କେହି ଉତ୍ତରଦାୟୀ ବୋଲି କହୁ ନାହାନ୍ତି । କାମ ହେବ ବୋଲି କହିବା ଓ ସେଦିଗରେ ତତ୍ପରତା କାହିଁ ? ଏକ ଅଦଭୂତ ଉଦାସୀନତା ଯେପରି ଗ୍ରାସି ଯାଇଛି।

ଆଲୋଚ୍ୟ ପାଠ୍ୟପୁସ୍ତକ ତ୍ରୁଟି ପଛରେ ଯେ ମନେ ହୁଏ ବଡଧରଣର ଅପରାଧିକ ଷଡଯନ୍ତ୍ର ରହିଛି ହୁଏ ତ ଓ ଏହାର ଚେର ପର୍ଯ୍ୟନ୍ତ ତଦନ୍ତକାରୀ ସଂସ୍ଥା ପହଞ୍ଚିବାକୁ କେତେ ଦିନ ଲାଗିବ ତାହା ସମୟ କହିବ। ମାତ୍ର ଏକଥା ସତ ଯେ ଲୋକବିଶ୍ୱାସ ଓ ସରକାରଙ୍କ ବିଶ୍ୱାସ, ଏପରି ପାରସ୍ପରିକ ବିଶ୍ୱାସରେ ବିକାଶ ଆଗକୁ ବଢ଼େ। ସୁତରାଂ ଦୃଢ଼ ରାଜନୈତିକ ଅନୁଶୀଳନ ସାଙ୍ଗକୁ କାର୍ଯ୍ୟାନୁଷ୍ଠାନ ଲୋଡ଼ା ପଡୁଛି, ଏହା ମନେ କରାଯିବା ଅଯଥାର୍ଥ ହେବ ନାହିଁ।

# ଗୁରୁତ୍ୱପୂର୍ଣ୍ଣ ଉଦାହରଣ: ଇ-ସରସ

ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମକୁ ୧୧ ବର୍ଷ ପୂରଣ ହୋଇଥିବା ବେଳେ ଇ-ସରସ ଏହାର ଏକ ଗୁରୁତ୍ୱପୂର୍ଣ୍ଣ ଉଦାହରଣ ପାଲଟିଛି । ଇ-ସରସ ହେଉଛି ସରକାରଙ୍କ ସମର୍ଥିତ ଏକ ଡିଜିଟାଲ ବ୍ୟବସାୟ ପ୍ଲାଟଫର୍ମ । ଏହା ସାରା ଦେଶର ଗ୍ରାମୀଣ ଉତ୍ପାଦକ ଏବଂ ଗ୍ରାହକମାନଙ୍କୁ ଯୋଡ଼ିଥାଏ। କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରଣାଳୟ ଅଧୀନ ଡିଜିଟାଲ ଇଣ୍ଡିଆ କର୍ପୋରେସନ ଦ୍ୱାରା ଏହାକୁ ବିକଶିତ କରାଯାଇଛି। ଦୀନ ଦୟାଲ ଅନ୍ତ୍ୟୋଦୟ ଯୋଜନା – ଜାତୀୟ ଗ୍ରାମୀଣ ଜୀବିକା ମିଶନ ଅଧୀନରେ ଇ-ସରସକୁ କାର୍ଯ୍ୟକାରୀ କରାଯାଉଛି । ଏହି ପ୍ଲାଟଫର୍ମ ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି), ମହିଳା ଉଦ୍ୟୋଗୀ, ଉତ୍ପାଦ ସଂଗ୍ରାହକ, କୃଷି ଉତ୍ପାଦନ ସଂଗଠନଗୁଡ଼ିକୁ ଏକ ବିଶ୍ୱସ୍ତ ଡିଜିଟାଲ ବଜାର ଯୋଗାଇ ଦେଇଛି। ଏହା ଦୀର୍ଘସ୍ଥାୟୀ ଜୀବିକା ସୁଯୋଗ ସୃଷ୍ଟି କରିବା ସହିତ ସମାବେଶୀ ଡିଜିଟାଲ ବିକାଶର ଲକ୍ଷ୍ୟକୁ ସାକାର କରୁଛି ।

ଏହି କାର୍ଯ୍ୟକ୍ରମରେ ୮.୯୯ କୋଟିରୁ ଅଧିକ ପଂଜୀକୃତ ଏସଏଚଜି ସଦସ୍ୟ ସାମିଲ ହୋଇଛନ୍ତି । ଫଳରେ ଏହା ବିଶ୍ୱର ସର୍ବବୃହତ୍ ମହିଳା ନେତୃତ୍ୱାଧୀନ ଜୀବିକା ଇକୋସିଷ୍ଟମ ମଧ୍ୟରୁ ଅନ୍ୟତମ ପାଲଟିଛି । ଏହି ପ୍ଲାଟଫର୍ମରେ ୧,୪୦୦ରୁ ଅଧିକ ଉତ୍ପାଦ ବିକ୍ରି ପାଇଁ ଉପଲବ୍ଧ ରହିଛି ।




୮୦୦ରୁ ଅଧିକ କ୍ରେତା ଡିଜିଟାଲ ବ୍ୟବସାୟ ପାଇଁ ଓପନ ନେଟୱର୍କ ବା ଓଏନଡିସି ଆଧାରିତ କ୍ରେତା ଆପ୍ଲିକେସନ୍ ମାଧ୍ୟମରେ ଏସଏଚଜି ଉତ୍ପାଦଗୁଡ଼ିକୁ ପାଇପାରୁଛନ୍ତି । ଗ୍ରାମୀଣ ଉଦ୍ୟୋଗଗୁଡ଼ିକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବର୍ଷ ୫୦ରୁ ଅଧିକ ସରସ ମେଳା ଆୟୋଜନ କରାଯାଉଛି ।

ଇ-ସରସ ପ୍ଲାଟଫର୍ମ ଗ୍ରାମୀଣ ମହିଳା ଉଦ୍ୟୋଗୀ ଏବଂ ଏସଏଚଜି ଗୋଷ୍ଠୀ ସଦସ୍ୟାମାନଙ୍କୁ ଡିଜିଟାଲ ବ୍ୟବସାୟ ଜରିଆରେ ସେମାନଙ୍କ ଉତ୍ପାଦ ନିମନ୍ତେ ସାରା ଦେଶରୁ ଗ୍ରାହକ ଯୋଗାଡ଼ କରିବାରେ ସହାୟକ ହେଉଛି । ଏହା ବିଶ୍ୱସ୍ତ 'ଲୋକ୍ ଓଏସ୍' ଇକୋସିଷ୍ଟମ ଜରିଆରେ ଡିଜିଟାଲ ଅନବୋର୍ଡିଂ ସୁବିଧା ପ୍ରଦାନ କରୁଛି । ଏହି ବ୍ୟବସ୍ଥାରେ ଭାଷିନୀ ଜରିଆରେ ବହୁଭାଷୀ ସୁବିଧା, ସୁରକ୍ଷିତ ଡିଜିଟାଲ ପେମେଣ୍ଟ, ସମନ୍ୱିତ ଲଜିଷ୍ଟିକ୍ସ, ଅନଲାଇନ ଉତ୍ପାଦ କାଟାଲଗ୍ ଭଳି ସୁବିଧା ମିଳୁଛି । ଗ୍ରାମୀଣ ମହିଳା ଉଦ୍ୟୋଗୀମାନଙ୍କୁ ସମର୍ଥନ କରି ଏହି ପ୍ଲାଟଫର୍ମ ୨୦୨୯ ସୁଦ୍ଧା ସରକାରଙ୍କ ୬ କୋଟି ଲକ୍ଷପତି ଦିଦି ସୃଷ୍ଟି ଲକ୍ଷ୍ୟକୁ ସମର୍ଥନ କରୁଛି ।

ଇ-ସରସ ଏସଏଚଜି ଏବଂ ଗ୍ରାମୀଣ ଉତ୍ପାଦକ ଗୋଷ୍ଠୀଗୁଡ଼ିକୁ ବର୍ଷସାରା ରାଜସ୍ୱ ସୃଷ୍ଟି କରିବାରେ ସକ୍ଷମ କରି ଆୟକୁ ବିବିଧ କରିବାରେ ସାହାଯ୍ୟ କରେ। ଏହି ପ୍ଲାଟଫର୍ମ ଖାଦ୍ୟ ପ୍ରକ୍ରିୟାକରଣ, କୃଷିଭିତ୍ତିକ ଉଦ୍ୟୋଗ, ହସ୍ତଶିଳ୍ପ, ହସ୍ତତନ୍ତ, ମହୁ, ଦୁଗ୍ଧଜାତ ଦ୍ରବ୍ୟ, ଔଷଧୀୟ ଉତ୍ପାଦ, ବ୍ୟକ୍ତିଗତ ପ୍ରସାଧନ ସାମଗ୍ରୀ ଏବଂ ଗୃହ ସାଜସଜ୍ଜା ସମେତ ବିଭିନ୍ନ ପ୍ରକାରର ଜୀବିକା କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରେ।

ବଜାର ସୁବିଧା ଯୋଗାଇବା ବ୍ୟତୀତ, ଇ-ସରସ ଗ୍ରାମୀଣ ଉଦ୍ୟୋଗୀମାନଙ୍କୁ ସେମାନଙ୍କର ଉତ୍ପାଦଗୁଡ଼ିକୁ ବଜାରକୁ ଆଣିବା ପୂର୍ବରୁ ସେମାନଙ୍କର ମୂଲ୍ୟ ବୃଦ୍ଧି କରିବାକୁ ଉତ୍ସାହିତ କରେ। ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ କଞ୍ଚାମାଲ୍ ବିକ୍ରି କରିବା ପରିବର୍ତ୍ତେ କୃଷି ଉତ୍ପାଦଗୁଡ଼ିକୁ ଚିପ୍ସ, ପାପଡ଼, ଆଚାର, ଜାମ୍, ସ୍କ୍ୱାସ୍, କ୍ୟାଣ୍ଡି, ପ୍ୟାକେଜ୍ ମସଲା, ପ୍ରକ୍ରିୟାକୃତ ଡାଲି ଏବଂ ବୋତଲବନ୍ଦ ମହୁ ଭଳି ଉଚ୍ଚ-ମୂଲ୍ୟର ଉତ୍ପାଦରେ ପ୍ରକ୍ରିୟାକରଣ ଓ ପ୍ୟାକେଜିଂ କରି ବଜାରକୁ ଛାଡ଼ି ପାରୁଛନ୍ତି ।

ଏହା ମଧ୍ୟ ଡିଜିଟାଲ ଉଦ୍ୟୋଗ ବିକାଶ ପାଇଁ କ୍ଷମତା ବିକାଶରେ ସହାୟକ ହେଉଛି। ଆରମ୍ଭ ହେବା ପରଠାରୁ, ଇ-ସରସ ଗ୍ରାମୀଣ ଉତ୍ପାଦକମାନଙ୍କ ପାଇଁ ବଜାର ପ୍ରବେଶକୁ ଉନ୍ନତ କରିବା ପାଇଁ ଏହାର ଡିଜିଟାଲ୍ ଇକୋସିଷ୍ଟମକୁ ନିରନ୍ତର ସୁଦୃଢ଼ କରିଆସିଛି। ଏହି ୱେବ୍ ପୋର୍ଟାଲ୍ ୨୮ ଅକ୍ଟୋବର ୨୦୨୨ରେ ଶୁଭାରମ୍ଭ କରାଯାଇଥିଲା। ଏହାପରେ ୨୮ ଜୁନ୍ ୨୦୨୩ରେ ଆଣ୍ଡ୍ରଏଡ୍ ମୋବାଇଲ୍ ଆପ୍ଲିକେସନ୍ ଆରମ୍ଭ ହୋଇଥିଲା।(ପିଆଇବି)

# ଭି.ବି.ଏସ.ଏ. ବିଲ୍: ଶିକ୍ଷାର ଭବିଷ୍ୟତ ଉପରେ ଗଭୀର ପ୍ରଶ୍ନ !

ଅସିତ ମହାନ୍ତି

**ଏହି କମିଶନ ତିନୋଟି ପରିଷଦ - ନିୟାମକ ପରିଷଦ, ଆକ୍ରିଡେଟେସନ୍ ପରିଷଦ ଏବଂ ମାନକ ପରିଷଦ ମାଧ୍ୟମରେ କାର୍ଯ୍ୟ କରିବ। ଏହି ପରିଷଦର ସମସ୍ତ ସଦସ୍ୟ କେନ୍ଦ୍ର ସରକାରଙ୍କ ସୁପାରିଶରେ ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତ ହେବେ। ଏହାର ଅର୍ଥ ହେଉଛି କେନ୍ଦ୍ର ସରକାରଙ୍କ ଶିକ୍ଷା ବ୍ୟବସ୍ଥା ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରହିବ। ସମ୍ବିଧାନ ଶିକ୍ଷାକୁ ସମକାଳୀନ ତାଲିକାରେ ସ୍ଥାନିତ କରିଛି, ଯାହା ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଉଭୟ ଭୂମିକାକୁ ସୁନିଶ୍ଚିତ କରୁଛି। କିନ୍ତୁ ଭିବିଏସଏ ବିଲ୍ ଏହି ସନ୍ତୁଳନକୁ ବିପର୍ଯ୍ୟସ୍ତ କରେ ଏବଂ ରାଜ୍ୟଗୁଡ଼ିକର ଭୂମିକାକୁ ଆନୁଷ୍ଠାନିକ କରିଥାଏ। ବିରୋଧର ସବୁଠାରୁ ବଡ଼ କାରଣ ହେଉଛି ଏହି ବିଲ୍ ଶିକ୍ଷାର ସଂଘୀୟ ଢାଞ୍ଚାକୁ ଦୁର୍ବଳ କରେ।**

ଭାରତରେ, ଶିକ୍ଷା ସର୍ବଦା କେବଳ ଜ୍ଞାନ ଆହରଣର ଏକ ମାଧ୍ୟମ ନୁହେଁ, ବରଂ ସମାଜର ଆତ୍ମା ଏବଂ ସଂସ୍କୃତିକୁ ଆକାର ଦେଉଥିବା ଏକ ଶକ୍ତି। ସମ୍ପ୍ରତି ପ୍ରବର୍ତ୍ତିତ ବିକାଶ ଭାରତ ଶିକ୍ଷା ଅଧିଷ୍ଠାନ ବିଲ୍ ଏହି ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ବ୍ୟାପକ ବିତର୍କ ସୃଷ୍ଟି କରିଛି। ଏହି ବିଲ୍ ଉଚ୍ଚଶିକ୍ଷା ପାଇଁ ନିୟାମକ ଢାଞ୍ଚାକୁ ସମ୍ପୂର୍ଣ୍ଣ ପରିବର୍ତ୍ତନ କରିବାକୁ ପ୍ରସ୍ତାବ ଦେଇଛି। ପ୍ରଥମ ନଜରରେ, ଏହା ସଂସ୍କାରବାଦୀ ମନେହୁଏ, କିନ୍ତୁ ଏହାର ଅନ୍ତର୍ନିହିତ ବ୍ୟବସ୍ଥା ଏବଂ ସମ୍ଭାବ୍ୟ ପରିଣାମକୁ ବୁଝିବା ପରେ, ଏହା ସ୍ପଷ୍ଟ ହୋଇଯାଏ ଯେ ଏହା କେବଳ ଶିକ୍ଷାର ପ୍ରଶ୍ନ ନୁହେଁ, ବରଂ ସଂଘୀୟ ଗଠନ, ଗଣତାନ୍ତ୍ରିକ ସନ୍ତୁଳନ ଏବଂ ସାଂସ୍କୃତିକ ବିବିଧତାର ମଧ୍ୟ। ଏହି ବିଲ୍ UGC(University Grant Commission), AICTE(All India Council for Technical Education), ଏବଂ NCTE (National Counsil for Teacher Education)ଭଳି ପ୍ରତିଷ୍ଠାନଗୁଡ଼ିକୁ ଉଚ୍ଛେଦ କରି ଏକ କେନ୍ଦ୍ରୀକୃତ କମିଶନ ସୃଷ୍ଟି କରିବାକୁ ପ୍ରସ୍ତାବ ଦେଇଛି। ଏହି କମିଶନ ତିନୋଟି ପରିଷଦ - ନିୟାମକ ପରିଷଦ, ଆକ୍ରିଡେଟେସନ୍ ପରିଷଦ ଏବଂ ମାନକ ପରିଷଦ ମାଧ୍ୟମରେ କାର୍ଯ୍ୟ କରିବ। ଏହି ପରିଷଦର ସମସ୍ତ ସଦସ୍ୟ କେନ୍ଦ୍ର ସରକାରଙ୍କ ସୁପାରିଶରେ ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତ ହେବେ। ଏହାର ଅର୍ଥ ହେଉଛି କେନ୍ଦ୍ର ସରକାରଙ୍କ ଶିକ୍ଷା ବ୍ୟବସ୍ଥା ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରହିବ। ସମ୍ବିଧାନ ଶିକ୍ଷାକୁ ସମକାଳୀନ ତାଲିକାରେ ସ୍ଥାନିତ କରିଛି, ଯାହା ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଉଭୟ ଭୂମିକାକୁ ସୁନିଶ୍ଚିତ କରୁଛି। କିନ୍ତୁ ଭିବିଏସଏ ବିଲ୍ ଏହି ସନ୍ତୁଳନକୁ ବିପର୍ଯ୍ୟସ୍ତ କରେ ଏବଂ ରାଜ୍ୟଗୁଡ଼ିକର ଭୂମିକାକୁ ଆନୁଷ୍ଠାନିକ କରିଥାଏ। ବିରୋଧର ସବୁଠାରୁ ବଡ଼ କାରଣ ହେଉଛି ଏହି ବିଲ୍ ଶିକ୍ଷାର ସଂଘୀୟ ଢାଞ୍ଚାକୁ ଦୁର୍ବଳ କରେ। ଧାରା ୪୫ ଏବଂ ଧାରା ୪୭ ଭଳି ବ୍ୟବସ୍ଥା ଅନୁଯାୟୀ, କେନ୍ଦ୍ର ସରକାର ଯେକୌଣସି ନୀତି ଉପରେ ବାଧ୍ୟତାମୂଳକ ନିର୍ଦ୍ଦେଶାବଳୀ ଜାରି କରିପାରିବେ ଏବଂ କମିଶନ କିମ୍ବା ପରିଷଦଗୁଡ଼ିକୁ ଭାଙ୍ଗି ଦେଇ ସିଧାସଳଖ ନିୟନ୍ତ୍ରଣ ନେଇପାରିବେ। ଏହା ରାଜ୍ୟ ସ୍ୱାୟତ୍ତତାକୁ ଦୂର କରିବ, ଯାହା ଫଳରେ ସମଗ୍ର ଶିକ୍ଷା ବ୍ୟବସ୍ଥା କେନ୍ଦ୍ରୀୟ ନିର୍ଦ୍ଦେଶ ଉପରେ ନିର୍ଭରଶୀଳ ହେବ। ଏହି କାରଣରୁ ବିରୋଧୀ ଦଳରେ କିମ୍ବା ଶାସକ ମେଣ୍ଟରେ ଥିବା ଅନେକ ରାଜ୍ୟ ସରକାର ଏହି ବିଲ୍କୁ ବିରୋଧ କରୁଛନ୍ତି। ଏହି ବିଲ୍ ଦ୍ୱାରା ଅନୁଷ୍ଠାନିକ ସ୍ୱାୟତ୍ତତା ମଧ୍ୟ ପ୍ରଭାବିତ ହେଉଛି। ବିଶ୍ୱବିଦ୍ୟାଳୟ ଏବଂ ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକୁ ଏବେ କେନ୍ଦ୍ରୀୟ ନିର୍ଦ୍ଦେଶ ପାଳନ କରିବାକୁ ପଡିବ। ଏହା ସେମାନଙ୍କର ସ୍ୱାଧୀନତା ଏବଂ ଶୈକ୍ଷିକ ସ୍ୱାୟତ୍ତତାକୁ ଦୂର କରିବ। ଶିକ୍ଷା କେବଳ ନିଯୁକ୍ତିର ଏକ ମାଧ୍ୟମ ନୁହେଁ, ବରଂ ସ୍ୱାଧୀନ ଚିନ୍ତାଧାରା ଏବଂ ଏକ ସମାଲୋଚନାତ୍ମକ ଦୃଷ୍ଟିକୋଣ ବିକାଶର ଏକ ମାଧ୍ୟମ। ଯେତେବେଳେ ପ୍ରତିଷ୍ଠାନଗୁଡ଼ିକ କେନ୍ଦ୍ରୀୟ ନିର୍ଦ୍ଦେଶର ଅଧୀନରେ ଥାଏ, ପାଠ୍ୟକ୍ରମ ଏବଂ ଗବେଷଣାର ଦିଗ ମଧ୍ୟ ସରକାରୀ ନୀତି ଏବଂ ବିଚାରଧାରା ଦ୍ୱାରା ପ୍ରଭାବିତ ହେବ। ଏହିଠାରେ ବିରୋଧୀମାନେ ସରକାରଙ୍କ ଲୁକ୍କାୟିତ ଏଜେଣ୍ଡା ଦେଖନ୍ତି। ଏହି ବିଲ୍ ପଛରେ ସରକାରଙ୍କ ଉଦ୍ଦେଶ୍ୟ ହେଉଛି ଶିକ୍ଷା ଉପରେ ଆଦର୍ଶଗତ ନିୟନ୍ତ୍ରଣ ସ୍ଥାପନ କରିବା। ଯେତେବେଳେ ପାଠ୍ୟକ୍ରମ ଏବଂ ମାନଦଣ୍ଡ ସ୍ଥିର କରିବାର ଅଧିକାର ଏକ କେନ୍ଦ୍ରୀକୃତ କମିଶନଙ୍କ ପାଖରେ ଥାଏ, ଯାହାର ସଦସ୍ୟମାନେ କେନ୍ଦ୍ର ସରକାରଙ୍କ ସୁପାରିସରେ ନିଯୁକ୍ତ ହୁଅନ୍ତି, ସେତେବେଳେ ଶିକ୍ଷାର ଦିଗ ସରକାରଙ୍କ ଚିନ୍ତାଧାରା ସହିତ ସମନ୍ୱିତ ହେବା ସ୍ୱାଭାବିକ। ଏହା ଆଉ ସ୍ୱାଧୀନ ଚିନ୍ତାଧାରା ଏବଂ ସମାଲୋଚନା ମୂଳକ ଚିନ୍ତାଧାରା ପ୍ରୋତ୍ସାହିତ କରିବ ନାହିଁ, ବରଂ ସମାନତା ଏବଂ ଆଦର୍ଶ ଶୃଙ୍ଖଳାର ଏକ ମାଧ୍ୟମ ହେବ। ଏହା ବ୍ୟତୀତ, ବିଲ୍ ବିଦେଶୀ ବିଶ୍ୱବିଦ୍ୟାଳୟଗୁଡ଼ିକୁ ଭାରତରେ ପ୍ରବେଶ କରିବାକୁ ଅନୁମତି ଦିଏ। ତଥାପି, ଏଥିରେ ଏକ ସ୍ପଷ୍ଟ ସମାନ କ୍ଷେତ୍ରର ଅଭାବ ଅଛି। ଏହାର ଅର୍ଥ ହେଉଛି ବିଦେଶୀ ବିଶ୍ୱବିଦ୍ୟାଳୟଗୁଡ଼ିକ ଭାରତରେ କାର୍ଯ୍ୟ କରିବାକୁ ମୁକ୍ତ ହେବେ, ଯେତେବେଳେ ଭାରତୀୟ ପ୍ରତିଷ୍ଠାନଗୁଡ଼ିକ କଠୋର ନିୟମ ଏବଂ କେନ୍ଦ୍ରୀକୃତ ନିୟନ୍ତ୍ରଣ ଅଧୀନରେ ରହିବେ। ଏହା ଭାରତୀୟ ପ୍ରତିଷ୍ଠାନଗୁଡ଼ିକ ଉପରେ ଚାପ ବୃଦ୍ଧି କରିବ ଏବଂ ଶିକ୍ଷାର ବାଣିଜ୍ୟକରଣକୁ ତ୍ୱରାନ୍ୱିତ କରିବ। ବିରୋଧୀମାନେ ଯୁକ୍ତି ଦିଅନ୍ତି ଯେ ଏହି ପଦକ୍ଷେପ ବିଶ୍ୱ ପ୍ରତିଯୋଗିତା ନାମରେ ଭାରତୀୟ ଶିକ୍ଷାକୁ ବିଦେଶୀ ପୁଞ୍ଜି ଏବଂ ପ୍ରତିଷ୍ଠାନଗୁଡ଼ିକ ପାଇଁ ଖୋଲିବାର ଏକ ପ୍ରୟାସ। ସରକାରଙ୍କ ସ୍ଥିତି ହେଉଛି ଯେ ଭିବିଏସଏ ବିଲ୍ ଉଚ୍ଚଶିକ୍ଷାରେ ଖଣ୍ଡିତ ନିୟାମକ ଢାଞ୍ଚାକୁ ଏକୀକୃତ କରିବ ଏବଂ ଗୁଣାତ୍ମକ, ସ୍ୱଚ୍ଛତା ଏବଂ ବିଶ୍ୱ ପ୍ରତିଯୋଗିତା ଆଣିବ। ଏହାକୁ ଏନଇପି ୨୦୨୦ ର ଆତ୍ମାରେ ଏକ ପଦକ୍ଷେପ ଭାବରେ ବର୍ଣ୍ଣନା କରାଯାଇଛି। ତଥାପି, ସମାଲୋଚକମାନେ କୁହନ୍ତି ଯେ ସଂସ୍କାର ନାମରେ, ଏହି ବିଲ୍ ଶିକ୍ଷାକୁ କେନ୍ଦ୍ରୀୟ ନିୟନ୍ତ୍ରଣ ଅଧୀନରେ ଆଣିବାର ଏକ ମାଧ୍ୟମ। ବିଶ୍ଳେଷଣାତ୍ମକ ଭାବରେ ଦେଖିଲେ, ଭିବିଏସଏ ବିଲ୍ ଭାରତୀୟ ଶିକ୍ଷାର ଆତ୍ମାକୁ ଏକ କଠୋର ଆଘାତ ଦେଇଛି। ଶିକ୍ଷା କେବଳ ନିଯୁକ୍ତିର ଏକ ମାଧ୍ୟମ ନୁହେଁ; ଏହା ସମାଜର ଚେତନା ଏବଂ ସଂସ୍କୃତିକୁ ମଧ୍ୟ ଆକାର ଦିଏ। ଶିକ୍ଷା ଉପରେ କେନ୍ଦ୍ରୀକୃତ ନିୟନ୍ତ୍ରଣ ବିବିଧତା ଏବଂ ବହୁଲୌକିକତାକୁ ଦୂର କରିବ। ଭାରତ ଭଳି ଏକ ବହୁସାଂସ୍କୃତିକ ଦେଶରେ, ଶିକ୍ଷାର ଉଦ୍ଦେଶ୍ୟ କେବଳ ଜ୍ଞାନ ପ୍ରଦାନ କରିବା ନୁହେଁ ବରଂ ବିବିଧ ସଂସ୍କୃତି ଏବଂ ଚିନ୍ତାଧାରାକୁ ଏକୀକୃତ କରିବା। ଭିବିଏସଏ ବିଲ୍ ଏହି ଉଦ୍ଦେଶ୍ୟକୁ ଦୁର୍ବଳ କରେ ଏବଂ ସମାନତା ଆଡ଼କୁ ନେଇଯାଏ। UGC, AICTE, ଏବଂ NCTE ଭାରତର ଶିକ୍ଷା ବ୍ୟବସ୍ଥାର ତିନୋଟି ପ୍ରମୁଖ ସ୍ତମ୍ଭ ହୋଇଛି। ସେମାନଙ୍କର ଭୂମିକା ବିବିଧ ଥିଲା, ଏବଂ ଏହି ବିବିଧତା ଶିକ୍ଷାର ସଂଘୀୟ ଏବଂ ବହୁଳବାଦୀ ଗଠନକୁ ବଜାୟ ରଖିଥିଲା। ଭିବିଏସଏ ବିଲ୍ ପ୍ରଣୟନ ସହିତ, ଏହି ପ୍ରତିଷ୍ଠାନଗୁଡ଼ିକ ଅସ୍ତିତ୍ୱ ହରାଇବ ଏବଂ ସେମାନଙ୍କର ସ୍ୱାଧୀନ ଭୂମିକା ଆଉ ରହିବ ନାହିଁ ୟୁଜିସି (ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ) ବିଶ୍ୱବିଦ୍ୟାଳୟଗୁଡ଼ିକୁ ସ୍ୱୀକୃତି ଦେବା, ଅନୁଦାନ ପ୍ରଦାନ କରିବା ଏବଂ ଉଚ୍ଚଶିକ୍ଷାର ଗୁଣବତ୍ତା ଉପରେ ନଜର ରଖିବା ପାଇଁ ଦାୟୀ ଥିଲା। ଏହା ବିଶ୍ୱବିଦ୍ୟାଳୟଗୁଡ଼ିକର ସ୍ୱାୟତ୍ତତାକୁ ସ୍ୱୀକୃତି ଦେଇଥିଲା ଏବଂ ସେମାନଙ୍କୁ ଗବେଷଣା, ପାଠ୍ୟକ୍ରମ ଏବଂ ଶୈକ୍ଷିକ ସ୍ୱାଧୀନତା ଅନୁସରଣ କରିବାକୁ ଉତ୍ସାହିତ କରିଥିଲା। ୟୁଜିସି ଅଧୀନରେ, ବିଶ୍ୱବିଦ୍ୟାଳୟଗୁଡ଼ିକୁ ସେମାନଙ୍କର ଆଞ୍ଚଳିକ ଏବଂ ସାଂସ୍କୃତିକ ପରିପ୍ରେକ୍ଷୀ ଅନୁସାରେ ପାଠ୍ୟକ୍ରମ ବିକଶିତ କରିବାର ସ୍ୱାଧୀନତା ଥିଲା। ଭିବିଏସଏ ବିଲ୍ ଏହି ସ୍ୱାଧୀନତାକୁ ହଟାଇ ଦେବ, କାରଣ ଏକ କେନ୍ଦ୍ରୀକୃତ କମିଶନ ଏବେ ପାଠ୍ୟକ୍ରମ ଏବଂ ମାନଦଣ୍ଡ ନିର୍ଣ୍ଣୟ କରିବ। ଅଖିଳ ଭାରତୀୟ ବୈଷୟିକ ଶିକ୍ଷା ପରିଷଦ ବୈଷୟିକ ଏବଂ ବୃତ୍ତିଗତ ଶିକ୍ଷାର ନିୟାମକ ଥିଲା। ଏହା ଇଞ୍ଜିନିୟରିଂ, ପରିଚାଳନା, ଫାର୍ମାସି ଏବଂ ଅନ୍ୟାନ୍ୟ ବୈଷୟିକ ପ୍ରତିଷ୍ଠାନଗୁଡ଼ିକୁ ମାନ୍ୟତା ପ୍ରଦାନ କରିବା ଏବଂ ସେମାନଙ୍କର ପାଠ୍ୟକ୍ରମର ଗୁଣବତ୍ତା ସୁନିଶ୍ଚିତ କରିବା ପାଇଁ ଦାୟୀ ଥିଲା। ଏହି ପ୍ରତିଷ୍ଠାନ ଶିଳ୍ପ ସଂଯୋଗ ବଜାୟ ରଖିବା ଏବଂ ବୈଷୟିକ ଶିକ୍ଷାକୁ ପ୍ରାସଙ୍ଗିକ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଭିବିଏସଏ ବିଲ୍ ଏହି ଭୂମିକାକୁ ଏକ କେନ୍ଦ୍ରୀକୃତ କମିଶନକୁ ସ୍ଥାନାନ୍ତର କରିବ, ଯାହା ଶିଳ୍ପ ସହିତ ବୈଷୟିକ ଶିକ୍ଷାର ସଂଯୋଗକୁ ଦୁର୍ବଳ କରିବାର ଆଶଙ୍କା ସୃଷ୍ଟି କରିବ। ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ ଶିକ୍ଷକ ଶିକ୍ଷାର ନିୟାମକ ଥିଲା। ଏହାର ଆଦେଶ ଥିଲା ଶିକ୍ଷକ ତାଲିମ ପ୍ରତିଷ୍ଠାନର ଗୁଣବତ୍ତା ସୁନିଶ୍ଚିତ କରିବା ଏବଂ ଶିକ୍ଷା ବ୍ୟବସ୍ଥାରେ ପ୍ରବେଶ କରୁଥିବା ଶିକ୍ଷକମାନେ ଉପଯୁକ୍ତ ତାଲିମ ପାଇବା ନିଶ୍ଚିତ କରିବା। ଏହି ପ୍ରତିଷ୍ଠାନ ଶିକ୍ଷାର ମୂଳଦୁଆକୁ ମଜବୁତ କରିଥିଲା, କାରଣ ଶିକ୍ଷକମାନେ ଶିକ୍ଷା ବ୍ୟବସ୍ଥାର ଆତ୍ମା। ଭିବିଏସଏ ବିଲ୍ ପରେ, ଶିକ୍ଷକ ଶିକ୍ଷା ମଧ୍ୟ ଏକ କେନ୍ଦ୍ରୀକୃତ କମିଶନର ନିୟନ୍ତ୍ରଣରେ ରହିବ, ଏବଂ ରାଜ୍ୟଗୁଡ଼ିକର ଭୂମିକା ନଗଣ୍ୟ ହେବ। ପୂର୍ବରୁ, ବିବିଧତା ଏବଂ ବହୁଳତା ସହିତ ଏହି ତିନୋଟି ପ୍ରତିଷ୍ଠାନ ଅଧୀନରେ ଶିକ୍ଷା ନିୟନ୍ତ୍ରିତ ହେଉଥିଲା। ବିଶ୍ୱବିଦ୍ୟାଳୟଗୁଡ଼ିକର ନିଜସ୍ୱ ସ୍ୱାଧୀନତା ଥିଲା, ବୈଷୟିକ ଶିକ୍ଷା ଶିଳ୍ପ ସହିତ ଜଡ଼ିତ ଥିଲା, ଏବଂ ରାଜ୍ୟଗୁଡ଼ିକର ଆବଶ୍ୟକତା ଅନୁଯାୟୀ ଶିକ୍ଷକ ଶିକ୍ଷା ବିକଶିତ ହୋଇଥିଲା। କିନ୍ତୁ ଭିବିଏସଏ ବିଲ୍ ସହିତ, ଏସବୁ ସମାପ୍ତ ହୋଇଯିବ। ଏବେ, ଏକ କେନ୍ଦ୍ରୀକୃତ କମିଶନ ରହିବ ଯାହା ସମଗ୍ର ଦେଶ ପାଇଁ ସମାନ ମାନଦଣ୍ଡ ସ୍ଥିର କରିବ। ଏହା ଶିକ୍ଷାର ଆଞ୍ଚଳିକ ଏବଂ ସାଂସ୍କୃତିକ ପୃଷ୍ଠଭୂମିକୁ ଦୁର୍ବଳ କରିବ, ପ୍ରତିଷ୍ଠାନଗୁଡ଼ିକର ସ୍ୱାୟତ୍ତତାକୁ ଦୂର କରିବ ଏବଂ ରାଜ୍ୟଗୁଡ଼ିକର ଭୂମିକାକୁ କେବଳ ଔପଚାରିକତାରେ ପରିଣତ କରିବ।

ସୁଜନପୁର, ଯାଜପୁର
୯୪୩୭୨୮୮୦୨୮

# ଆବ୍ରାହମ୍ ଚୁକ୍ତିର ଭବିଷ୍ୟ

ଡା. ରାଜକିଶୋର ପଣ୍ଡା

**ଚୁକ୍ତିର ନାମକରଣଟି ଆବ୍ରାହମ୍ଙ୍କ ନାମାନୁସାରେ ହୋଇଅଛି ଓ ଏହି ଆବ୍ରାହମ୍ ହେଉଛନ୍ତି ଇହୁଦୀ ଏବଂ ଆରବ ଉଭୟ ସମ୍ପ୍ରଦାୟର ପୂର୍ବପୁରୁଷ ତଥା ଭାଇଚାରାର ପ୍ରତୀକ। ପ୍ରମୁଖ ସଦସ୍ୟ ଭାବେ ଇସ୍ରାଏଲ ଏହି ଚୁକ୍ତିରେ ସ୍ୱାକ୍ଷର କରି ଆରବ ଦେଶ ସମୂହ ସହ ଏହାର ସମ୍ପର୍କ ସୁଧାରିବା ପାଇଁ ଚେଷ୍ଟିତ ହୋଇଥିଲା। ସେହିପରି ଆରବ ଦେଶମାନଙ୍କ ମଧ୍ୟରୁ ୟୁଏଇ ପ୍ରଥମ ରାଷ୍ଟ୍ର ଭାବେ ଏହି ଚୁକ୍ତିରେ ସ୍ୱାକ୍ଷର କରିଥିଲା। ଅନ୍ୟ ରାଷ୍ଟ୍ରମାନେ ଯେଉଁମାନେ ଏହି ଚୁକ୍ତିକୁ ସମର୍ଥନ ଜଣାଇ ଥିଲେ, ସେମାନେ ହେଉଛନ୍ତି ବାହାରିନ୍, ସୁଦାନ ଓ ମରକ୍କୋ। ସୁଦାନ ଓ ମରକ୍କୋ ନିଜ ନିଜ ସ୍ୱାର୍ଥରୁ ଏହି ଚୁକ୍ତିକୁ ସମର୍ଥନ କରିଛନ୍ତି ବୋଲି ଆମେ କହିପାରିବା, କାରଣ ଆବ୍ରାହମ୍ ଆକର୍ଡ଼ରେ ସାମିଲ ହେଲାପରେ, ଆମେରିକା ଏହାର ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିବା ରାଷ୍ଟ୍ରମାନଙ୍କର ତାଲିକାରୁ ସୁଦାନକୁ ବାଦ୍ ଦେଇଛି, ସେହିପରି ମଧ୍ୟ ପଶ୍ଚିମ ସାହାରା ଉପରେ ମରକ୍କୋର ସାର୍ବଭୌମତ୍ୟକୁ ଯୁକ୍ତରାଷ୍ଟ୍ର ସ୍ୱୀକାର କରିଛି।**

ମଧ୍ୟପ୍ରାଚ୍ୟ ସଂଗ୍ରାମରେ ଗୋଟିଏ ନାମ ବାରମ୍ବାର ଖବରକାଗଜ ଓ ସାମାଜିକ ଗଣମାଧ୍ୟମ ମାନଙ୍କରେ ଗୁରୁତ୍ୱ ପାଇଥିଲା। ଏହି ନାମଟି ହେଉଛି 'ଆବ୍ରାହମ୍ ଆକର୍ଡ୍'। ଏହି ଆକର୍ଡ୍ ଶବ୍ଦର ଅର୍ଥ ଅକ୍ସଫୋର୍ଡ଼ ଇଂରାଜୀ ଶବ୍ଦକୋଷ ଅନୁଯାୟୀ ହେଉଛି ଅନୁମତି ବା ସମ୍ମତି। ବିଶ୍ୱରାଜନୀତି ପରିପ୍ରେକ୍ଷୀରେ ଆମେ ଏହାକୁ ଆବ୍ରାହମ୍ ଚୁକ୍ତି ବୋଲି ମଧ୍ୟ କହି ପାରିବା। ତେବେ କ'ଣ ଏହି ଆବ୍ରାହମ୍ ଚୁକ୍ତି ଓ କେଉଁ କାରଣବଶତଃ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଏହା ଉପରେ ଗୁରୁତ୍ୱାରୋପ କରିଥିଲେ ଆମେ ବର୍ତ୍ତମାନ ଜାଣିବା।

ଆବ୍ରାହମ୍ ଆକର୍ଡ଼ ସଂକ୍ଷେପରେ ହେଉଛି ଏକ ଧାରାବାହିକ ଚୁକ୍ତି ସମୂହ ଯାହାକି ଆମେରିକା ମଧ୍ୟସ୍ଥତାରେ, ୨୦୨୦ରେ ସ୍ୱାକ୍ଷରିତ ହୋଇଥିଲା ଇସ୍ରାଏଲ ଓ କିଛି ଆରବ ରାଷ୍ଟ୍ର ମଧ୍ୟରେ। ଏହି ଚୁକ୍ତିର ପ୍ରାଥମିକ ଲକ୍ଷ୍ୟ ଥିଲା ମଧ୍ୟପ୍ରାଚ୍ୟରେ ଶାନ୍ତି ପ୍ରତିଷ୍ଠା କରିବା ଓ ଏହାଦ୍ୱାରା ସେଠାରେ କୂଟନୈତିକ ସମ୍ପର୍କ ଏକ ଐତିହାସିକ ମୋଡ଼ ନେଇଥିଲା। ଚୁକ୍ତିର ନାମକରଣଟି ଆବ୍ରାହମ୍ଙ୍କ ନାମାନୁସାରେ ହୋଇଅଛି ଓ ଏହି ଆବ୍ରାହମ୍ ହେଉଛନ୍ତି ଇହୁଦୀ ଏବଂ ଆରବ ଉଭୟ ସମ୍ପ୍ରଦାୟର ପୂର୍ବପୁରୁଷ ତଥା ଭାଇଚାରାର ପ୍ରତୀକ। ପ୍ରମୁଖ ସଦସ୍ୟ ଭାବେ ଇସ୍ରାଏଲ ଏହି ଚୁକ୍ତିରେ ସ୍ୱାକ୍ଷର କରି ଆରବ ଦେଶ ସମୂହ ସହ ଏହାର ସମ୍ପର୍କ ସୁଧାରିବା ପାଇଁ ଚେଷ୍ଟିତ ହୋଇଥିଲା। ସେହିପରି ଆରବ ଦେଶମାନଙ୍କ ମଧ୍ୟରୁ ୟୁଏଇ ପ୍ରଥମ ରାଷ୍ଟ୍ର ଭାବେ ଏହି ଚୁକ୍ତିରେ ସ୍ୱାକ୍ଷର କରିଥିଲା। ଅନ୍ୟ ରାଷ୍ଟ୍ରମାନେ ଯେଉଁମାନେ ଏହି ଚୁକ୍ତିକୁ ସମର୍ଥନ ଜଣାଇ ଥିଲେ, ସେମାନେ ହେଉଛନ୍ତି ବାହାରିନ୍, ସୁଦାନ ଓ ମରକ୍କୋ। ସୁଦାନ ଓ ମରକ୍କୋ ନିଜ ନିଜ ସ୍ୱାର୍ଥରୁ ଏହି ଚୁକ୍ତିକୁ ସମର୍ଥନ କରିଛନ୍ତି ବୋଲି ଆମେ କହିପାରିବା, କାରଣ ଆବ୍ରାହମ୍ ଆକର୍ଡ଼ରେ ସାମିଲ ହେଲାପରେ, ଆମେରିକା ଏହାର ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିବା ରାଷ୍ଟ୍ରମାନଙ୍କର ତାଲିକାରୁ ସୁଦାନକୁ ବାଦ୍ ଦେଇଛି, ସେହିପରି ମଧ୍ୟ ପଶ୍ଚିମ ସାହାରା ଉପରେ ମରକ୍କୋର ସାର୍ବଭୌମତ୍ୟକୁ ଯୁକ୍ତରାଷ୍ଟ୍ର ସ୍ୱୀକାର କରିଛି।

ଆବ୍ରାହମ୍ ଆକର୍ଡ଼ର ଉଦ୍ଦେଶ୍ୟ ଏହା ଯେ ଆରବ ରାଷ୍ଟ୍ରମାନେ ଏକ ସ୍ୱତନ୍ତ୍ର ପାଲେଷ୍ଟାଇନ୍ ଦେଶ ପ୍ରସଙ୍ଗରୁ ନିଜକୁ ଦୂରରେ ରଖନ୍ତୁ। ଇସ୍ରାଏଲ, ୟୁଏଇ ଓ ବାହାରିନ୍ ମଧ୍ୟରେ ଏକ ପରିପୂର୍ଣ୍ଣ କୂଟନୈତିକ ସମ୍ପର୍କ ସ୍ଥାପନ କରି ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଉତ୍ତେଜନାକୁ ପ୍ରଶମିତ କରିବା ମଧ୍ୟ ଏହି ଚୁକ୍ତିର ଲକ୍ଷ୍ୟ। ଏହି ଚୁକ୍ତିକୁ ସମର୍ଥନ କରିବା ଦ୍ୱାରା ୟୁଏଇ ଓ ଯୁକ୍ତରାଷ୍ଟ୍ର ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କରେ ଯଥେଷ୍ଟ ଉନ୍ନତି ଘଟିଛି।

ଏହି ଚୁକ୍ତି ବିଷୟରେ ପ୍ରଥମେ ଅଗଷ୍ଟ ୨୦୨୦ରେ ଘୋଷଣା କରାଯାଇଥିଲା ଓ ସେପ୍ଟେମ୍ବର ପନ୍ଦର ୨୦୨୦ରେ ୱାଶିଂଟନ୍ଠାରେ ଏହା ସ୍ୱାକ୍ଷରିତ ବା ଚୂଡ଼ାନ୍ତ ହୋଇଥିଲା। ଜୁଲାଇ ୨୦୨୫ରେ ଦ୍ୱିତୀୟ ଟ୍ରମ୍ପ ପ୍ରଶାସନ ସିରିଆ, ଲେବାନନ୍ ଓ ସାଉଦି ଆରବକୁ ଏହି ଚୁକ୍ତିରେ ମିଶାଇବା ପାଇଁ ଉଦ୍ୟମ କରିଥିଲେ। ସେହିପରି ଡିସେମ୍ବର ୨୦୨୫ରେ ଇସ୍ରାଏଲର ରାଷ୍ଟ୍ରପତି ନେତ୍ୟାନାହୁ, ସୋମାଲିଲ୍ୟାଣ୍ଡକୁ ଏକ ସ୍ୱାଧୀନ ଦେଶର ମାନ୍ୟତା ଦେବା ପରେ, ସେ ମଧ୍ୟ ଏହି ଚୁକ୍ତିରେ ମିଶିବା ପାଇଁ ନିଷ୍ପତ୍ତି ନେଇଛି।

ଏବେ ଦେଖିବା ଯେ ଆବ୍ରାହମ୍ ଆକର୍ଡ଼ ସ୍ୱାକ୍ଷରିତ ହେବାପରେ ଦ୍ୱିପାକ୍ଷିକ ସମ୍ପର୍କରେ ନିର୍ଦ୍ଦିଷ୍ଟ ଭାବରେ କେଉଁ ପରିବର୍ତ୍ତନମାନ ଆସିଛି। ଉପରୋକ୍ତ ଚୁକ୍ତି ପରେ, ୨୦୨୧ ମସିହାରେ ଇସ୍ରାଏଲ, ୟୁଏଇର ଆବୁଧାବିରେ ଦୂତାବାସ ଖୋଲିବା ସହିତ ୟୁଏଇ ମଧ୍ୟ ତେଲ ଅଭିଭରେ ଦୂତାବାସ ଖୋଲିଛି। ଇସ୍ରାଏଲ ଓ ୟୁଏଇ ମଧ୍ୟରେ ବାଣିଜ୍ୟ କାରବାର ୯୦୦ ମିଲିଅନ ଡଲାରକୁ ଛୁଇଁ ଅଛି। ପର୍ଯ୍ୟଟନ କ୍ଷେତ୍ରକୁ ଦେଖିଲେ, ଦୁଇରାଷ୍ଟ୍ର ମଧ୍ୟରେ ସିଧାସଳଖ ବିମାନ ସେବା ଉପଲବ୍ଧ ହେବାଦ୍ୱାରା ପ୍ରଥମ ମାସରେ ହିଁ କେବଳ ସତୁରି ହଜାର ଇସ୍ରାଏଲ୍ ପର୍ଯ୍ୟଟକ, ୟୁଏଇ ଭ୍ରମଣ କରିଛନ୍ତି। ଅନେକ ଇସ୍ରାଏଲୀ ଯୁବକମାନଙ୍କ ପାଇଁ ୟୁଏଇ ନିଯୁକ୍ତିର ଦେଶ ମଧ୍ୟ ପାଲଟିଛି। ୟୁଏଇ ଓ ବାହାରିନକୁ ମିଠାଜଳ ଯୋଗାଇବା ପାଇଁ ମଧ୍ୟ ଇସ୍ରାଏଲ ଚୁକ୍ତିବଦ୍ଧ ହୋଇଛି।

ଏହି ଚୁକ୍ତିଦ୍ୱାରା ଭାରତ ମଧ୍ୟ ଅନେକାଂଶରେ ଲାଭବାନ୍ ହେଉଅଛି। ଆବ୍ରାହମ୍ ଆକର୍ଡ଼ ଦ୍ୱାରା ଭାରତର ଉଭୟ ଇସ୍ରାଏଲ ଓ ଆରବ ରାଷ୍ଟ୍ରମାନଙ୍କ ସହିତ କୂଟନୈତିକ ସମ୍ପର୍କରେ ସୁଧାର ଆସିଛି, ଯାହାକି ବାଟ କଢ଼ାଇ ନେଇଛି ଆଇ.ଟୁ.ୟୁ.ଟୁ ମଞ୍ଚକୁ। ଏହି ମଞ୍ଚକୁ ଆବ୍ରାହମ୍ ଆକର୍ଡ଼ର ସନ୍ତାନ ଭାବରେ ବିବେଚନା କରାଯାଉଛି। ଏହି ମଞ୍ଚରେ ଚାରୋଟି ଦେଶ ଅଛନ୍ତି - ଭାରତ, ଇସ୍ରାଏଲ, ଯୁକ୍ତରାଷ୍ଟ୍ର ଆମେରିକା, ୟୁଏଇ। ପ୍ରତ୍ୟେକଟି ଦେଶର ଇଂରାଜୀ ନାମ ଅନୁସାରେ ଉପରୋକ୍ତ ମଞ୍ଚର ନାମକରଣ ଏପରି କରାଯାଇଛି। ଏହାକୁ ପଶ୍ଚିମ ଏସୀୟ କ୍ୱାଡ଼ (West Asian Quad) ବୋଲି ମଧ୍ୟ କୁହାଯାଉଛି।

ଆଇ.ଟୁ.ୟୁ.ଟୁ ମଞ୍ଚଦ୍ୱାରା ଛଅଗୋଟି କ୍ଷେତ୍ରରେ ମିଳିତ ନିବେଶ କରିବା ପାଇଁ ନିବେଶକମାନଙ୍କୁ ଉତ୍ସାହିତ କରାଯାଉଛି। ଏହି କ୍ଷେତ୍ରଗୁଡ଼ିକ ହେଉଛନ୍ତି ଖାଦ୍ୟ ସୁରକ୍ଷା, ସ୍ୱାସ୍ଥ୍ୟ, ପରିବହନ, ମହାକାଶ ଗବେଷଣା, ଜଳ ଓ ଶକ୍ତି ସୁରକ୍ଷା।

ଭାରତୀୟ ଛାତ୍ରମାନେ ମଧ୍ୟପ୍ରାଚ୍ୟ ଅଞ୍ଚଳକୁ ବିଭିନ୍ନ ଶିକ୍ଷା କାର୍ଯ୍ୟକ୍ରମ ଜରିଆରେ ଯାଇପାରୁଛନ୍ତି ଓ ଏହାଦ୍ୱାରା ଦ୍ୱିପାକ୍ଷିକ ଶିକ୍ଷା ବ୍ୟବସ୍ଥାର ମଧ୍ୟ ଉନ୍ନତି ଘଟୁଛି।

ନିବନ୍ଧର ଶେଷ ଭାଗରେ ଆମେ ଆଲୋଚନା କରିବା ଯେ ଆବ୍ରାହମ୍ ଆକର୍ଡ଼ର ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବାରେ କେଉଁ ସବୁ ଅସୁବିଧା ରହୁଛି। ପ୍ରଥମ ହେଉଛି ପାଲେଷ୍ଟାଇନ୍ ପ୍ରସଙ୍ଗ। ଆମେରିକାର ଉଦ୍ଦେଶ୍ୟ ଏହି ଯେ, ଆରବ ରାଷ୍ଟ୍ରମାନେ, ଆବ୍ରାହାମ ଆକର୍ଡ଼କୁ ସ୍ୱୀକୃତି ଦିଅନ୍ତୁ ଓ ପାଲେଷ୍ଟାଇନ୍ ପ୍ରସଙ୍ଗରୁ ଦୂରରେ ରୁହନ୍ତୁ। ଏହାକୁ ୟୁଏଇ ସମର୍ଥନ କରୁଥିବାବେଳେ ବିରୋଧ କରୁଛନ୍ତି ସାଉଦି ଆରବ, ପାକିସ୍ତାନ ଭଳି ରାଷ୍ଟ୍ରମାନେ। ଏଠାରେ ଗୋଟିଏ ତଥ୍ୟ ଉଲ୍ଲେଖ କରିବାକୁ ଏ ଲେଖକ ଚାହୁଁଛି କି, ଦଶନ୍ଧି ଧରି ପାକିସ୍ତାନର ପାସପୋର୍ଟରେ ଗୋଟିଏ ସରଳ ଅଥଚ ଦୃଷ୍ଟି ଆକର୍ଷକ ନିର୍ଦ୍ଦେଶନାମା ରହିଛି। ଏହା ହେଉଛି, "ସଂଯୁକ୍ତ ପାସପୋର୍ଟ ଇସ୍ରାଏଲକୁ ଛାଡ଼ି ଆଉ ସମସ୍ତ ଦେଶ ପାଇଁ ବୈଧ। ପାକିସ୍ତାନର ଏକ ଦୀର୍ଘକାଳୀନ ବିଦେଶନୀତି ହେଉଛି ଇସ୍ରାଏଲ ରାଷ୍ଟ୍ରକୁ ମାନ୍ୟତା ନ ଦେବା। ଇସ୍ରାଏଲ-ପାଲେଷ୍ଟାଇନ ସଂଘର୍ଷକୁ ଏକ ଐତିହାସିକ ଅନ୍ୟାୟ ବୋଲି ପାକିସ୍ତାନ ସମେତ ସାଉଦି ଆରବ, ଓମାନ, କାତାର ଆଦି ମାନୁଛନ୍ତି। ଏଥିରେ ସାଉଦି ଆରବର ସ୍ୱର ସବୁଠାରୁ ଶାଣିତ।" ବିଗତ ଚାରିବର୍ଷ ହେଲାଣି ରିୟାଦ୍ ଦାବି କରି ଆସୁଛି କି, ପାଲେଷ୍ଟାଇନ୍ ରାଷ୍ଟ୍ର ବିଷୟକୁ ତ୍ୟାଗ କରି, କୌଣସି ବି ଶାନ୍ତି ଚୁକ୍ତି କେବେ ବି ଗ୍ରହଣୀୟ ନୁହେଁ। ଯୁବରାଜ ମହମ୍ମଦ୍ ବିନ୍ ସଲମାନଙ୍କର ଏହା ହିଁ ହେଉଛି ପ୍ରମୁଖ ବାର୍ତ୍ତା। ଯଦିଓ ଟ୍ରମ୍ପ ଯୁଦ୍ଧ ସମୟରେ ଏକ ପ୍ରସ୍ତାବ ଦେଇଥିଲେ କି, ପ୍ରଥମେ ଆରବ ରାଷ୍ଟ୍ରମାନେ ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଶାନ୍ତି ସ୍ଥାପନ ଉପରେ ଗୁରୁତ୍ୱ ଦିଅନ୍ତୁ ଓ ପରବର୍ତ୍ତୀ ସମୟରେ ପାଲେଷ୍ଟାଇନ୍ ପ୍ରସଙ୍ଗରେ ସବିଶେଷ ଆଲୋଚନା କରାଯିବ, ଏହାକୁ କିନ୍ତୁ ଇରାନର ବୈଦେଶିକ ମନ୍ତ୍ରୀ ଅବ୍‌ବାସ୍ ଆରଘାଚୀ ଘୋର ବିରୋଧ କରିଥିଲେ। ଦ୍ୱିତୀୟରେ ସାଂସ୍କୃତିକ ସଂଘର୍ଷ, ଯାହାକି ହେଉଛି ସିଆ ବନାମ ସୁନ୍ନି। ସାଉଦି ଆରବ ସୁନ୍ନି ବହୁଳ ହୋଇଥିବାବେଳେ ଇରାନ୍ ସିଆ ବହୁଳ। ଏହି ଦୁଇଗୋଷ୍ଠୀ ମଧ୍ୟରେ ସଂଘର୍ଷ ଅତି ପୁରାତନ। ତେଣୁ ଦୁଇଟି ରାଷ୍ଟ୍ର ଏକ ମିଳିତ ସହମତି ଭିତ୍ତିକ ରାଜିନାମାରେ ପହଞ୍ଚିବାର ସମ୍ଭାବନା ଅତ୍ୟନ୍ତ କମ୍। ତୃତୀୟରେ ବର୍ତ୍ତମାନ ସମୟରେ ଆମେରିକାକୁ ଛାଡ଼ିଦେଲେ ରୁଷିଆ ଓ ଚୀନ ମଧ୍ୟ ଇରାନ୍ ଇସ୍ରାଏଲ ପ୍ରସଙ୍ଗରେ ମୁଣ୍ଡ ଖେଳାଉଛନ୍ତି। ବିକଶିତ ରାଷ୍ଟ୍ରମାନଙ୍କର ଏହି ବହୁମୁଖୀତା ମଧ୍ୟ ସମସ୍ୟା ସୃଷ୍ଟି କରୁଛି। ଚତୁର୍ଥରେ ପୁଞ୍ଜି ପ୍ରସଙ୍ଗ। ଆବ୍ରାହମ୍ ଆକର୍ଡ଼ ଅନୁସାରେ ଏକ ପୁଞ୍ଜି ବା ଫଣ୍ଡ ବ୍ୟବସ୍ଥା ଆମେରିକା ତରଫରୁ କରାଯାଇଥିଲା। ଏହାକୁ କୁହାଯାଉଥିଲା ଆବ୍ରାହମ୍ ଫଣ୍ଡ। ଲକ୍ଷ୍ୟ ରଖାଯାଇଥିଲା କି ଏହି ଫଣ୍ଡ ଜରିଆରେ ପାଖାପାଖି ୩ ବିଲିଅନ ଡଲାର ଅର୍ଥ ସଂଗ୍ରହ କରାଯିବ ଓ ଏହାକୁ ମଧ୍ୟପ୍ରାଚ୍ୟ ଅଞ୍ଚଳର ଉନ୍ନତିକରଣ କାର୍ଯ୍ୟରେ ଲଗାଯିବ। ଉପରୋକ୍ତ ବିଭିନ୍ନ କାରଣରୁ କିନ୍ତୁ ଆବ୍ରାହମ୍ ଚୁକ୍ତି ସମ୍ପୂର୍ଣ୍ଣ ଭାବରେ ଫଳବତୀ ହୋଇପାରିଲା ନାହିଁ, ଆବ୍ରାହମ୍ ଫଣ୍ଡର ଭବିଷ୍ୟତ ମଧ୍ୟ ଅନିଶ୍ଚିତତାର ଘେରରେ।

ତେଣୁ ପରିଶେଷରେ ଯଦିଓ ଏହା ସ୍ପଷ୍ଟ ଯେ ଆବ୍ରାହମ୍ ଆକର୍ଡ଼ ଏକ ପ୍ରଶଂସନୀୟ ପଦକ୍ଷେପ, ଏହା ପୂର୍ଣ୍ଣମାତ୍ରାରେ କାର୍ଯ୍ୟକ୍ଷମ ହେବା କିନ୍ତୁ ନିର୍ଭର କରୁଛି, ଅନେକଗୁଡ଼ିଏ ଭୂରାଜନୈତିକ (Geopolitical) ପ୍ରସଙ୍ଗ ଉପରେ, ଯାହା ମଧ୍ୟରୁ ଅନ୍ୟତମ ହେଉଛି ଆମେରିକା-ଚୀନ୍ ପ୍ରତିଦ୍ୱନ୍ଦ୍ୱିତା।

ଓଡ଼ିଶା ସ୍ୱାସ୍ଥ୍ୟ ସେବା,ଭୁବନେଶ୍ୱର
ମୋବାଇଲ ନଂ- ୮୧୪୪୦୪୨୯୯୭

# ସୋଲାର କମ୍ପାନୀ ବିରୋଧରେ ଗ୍ରାହକଙ୍କ ଠକେଇ ଅଭିଯୋଗ

କେସିଙ୍ଗା, ୨୭/୭ (ନିପ୍ର) କେନ୍ଦ୍ର ସରକାରଙ୍କ ସୋଲାର ଶକ୍ତି ପ୍ରୋତ୍ସାହନ ଯୋଜନା ମାଧ୍ୟମରେ ବିଦ୍ୟୁତ ଉପଭୋକ୍ତାଙ୍କୁ ସ୍ୱଳ୍ପ ଖର୍ଚ୍ଚରେ ବିଦ୍ୟୁତ ସୁବିଧା ଯୋଗାଇ ଦେବା ଲକ୍ଷ୍ୟ ରହିଥିବା ବେଳେ କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ବାଲସି ଗ୍ରାମର ଜଣେ ଉପଭୋକ୍ତା ଏକ ସୋଲାର କମ୍ପାନୀ ବିରୋଧରେ ଗୁରୁତର ଅଭିଯୋଗ ଆଣିଛନ୍ତି । ବାଲସି ଗ୍ରାମର କୌଶିକ ସାହୁଙ୍କ କହିବା ଅନୁଯାୟୀ, କମ୍ପାନୀ ପକ୍ଷରୁ ତାଙ୍କ ଘରେ ୩ କିଲୋୱାଟ ସୋଲାର ସିଷ୍ଟମ ସ୍ଥାପନ କରାଯାଇଥିଲା । ଏଥିପାଇଁ ସେ ପ୍ରାୟ ୨ ଲକ୍ଷ ୧୦ ହଜାର ଟଙ୍କା ଋଣ ନେଇଥିଲେ । କିନ୍ତୁ ସୋଲାର ସିଷ୍ଟମ ଲାଗିବାର ପ୍ରାୟ ୮ ମାସ ବିତିଯାଇଥିଲେ ମଧ୍ୟ ବିଦ୍ୟୁତ ସଂଯୋଗ ମିଳିନଥିବାରୁ ସେ ସୋଲାରର



ସୁବିଧା ପାଇପାରୁ ନାହାନ୍ତି । ଏହା ସହ ଋଣର କିସ୍ତି ନିୟମିତ ଭାବେ ପରିଶୋଧ କରିବାକୁ ବାଧ୍ୟ ହେଉଥିବାରୁ ସେ ଆର୍ଥିକ ସଙ୍କଟରେ ପଡ଼ିଥିବା କହିଛନ୍ତି । ଅଭିଯୋଗ ଅନୁସାରେ, କମ୍ପାନୀର ରିଲେସନଶିପ୍ ମ୍ୟାନେଜର ଓ ସୁପରଭାଇଜର ଘର ଘର ବୁଲି ସୋଲାର ଲଗାଇବା ପାଇଁ ପ୍ରଚାର କରିଥିଲେ । ସିଷ୍ଟମ ସ୍ଥାପନ ପରେ ବାରମ୍ବାର ଯୋଗାଯୋଗ କରିଲେ ମଧ୍ୟ ସେମାନେ ଫୋନ୍ ରିସିଭ୍ କରୁନଥିବା ଏବଂ କେବେ କେବେ "ଦୁଇରୁ ଚାରି ଦିନ ମଧ୍ୟରେ କାମ ସରିଯିବ" ବୋଲି କହି ସମୟ ଗଡ଼ାଉଥିବା ଅଭିଯୋଗ ହୋଇଛି ।

ସରକାରୀ ନିୟମ ଅନୁଯାୟୀ, ସୋଲାର ପ୍ୟାନେଲ, ଇନଭର୍ଟର ପରୀକ୍ଷା, ରିପୋର୍ଟ ଓ ଅନ୍ୟାନ୍ୟ ପ୍ରକ୍ରିୟା ୩ରୁ ୪ ସପ୍ତାହ ମଧ୍ୟରେ ସମ୍ପୂର୍ଣ୍ଣ କରି ବିଦ୍ୟୁତ ସଂଯୋଗ ଦିଆଯିବା ପରେ ଅର୍ଥ ପ୍ରଦାନର ବ୍ୟବସ୍ଥା ରହିଛି । କିନ୍ତୁ ଏହି ଘଟଣାରେ ୮ରୁ ୯ ମାସ ବିତିଯାଇଥିଲେ ମଧ୍ୟ ସଂଯୋଗ ନ ମିଳିବାରୁ ଉପଭୋକ୍ତା ନ୍ୟାୟ ଦାବି କରିଛନ୍ତି ।

# ବଜାର ବ୍ୟବସାୟୀ ସଂଘ କର୍ମକର୍ତ୍ତା ପାଇଁ ବିଜ୍ଞପ୍ତି

ପିପିଲି, ୨୭ ।୭(ନିପ୍ର); ଚଳିତବର୍ଷ ପାଇଁ ପୁରୀ ଜିଲ୍ଲା ପିପିଲି ବଜାର ବ୍ୟବସାୟୀ ସଂଘର ସଭାପତି, ଉପସଭାପତି, ସମ୍ପାଦକ, ସହ ସମ୍ପାଦକ, କୋଷାଧ୍ୟକ୍ଷ ନିର୍ବାଚନ ନିମନ୍ତେ ବିଜ୍ଞପ୍ତି ଜାରି ହୋଇଅଛି । ଅଗଷ୍ଟ ୧ ତାରିଖରୁ ଅଗଷ୍ଟ ୩ ତାରିଖ ୨୦୨୬ ବ୍ୟବସାୟ ସଂଘର କାର୍ଯ୍ୟାଳୟଠାରେ ନାମାଙ୍କନପତ୍ର ଦାଖଲ କରାଯିବ । ନିର୍ବାଚନ ପରିଚାଳନା ପାଇଁ କର୍ପୂର ଚନ୍ଦନ ଜେନାଙ୍କୁ ମୁଖ୍ୟ ନିର୍ବାଚନ ଅଧିକାରୀଭାବେ ମନୋନୀତ କରାଯାଇଛି । ନିର୍ବାଚନ ଅଧିକାରୀଙ୍କ ନିକଟରେ ଦିବା ୧୦ଟାରୁ ୧ ଟା ଏବଂ ଦିବା ୪ଟାରୁ ରାତ୍ର ୮ ଘଟିକା ପର୍ଯ୍ୟନ୍ତ ନାମାଙ୍କନ ପତ୍ର ଦାଖଲ କରି ପାରିବେ । ଅଗଷ୍ଟ ୪ରେ ନାମାଙ୍କନପତ୍ର ପ୍ରତ୍ୟାହାର ଏବଂ ନିରୀକ୍ଷଣ ସମାପ୍ତ କରାଯିବ । ଅଗଷ୍ଟ୫ରୁ ଅଗଷ୍ଟ ୮ ପର୍ଯ୍ୟନ୍ତ ନିର୍ବାଚନରେ ଅଂଶ ଗ୍ରହଣ କରିଥିବା ପ୍ରାର୍ଥୀମାନେ ପ୍ରଚାର କରିପାରିବେ । ଅଗଷ୍ଟ ୯ ତାରିଖ ରବିବାର ଦିନ ଦିବା ୯ଟାରୁ ଦିବା ୫ଟା ପର୍ଯ୍ୟନ୍ତ ନିର୍ବାଚନ ଅନୁଷ୍ଠିତ ହେବ । ସେହିଦିନ ସନ୍ଧ୍ୟା ୫ ଟା ପରେ ନିର୍ବାଚନ ଫଳାଫଳ ଘୋଷଣା କରାଯିବ । ଏହି ନିର୍ବାଚନ ପ୍ରକ୍ରିୟା ରେ କୌଣସି ରାଜନୈତିକ ବ୍ୟକ୍ତିତ୍ୱ ବ୍ୟକ୍ତିବିଶେଷଙ୍କୁ ପ୍ରଶୟ ଦିଆଯିବ ନାହିଁ ବୋ ବୋଲି ବିଜ୍ଞପ୍ତିରେ କୁହାଯାଇଛି । ଏହି ନିର୍ବାଚନ ପ୍ରକ୍ରିୟା କର୍ପୂର ଚନ୍ଦନ ଜେନାଙ୍କ ଅଧ୍ୟକ୍ଷତାରେ ଏବଂ ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ସମାପନ କରାଯିବ ।

# ଚାଉଳ ପୋକମରା ଔଷଧ ଗନ୍ଧରେ ଦୁଇ ଶିଶୁ ମୃତ ଓ ମାଆ ଗୁରୁତର

ଭାପୁର, ୨୭ ।୭ (ନିପ୍ର): ଚାଉଳରେ ପୋକ ନ ଲାଗିବା ପାଇଁ ପୋକମରା ଔଷଧ ଦିଆଯାଇଥିଲା, କିନ୍ତୁ ସେ ଔଷଧ ଗନ୍ଧର ପାର୍ଶ୍ୱପ୍ରତିକ୍ରିୟାରେ ଦୁଇ ଶିଶୁ ମୃତ୍ୟୁବରଣ କରିଥିବାବେଳେ ମାଆ ଗୁରୁତର ହୋଇ ଚିକିତ୍ସା ହେଉଥିବାଭଳି ଦୁଃଖଦ ଘଟଣା ଫତେଗଡ଼ ଥାନା ଅଞ୍ଚଳରେ ଦେଖିବାକୁ ମିଳିଛି । ଘଟଣାରୁ ପ୍ରକାଶ,ବାଉଁଶବାଟୀ ପଞ୍ଚାୟତ କଇଁଥପୋଖରୀ ଗ୍ରାମର ଯଦୁ ସାହୁ ଙ୍କ ସ୍ତ୍ରୀ ରୁବି ସାହୁ ଚାଉଳରେ ପୋକମରା ଔଷଧ ରଖିବାପାଇଁ ଦୋକାନରୁ ଶୁକ୍ରବାର କିଣି ଘରେ ରଖିଥିଲେ ।

ସେହିଦିନ ସେ ଔଷଧ ପ୍ୟାକେଟ ମଧ୍ୟରେ ସରୁ କଣା ଟିଏ କରି ଶୋଇବା ଘରେ ରଖି ଏ.ସି.ଲଗେଇ ମାଆ ଦୁଇ ପିଲାଙ୍କୁ ଧରି ରାତ୍ରିରେ ଶୋଇଥିଲେ । ରାତ୍ରୀରେ ପୋକମରା ଔଷଧଗନ୍ଧର ପାର୍ଶ୍ୱପ୍ରତିକ୍ରିୟା ରେ ରୁବି ଙ୍କର ବାନ୍ତି ହେବା ସହିତ ଦୁଇ ବର୍ଷର ପୁଅ ବୁବୁନା ଅଚେତ ହୋଇପଡିଥିଲା ଏବଂ ଛଅ ବର୍ଷର ଝିଅ ପାୟଲ ଅସୁସ୍ଥ ଅନୁଭବ କରିବାରୁ ଭାପୁର ଗୋଷ୍ଠୀସ୍ୱାସ୍ଥ୍ୟ ରେ ସମସ୍ତେ ଭର୍ତ୍ତି ହୋଇଥିଲେ । ଶନିବାର ଭାପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ପୁଅ ମୃତ୍ୟୁ ବରଣ କରିଥିବାବେଳେ ଝିଅକୁ ଗୁରୁତର ଅବସ୍ଥାରେ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ପଠାଯାଇଥିଲା କିନ୍ତୁ,ସେଠାରେ ବିଳମ୍ବିତ ରାତ୍ରୀରେ ଝିଅ ମୃତ୍ୟୁବରଣ କରିଥିବାବେଳେ ମାଆ ସୁସ୍ଥ ରହିଥିବାନେଇ ପରିବାର ପକ୍ଷରୁ ସୂଚନା ମିଳିଛି ।

# ଡିଜେ ଆଗରେ ହଜି ଗଲାଣି ପାରମ୍ପରିକ ବାଦ୍ୟ ଢୋଲ ଓ ମହୁରୀ

ରମ୍ଭା, ୨୭ ।୭ (ନିପ୍ର): ପରମ୍ପରାକୁ ଭୁଲିଯାଇ ଡିଜିଟାଲ ଯୁଗରେ ପରିବାର ମଧ୍ୟରେ କୌଣସି ଶୁଭ କାର୍ଯ୍ୟ ଅନୁଷ୍ଠିତ ହେଲେ କିମ୍ବା ପର୍ବପର୍ବାଣି ଦିନ ଗୁଡିକରେ ପାରମ୍ପରିକ ବାଦ୍ୟ ଢୋଲ ଓ ମହୁରୀର ସ୍ମୃତି ମଧୁର ସ୍ୱର ବାଜି ଉଠୁଥିଲା । କିନ୍ତୁ ବର୍ତ୍ତମାନ ଏହି ବାଦ୍ୟ ସମୂହର ସ୍ୱର ଆଉ ଶୁଣିବାକୁ ମିଳୁନାହିଁ । ରମ୍ଭା ସାବୁଳିଆ ସମେତ ପାରିପାର୍ଶ୍ୱିକ ବିଭିନ୍ନ ଅଂଚଳରେ ପାରମ୍ପରିକ ବାଦ୍ୟ ଲୋପ ପାଇଁ ଡିଜେର ପ୍ରାଧାନ୍ୟ ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଇଛି । ସାମାଜିକ ଚାଲି ଚଳଣି ବଦଳିବାରୁ ଏହି ବାଦ୍ୟ ଲୋପ ହେବାକୁ ବସିଛି । ଏବେ ଲୋକଙ୍କ ପାଖରେ ମୁଦ୍ରାର ଅଭାବ ନ ଥିବାରୁ ଆଧୁନିକ ଡିଜେ ପଛରେ ପଡି ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି । ଅତୀତରେ ଆମମାଟିର ଲୋକ କଳା ଓ ପରମ୍ପରା ବାଦ୍ୟ ଯନ୍ତ୍ର ଆଧୁନିକତାର ଛାପରେ ହଜି ଗଲାଣି । କନ୍ଧ, ହରିଜନ ଓ ଆଦିବାସୀ ମାନେ ପାରମ୍ପରିକ ବାଦ୍ୟକୁ ନିଜର ଜୀବିକା ଭାବରେ ଗ୍ରହଣ କରିଥିବା ବେଳେ ବର୍ତ୍ତମାନ ଡିଜେ ଯୁଗରେ ସେମାନେ ଅଲୋଡ଼ା ହୋଇପଡିଛନ୍ତି । ଫଳରେ ନିଜେ ବଂଚିବା ପାଇଁ କୌଳିକ ବୃତ୍ତିକୁ ଛାଡି ଅନ୍ୟ ପନ୍ଥାକୁ ଆଦରି ନେଉଛନ୍ତି । ରାଜ୍ୟ ସରକାର ଏହି ପାରମ୍ପରିକ ବାଦ୍ୟକୁ ବଞ୍ଚାଇ ରଖିବା ନିମନ୍ତେ ପ୍ରଶାସନ ସମସ୍ତ ସରକାରୀ, ବେସରକାରୀ ଓ ମହୋତ୍ସବ କାର୍ଯ୍ୟକ୍ରମରେ ଏହି ବାଦ୍ୟକାରମାନଙ୍କୁ ଖୋଜି ଅଗ୍ରାଧିକାର ଭିତ୍ତିରେ ସୁଯୋଗ ଦେବା ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି । ସେମାନଙ୍କ ମତରେ ଡିଜେ ବାଦ୍ୟ ସମାଜ ପାଇଁ ହାନିକାରକ ଓ ବ୍ୟୟ ସାପକ୍ଷ ସାବ୍ୟସ୍ତ ହୋଇଥିବା ବେଳେ ପାରମ୍ପରିକ ବାଦ୍ୟ,ଢୋଲ, ମହୁରୀ ସ୍ମୃତି ମଧୁର ଓ କମ୍ ଖର୍ଚ୍ଚ ହୋଇଥିବାରୁ ସମସ୍ତ କ୍ଷେତ୍ରରେ ଏହାର ବ୍ୟବହାର ପାଇଁ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ମତ ପ୍ରକାଶ ପାଇଛି ।

# ଯୁବମୋର୍ଚ୍ଚା ପକ୍ଷରୁ କାର୍ଗିଲ ବିଜୟ ଦିବସ ପାଳିତ

ବୁଗୁଡ଼ା, ୨୭ ।୭ (ନିପ୍ର): କାର୍ଗିଲ ବିଜୟ ଦିବସ ଅବସରରେ ବୁଗୁଡ଼ା ସ୍ଥିତ 'ଶହୀଦ ବୀର ଓଡ଼ିଆ ଯବାନ ମେମୋରିଆଲ' ପରିସରରେ ଯୁବମୋର୍ଚ୍ଚା ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଓ ମହମବତୀ ପ୍ରଜ୍ୱଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମାତୃଭୂମିର ସୁରକ୍ଷା, ସାର୍ବଭୌମତ୍ୱ ଓ ସୀମା ରକ୍ଷା ପାଇଁ ନିଜର ଅମୂଲ୍ୟଜୀବନ ବଳିଦାନ ଦେଇଥିବା ଅମର ବୀର ଶହୀଦମାନଙ୍କ ସ୍ମୃତିଚାରଣ କରାଯାଇ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଯୁବମୋର୍ଚ୍ଚା ସଭାପତି କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଶହୀଦ ମେମୋରିଆଲଠାରେ ମାଲ୍ୟାର୍ପଣ କରିବା ସହ ମହମବତୀ ଜାଳି ଶହୀଦମାନଙ୍କ ବୀରତ୍ୱ ଓ ଦେଶପ୍ରେମକୁ ସ୍ମରଣ କରିଥିଲେ । ଦେଶର ସୁରକ୍ଷା ପାଇଁ ଯବାନମାନଙ୍କ ଅତୁଳନୀୟ ତ୍ୟାଗ ଓ ବଳିଦାନ ଚିରକାଳ ପ୍ରତ୍ୟେକ ଭାରତୀୟଙ୍କୁ ପ୍ରେରଣା ଯୋଗାଇବ ବୋଲି ସଭାପତି ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ ।ଏହି ଅବସରରେ ଯୁବମୋର୍ଚ୍ଚାର ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ଶହୀଦମାନଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ ।

## ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଶାନ୍ତି କମିଟି ବୈଠକ

# ଆଇନ ଶୃଙ୍ଖଳା ରକ୍ଷା, ସାମାଜିକ ସଂହତି ଓ ଜମି ବିବାଦର ସମାଧାନ ପାଇଁ ମିଳିତ ଆହ୍ୱାନ

ମାଲକାନଗିରି, ୨୭ ।୭ (ନିପ୍ର); ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅବସ୍ଥିତ ଏଫ୍‌ଏଲ୍ ସି ହଲ୍ ରେ ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇଙ୍କ ଅଧ୍ୟକ୍ଷତାରେ ଗତକାଲି ଏକ ଗୁରୁତ୍ୱପୂର୍ଣ୍ଣ ଶାନ୍ତି କମିଟି ବୈଠକ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାର ପ୍ରଗତି ଏବଂ ସାମାଜିକ ସଦଭାବନାକୁ ସର୍ବୋପରି ପ୍ରାଧାନ୍ୟ ଦେଇ ମାଲକାନଗିରିର ବିଧାୟକ ନରସିଂହ ମାଡ଼କାମି ଯୋଗଦେଇ ଜିଲ୍ଲାବାସୀଙ୍କ ମଧ୍ୟରେ ଏକତା ବଜାୟ ରଖିବା ପାଇଁ ଏକ ଆନ୍ତରିକ ଅନୁରୋଧ କରିଛନ୍ତି । ସେ କହିଛନ୍ତି, ମାଲକାନଗିରି ଜିଲ୍ଲାରେ ଶାନ୍ତି ଓ ଶୃଙ୍ଖଳା ବଜାୟ ରଖି ପରସ୍ପର ମଧ୍ୟରେ ସଂହତି ରକ୍ଷା କରିବା ଆମ ସମସ୍ତଙ୍କର ସାମୂହିକ ଦାୟିତ୍ୱ । ଆମର ଏହି ପାରସ୍ପରିକ ଭାଇଚାରା ହିଁ ଜିଲ୍ଲାର ବିକାଶକୁ ଆଗକୁ ନେଇପାରିବ । ଏହି ସମ୍ମିଳନୀରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ସୋଡ଼ି, ସାଂସଦ ପ୍ରତିନିଧି ସଞ୍ଜୟ ସରକାର, ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି ଗୋବିନ୍ଦ ପାତ୍ର, ଆଇନଜୀବୀ ଗୁରୁଚରଣ ମହାନ୍ତି, ମାଲକାନଗିରି ଉପଖଣ୍ଡ ଆରକ୍ଷୀ ଅଧିକାରୀ ଦିବ୍ୟ ରଞ୍ଜନ ଦଳେଇ, ଚିତ୍ରକୋଣ୍ଡା ଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରଦୋଷ ପ୍ରଧାନଙ୍କ ସହିତ ବିଭିନ୍ନ ତହସିଲର ତହସିଲଦାର, ସମସ୍ତ ଥାନାର ଆଇ ଆଇ ସି ଏବଂ ଜଙ୍ଗଲ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ । ଏଥିସହିତ ମାଲକାନଗିରି ଆଦିବାସୀ ସମାଜର ସଭାପତି ବନ୍ଧୁ ମୁଦୁଲି, ବଙ୍ଗାଳୀ ସମାଜର ସଭାପତି ଗୌରାଙ୍ଗ କର୍ମକାରଙ୍କ ସମେତ ଓଡ଼ିଆ, ତେଲୁଗୁ, ମାହେଶ୍ୱରୀ ଓ ଜୈନ ସମାଜର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟମାନେ ଏଥିରେ ଅଂଶଗ୍ରହଣ କରିଥିଲେ । ବୈଠକରେ ମାଲକାନଗିରି ଜିଲ୍ଲାର ବିଭିନ୍ନ ସମ୍ବେଦନଶୀଳ ସମସ୍ୟା ସହିତ ଜମିଜମା ସଂକ୍ରାନ୍ତ ବିଭିନ୍ନ ବିଷୟରେ ବିସ୍ତୃତ ଭାବେ ସକାରାତ୍ମକ ଆଲୋଚନା ହୋଇଥିଲା । ଉପ-ଜିଲ୍ଲାପାଳ ଶ୍ରୀ ଭୋଇ ଆଦିବାସୀ ଭାଇମାନଙ୍କ ଜମି ଅଣ-ଆଦିବାସୀମାନେ କିଣିଥିବା ଯୋଗୁଁ ଉପୁଜିଥିବା ବିଭିନ୍ନ ସମସ୍ୟା, ଜଙ୍ଗଲ ଜମି ଅଧିକାର ଓ ପଟ୍ଟା ମିଳିବା ଆଇନ ଏବଂ ବେସରକାରୀ ଜମି କିଣାବିକା ସଂକ୍ରାନ୍ତ ଆଇନ ବିଷୟରେ ସମସ୍ତଙ୍କୁ ବିସ୍ତାରିତ ଭାବେ ଅବଗତ କରାଇଥିଲେ । ଜିଲ୍ଲାରେ ସାମାଜିକ ସଦଭାବନା ଏବଂ ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ଜିଲ୍ଲା ପ୍ରଶାସନ ସକ୍ରିୟ ଭୂମିକା ଗ୍ରହଣ କରିଛି । ପ୍ରଶାସନ ପକ୍ଷରୁ ସମସ୍ତ ଜମିଜମା ବିବାଦକୁ କେବଳ ଆଇନଗତ ଭାବେ ଓ ପ୍ରଶାସନିକ ସ୍ତରରେ ସମାଧାନ କରିବା ପାଇଁ ପ୍ରତିଶ୍ରୁତିବଦ୍ଧତା ପ୍ରକାଶ କରାଯାଇଛି । ଉପ-ଜିଲ୍ଲାପାଳ ଶ୍ରୀ ଭୋଇ ସମସ୍ତଙ୍କୁ ଅନୁରୋଧ କରି କହିଛନ୍ତି, ଜମିଜମା ସଂକ୍ରାନ୍ତୀୟ ଯେକୌଣସି ବିବାଦର ସମାଧାନ ପାଇଁ ଜିଲ୍ଲା ପ୍ରଶାସନ ସର୍ବଦା ପ୍ରସ୍ତୁତ ରହିଛି । ସେଥିପାଇଁ କେହି ମଧ୍ୟ ଆଇନକୁ ନିଜ ହାତକୁ ନ ନେଇ ପ୍ରଶାସନ ଜରିଆରେ ଆଇନ ଅନୁଯାୟୀ ଏହାର ସମାଧାନ ପାଇଁ ଆବେଦନ କରନ୍ତୁ । ଏଥିସହିତ ସରକାରୀ ଜମି ଜବରଦଖଲ କରିଥିବା ଲୋକମାନଙ୍କୁ ଚିହ୍ନଟ କରି, ସେମାନଙ୍କ ଅଧୀନରେ ଥିବା ସମସ୍ତ ଜମିର ପରିମାଣ ସମ୍ପର୍କରେ ବିସ୍ତୃତ ତଥ୍ୟ ସଂଗ୍ରହ କରିବା ପାଇଁ ଶ୍ରୀ ଭୋଇ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ବକେୟା ପାଉଣା ପାଇଁ ଅଗଷ୍ଟ ୫ରୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଶ୍ରମିକ ଦେବେ ଧାରଣା

ରାଉରକେଲା, ୨୭ ।୭(ନିପ୍ର); ବକେୟା ଥିବା ପ୍ରାପ୍ୟ ପାଇବା ପାଇଁ ଆସନ୍ତା ଅଗଷ୍ଟ ୫ ତାରିଖରୁ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଶ୍ରମିକମାନେ ଧାରଣା ଦେବେ ବୋଲି ଆଜି ରାଉରକେଲା ସାରନା ପ୍ରାର୍ଥନା ସଭା ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି । ରାଉରକେଲା ଲାଠିକଟାରେ ଥିବା ଏକ ଇଣ୍ଟରନେସନାଲ ଲିମିଟେଡ୍ ଦ୍ୱାରା ପରିଚାଳିତ ଓରିଣ୍ଡ-ଓଡ଼ିଶା, ଲାଠିକଟା କାରଖାନା ଦୀର୍ଘ ୧୫ ବର୍ଷ ହେଲା ବେଆଇନ ଭାବରେ ବନ୍ଦ ହୋଇ




ପଡିରହିଛି । ଏଠାରେ ସୂଚନାଯୋଗ୍ୟ ଯେ ୨୦୧୧ ମଇ ୧୫ରୁ ସରକାରଙ୍କ ଆଦେଶନାମାକୁ ଭୂକ୍ଷେପ ନକରି, ଓରିଣ୍ଡ ବମ୍ବେ ହାଇକୋର୍ଟର ନିର୍ଦ୍ଦେଶ ମୁତାବକ କମ୍ପାନୀକୁ କାରଖାନାର ସମସ୍ତ ସମ୍ପତ୍ତିକୁ ବିକ୍ରୀ କରି ଶ୍ରମିକ ଏବଂ କର୍ମଚାରୀମାନଙ୍କ ବକେୟା ପାଉଣା ତଥା ଋଣ ପ୍ରଦାନ କରିଥିବା ବ୍ୟାଙ୍କମାନଙ୍କ ଟଙ୍କାକୁ ପଇଠ କରିବା ପାଇଁ ନିର୍ଦ୍ଦେଶ ଦେବାସହିତ ପରିସମାନକାରୀଙ୍କୁ କ୍ଷମତା ପ୍ରଦାନ କରିଥିଲେ । କିନ୍ତୁ କିଛି ସ୍ୱାର୍ଥପର ଗୋଷ୍ଠୀ ମାଲିକଙ୍କ ହାତ ବାରିସି ହୋଇ ସରଳ ନିରୀହ ଶ୍ରମିକ ଓ କର୍ମଚାରୀମାନଙ୍କୁ ନୋଟାରୀ ଜରିଆରେ ଅନାପତ୍ତି ପ୍ରମାଣପତ୍ର ପ୍ରଦାନ କରି ଅତି ନଗଣ୍ୟ ରାଶିରେ ସମାଧାନ ବା ଫଇସଲା କରାଉଛନ୍ତି । ଓରିଣ୍ଡ କମ୍ପାନୀ କର୍ତ୍ତୃପକ୍ଷ ପରିସମାନକାରୀଙ୍କ ଦ୍ୱାହି ଦେଇ କିଛି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀଙ୍କୁ ହାତ ବାରିସି କରାଇ ସରଳ ନିରୀହ ଶ୍ରମିକ ଓ କର୍ମଚାରୀମାନଙ୍କୁ ଭୁଲାଇ ନୋଟାରୀଙ୍କ ଜରିଆରେ ଅନାପତ୍ତି ପ୍ରମାଣପତ୍ର ଜରିଆରେ ଅତି ନଗନ୍ୟ ରାଶି ପ୍ରଦାନ କରୁଛନ୍ତି । ଯାହା କି ଆଇନଗତ ନୁହେଁ । ପାଉଣା ପାଇନଥିବା ଓରିଣ୍ଡ ଶ୍ରମିକ ଓ କର୍ମଚାରୀମାନଙ୍କ ପକ୍ଷରୁ ଦାବି କରାଯାଇଛି ଯେ, କର୍ତ୍ତୃପକ୍ଷ ଅବିଳମ୍ବେ ସରକାରଙ୍କ ସହିତ ଆଲୋଚନାକରି ଆଇନଗତ ପ୍ରାପ୍ୟ ପ୍ରଦାନ କରନ୍ତୁ । ଯଦି କର୍ତ୍ତୃପକ୍ଷ ଏହାର ଅବହେଳା କରନ୍ତି ତେବେ ଆସନ୍ତା ଅଗଷ୍ଟ ୫ ତାରିଖଠାରୁ କର୍ତ୍ତୃପକ୍ଷଙ୍କ ରେଲୱେ ସାଇଡିଂ ବନ୍ଦ କରାଯିବା ସମେତ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ନିଷ୍ପତ୍ତି ନିଆଯାଇଛି । ଲାଠିକଟା ଓରିଣ୍ଡରେ କାର୍ଯ୍ୟ କରିଥିବା ଶ୍ରମିକ ଓ କର୍ମଚାରୀଙ୍କ ବକେୟା ଥିବା ଭବିଷ୍ୟନିଧି (ପ୍ରୋଭିଡେଣ୍ଟ ଫଣ୍ଡ) ୬କୋଟି ଟଙ୍କା ସମେତ ବକେୟା ଦରମା ୩୦କୋଟି, ଆଇନଗତ ପ୍ରାପ୍ୟ ୧୦ କୋଟି ଏବଂ ବୋନସ୍ ଓ ଛୁଟି ପ୍ରାପ୍ୟ୧୦ କୋଟି ଟଙ୍କା ବକେୟା ରହିଛି ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି । ସାମ୍ବାଦିକ ସମ୍ମିଳନୀରେ ଓରିଣ୍ଡ ଏମ୍ପ୍ଲୋଇଜ୍ ଆସୋସିଏସନର ଉପ-ସଭାପତି ଜାହାଙ୍ଗୀର ଅଲ୍ଲୀ, ସାଧାରଣ ସମ୍ପାଦକ ଅଦୈତ୍ୟ ପ୍ରସାଦ ରାୟଙ୍କ ସମେତ ପ୍ରଭାଂଶୁ ଦାସ, ସଞ୍ଜୟ ପରିଡା, ମହାଦେବ ଖାଲକୋ, ଅନୀଲ କୁମାର ମହାନ୍ତି, ସୁଶାନ୍ତ ବିଶ୍ୱାଳ, ସୁଲେମାନ ଟପ୍ପୋ ଏବଂ ଧୁରୁ ଟପ୍ପୋ ପ୍ରମୁଖ ଉପସ୍ଥିତ ଥିଲେ ।

# ପଞ୍ଚାୟତ ନିର୍ବାଚନ ପୂର୍ବରୁ ସରଗରମ ନୟାଗଡ଼ ରାଜନୀତି

ନୟାଗଡ, ୨୭ ।୭ (ନିପ୍ର): ଆଗାମୀ ପଞ୍ଚାୟତ ନିର୍ବାଚନ- ୨୦୨୭ ଏପ୍ରିଲ ମେ ମାସ ଆଡ଼କୁ ଅନୁଷ୍ଠିତ ହେବାକୁ ନିର୍ବାଚନ କମିଶନଙ୍କ ଆକଳନ ନେଇ ନୟାଗଡ଼ ଜିଲ୍ଲାରେ ରାଜନୈତିକ ପରିବେଶ ଦିନକୁ ଦିନ ସରଗରମ ହେବାରେ ଲାଗିଛି । ତିନି ପ୍ରମୁଖ ରାଜନୈତିକ ଦଳ—ବିଜେପି, ବିଜେଡି ଓ କଂଗ୍ରେସ—ନିଜ ନିଜ ସଂଗଠନକୁ ସୁଦୃଢ଼ କରିବା ସହ ତୃଣମୂଳ ସ୍ତରରେ କାର୍ଯ୍ୟକଳାପ ବଢ଼ାଇଛନ୍ତି । ବିଜେପିରେ ଆଭ୍ୟନ୍ତରୀଣ ମତଭେଦ ଓ ଗୋଷ୍ଠୀ କନ୍ଦଳ ପଦ୍ମ ପୋଖରୀରେ ପଙ୍କିଳ ରାଜନୀତି ଗୋଳିଆ କୁ ନେଇ ରାଜନୈତିକ ମହଲରେ ବିଭିନ୍ନ ଆଲୋଚନା ଚାଲିଛି । ଏହାର ପ୍ରଭାବ ପଞ୍ଚାୟତ ନିର୍ବାଚନରେ କେତେ ପଡ଼ିବ, ତାହାକୁ ନେଇ ମଧ୍ୟ ଚର୍ଚ୍ଚା ଜୋର ଧରିଛି । ଅନ୍ୟପକ୍ଷରେ, ବିଜେଡି ବିଧାୟକ ଅରୁଣ କୁମାର ସାହୁ ନିଜ ସଂଗଠନକୁ ଅଧିକ ସୁଦୃଢ଼ କରିବା ସହ ବିଭିନ୍ନ ପଞ୍ଚାୟତରେ କର୍ମୀ, ସରପଞ୍ଚ ଓ ସମିତିସଭ୍ୟଙ୍କ ସହ ସମନ୍ୱୟ ରକ୍ଷା କରି ସାଙ୍ଗଠନିକ କାର୍ଯ୍ୟକ୍ରମ ଜାରି ରଖିଛନ୍ତି । ସେହିପରି କଂଗ୍ରେସ ପକ୍ଷରୁ ପୂର୍ବ ବିଧାୟକ ପ୍ରାର୍ଥୀ ରଣଜିତ ଦାସ ବିଭିନ୍ନ ପଞ୍ଚାୟତରେ ଗ୍ରାମସଭା, କର୍ମୀ ସମ୍ମିଳନୀ ଓ ସାଙ୍ଗଠନିକ ବୈଠକ ମାଧ୍ୟମରେ ଦଳୀୟ ସଂଗଠନକୁ ସକ୍ରିୟ କରିବାରେ ଲାଗିଛନ୍ତି । ପଞ୍ଚାୟତ ନିର୍ବାଚନ ଯେତେ ପାଖେଇ ଆସୁଛି, ନୟାଗଡ଼ରେ ରାଜନୈତିକ ସମୀକରଣ ସେତେ ରୋଚକ ହେଉଛି । ତିନି ପ୍ରମୁଖ ଦଳ ମଧ୍ୟରେ ରାଜନୈତିକ ଲଢ଼େଇ କେଉଁ ମୋଡ଼ ନେବ, ତାହା ଆଗାମୀ ଦିନରେ ସ୍ପଷ୍ଟ ହେବ ।

# ନିଟ୍‌ରେ କୃତିତ୍ୱ ହାସଲ କରି ନୂଆଦିଲ୍ଲୀରେ ସମ୍ବର୍ଦ୍ଧିତ ହେଲେ ସ୍ୱୟଂପ୍ରଜ୍ଞା

ନୟାଗଡ଼, ୨୭ ।୭ (ନିପ୍ର); ଜାତୀୟ ସ୍ତରର ମେଡିକାଲ ପ୍ରବେଶିକା ପରୀକ୍ଷା (ନିଟ୍) ୨୦୨୬ରେ ବାଜିମାରିଛନ୍ତି ନୟାଗଡ଼ ଜିଲ୍ଲାର ପ୍ରତିଭାବାନ ଝିଅ ସ୍ୱୟଂପ୍ରଜ୍ଞା ସାହୁ । ପ୍ରଥମ ପ୍ରୟାସରେ ଏହି ସଫଳତା ହାସଲ କରି ସେ ସମଗ୍ର ଜିଲ୍ଲା ତଥା ରାଜ୍ୟ ପାଇଁ ଗୌରବ ଆଣିଦେଇଛନ୍ତି । ପ୍ରାପ୍ତ ସୂଚନା ଅନୁଯାୟୀ, ସ୍ୱୟଂପ୍ରଜ୍ଞା ଏହି ପ୍ରତିଯୋଗିତାମୂଳକ ପରୀକ୍ଷାରେ ୫୯୯ ମାର୍କ ରଖି ସର୍ବଭାରତୀୟ ସ୍ତରରେ ୧୦୪୧୬ ରାଙ୍କ ହାସଲ କରିଛନ୍ତି । ତାଙ୍କର ଏହି ସଫଳତାରେ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଥିବା ବେଳେ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଛୁଟିଛି ।

# ରାଣୀପେଣ୍ଠ-ସେରଙ୍ଗ ମୁଖ୍ୟରାସ୍ତା ଶୋଚନୀୟ

ପାରଳାଖେମୁଣ୍ଡି, ୨୭ ।୭(ନିପ୍ର);ଗୁମ୍ମ ଗଜପତି ଜିଲ୍ଲାର ରାଣୀପେଣ୍ଠରୁ ସେରଙ୍ଗକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତା ବର୍ତ୍ତମାନ ଯାତ୍ରୀଙ୍କ ପାଇଁ ବିପଦସଙ୍କୁଳ ପାଲଟିଛି । ସାମାନ୍ୟ ବର୍ଷା ହେଲେ ରାସ୍ତାର ବଡ଼ ବଡ଼ ଗଡାରେ ପାଣି ଜମି ରହୁଥିବାରୁ ବନ୍ଧର ଭ୍ରମ ସୃଷ୍ଟି କରୁଛି । ଏବଂ ସ୍ୱାଭାବିକ ଚଳାଚଳ ବାଧାପ୍ରାପ୍ତ ହେଉଛି । ଏହାଦ୍ୱାରା ଛୋଟବଡ଼ ଦୁର୍ଘଟଣା ମଧ୍ୟ ଘଟୁଚି । ଏହି ରାସ୍ତା ଦେଇ ପ୍ରତିଦିନ ବଡ଼ ବଡ଼ ନେତାଙ୍କଠାରୁ ଆରମ୍ଭ କରି ସରକାରୀ ବାବୁମାନେ ଯିବା ଆସିବା କରୁଥିଲେ ମଧ୍ୟ ଦୀର୍ଘଦିନ ଧରି ରାସ୍ତାର ମରାମତି ହୋଇ ନଥିବା ସହ ଜଳ ନିଷ୍କାସନ ବ୍ୟବସ୍ଥା ମଧ୍ୟ ସଠିକ୍ ନଥିବାରୁ ବର୍ଷା ପାଣି ରାସ୍ତା ଉପରେ ଜମି ରହୁଛି । ଫଳରେ ଦୁଇଚକିଆ ଯାନ ଚାଳକମାନେ ବାରମ୍ବାର ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ବେଳେ ସ୍କୁଲ ଛାତ୍ରଛାତ୍ରୀ, ରୋଗୀ ଓ ସାଧାରଣ ଲୋକ ନାହିଁ



ନଥିବା ଅସୁବିଧା ଭୋଗୁଛନ୍ତି । ଏହି ରାସ୍ତା ଦେଇ ପ୍ରତିଦିନ ବହୁ ଗ୍ରାମର ଲୋକ ଯାତାୟାତ କରୁଥିବାରୁ ଏହାର ଦୁରବସ୍ଥା ସାଧାରଣ ଲୋକଙ୍କ ଚିନ୍ତାର କାରଣ ପାଲଟିଛି । ବାରମ୍ବାର ଅଭିଯୋଗ ସତ୍ତ୍ୱେ ମଧ୍ୟ ସମ୍ପୃକ୍ତ ବିଭାଗ ପକ୍ଷରୁ ସ୍ଥାୟୀ ପଦକ୍ଷେପ ନିଆଯାଇ ନଥିବାରୁ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ି ଚାଲିଛି । ସ୍ଥାନୀୟ ବାସିନ୍ଦାମାନେ ଜିଲ୍ଲା ପ୍ରଶାସନ ଓ ଗ୍ରାମ୍ୟ ଉନ୍ନୟନ ବିଭାଗଙ୍କୁ ତୁରନ୍ତ ରାସ୍ତାର ସ୍ଥାୟୀ ମରାମତି, ଗଡା ପୂରଣ ଏବଂ ଜଳ ନିଷ୍କାସନର ସୁବ୍ୟବସ୍ଥା କରିବାକୁ ଦୃଢ଼ ଦାବି କରିଛନ୍ତି । ଏନେଇ ରାସ୍ତାର ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ସରିଛି ନ୍ୟାୟକ ବ୍ୟବସ୍ଥା ଲାଗି ରହିବା ଯୋଗୁଁ ବିଳମ୍ବ ହୋଇଛି ତୁରନ୍ତ ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି ବିଭାଗୀୟ ଯନ୍ତ୍ରୀ ।

# କାଶୀନଗର ଦୈନିକ ବଜାରର ପରିତ୍ୟକ୍ତ ସ୍ଥିତି ଦେଖି ବିଧାୟକ ତାଜୁବ

କାଶୀନଗର, ୨୭ ।୭(ନିପ୍ର); ସ୍ଥାନୀୟ ବିଧାୟକ ଇଂ ରୂପେଶ କୁମାର ପାଣିଗ୍ରାହୀ ଆକସ୍ମିକ ଭାବେ କାଶୀନଗର ଗସ୍ତକରି ଏଠାରେ ଥିବା ଅଟୋ ଷ୍ଟାଣ୍ଡ ଓ ବସ୍ ଷ୍ଟାଣ୍ଡ ସହ ନିକଟରେ ଥିବା ଦୈନିକ ବଜାର ସ୍ଥିତି ଦେଖି ଆଚମ୍ବିତ ହୋଇ ଯାଇଥିଲେ । ପରିତ୍ୟକ୍ତ ଅବସ୍ଥାରେ ପଡି ରହିଥିବା ଦୈନିକ ବଜାର ଭିତରେ ଥିବା ଦୋକାନ ଗୃହ ଗୁଡ଼ିକ ଯେପରି ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି ଯାହା ଦ୍ୱାରା ରାତ୍ରି ସମୟରେ ବିଭିନ୍ନ ଅସମାଜିକ ବ୍ୟକ୍ତି ମାନଙ୍କ ଆଡ୍ଡାସ୍ଥଳୀ ହୋଇପଡିଛି । ତତସହ ସ୍ୱଚ୍ଛତା ରକ୍ଷା ହେଉ ନ ଥିବା ବିଧାୟକ ଅନୁଧ୍ୟାନ କରିଥିଲେ । କିଛି ସ୍ଥାନୀୟ ବ୍ୟକ୍ତି ଯେଉଁ ଅଟୋ ଷ୍ଟାଣ୍ଡ ବର୍ତ୍ତମାନ ଅଛି ତାହା ଉଚ୍ଛେଦ କରି ସେହି ସ୍ଥାନରେ ଏକ ନୂତନ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରିବା ପାଇଁ ମସୁଧା ହେଉଥିବା ବିଧାୟକଙ୍କୁ



ସୂଚନା ଦେବାରୁ ବିଧାୟକ ସଙ୍ଗେ ସଙ୍ଗେ ବିଭାଗୀୟ ଅଧିକାରୀଙ୍କ ସହ ଯୋଗାଯୋଗ କରି ଏଠାରୁ ଅଟୋ ଷ୍ଟାଣ୍ଡ ଉଚ୍ଛେଦ ହେଲେ କଣ ସବୁ ସମସ୍ୟା ଉପୁଜିବ ସେ ବିଷୟରେ ବାର୍ତ୍ତାଳାପ କରିଥିଲେ । ମାର୍କେଟ କମ୍ପ୍ଲେକ୍ସ ପାଇଁ ଏହା ଉପଯୁକ୍ତ ସ୍ଥାନ ନୁହେଁ ବୋଲି ଅବଗତ କରିଥିଲେ । ସେହିପରି କାଶୀନଗର ଦୈନିକ ବଜାରର ଦୁରବସ୍ଥା ବିଷୟରେ ସ୍ଥାନୀୟ ବେପାରୀମାନେ ବିଧାୟକ ନିକଟରେ ବିଭିନ୍ନ ସମସ୍ୟା ଉପସ୍ଥାପନା କରି ଏଠାରେ କିପରି ଏକ ସୁସ୍ଥ ବାତାବରଣରେ ଏକ ସୁନ୍ଦର ଓ ସମସ୍ତଙ୍କୁ ଉପଯୋଗୀ ହେଲା ଭଳି ଏକ ଦୈନିକ ବଜାର ନିର୍ମାଣ ହେବ ସେଥି ପ୍ରତି ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ମଧ୍ୟ ବିଧାୟକ ଶ୍ରୀ ପାଣିଗ୍ରାହୀ ପ୍ରତିଶ୍ରୁତି ଦେଇଥିଲେ । କାଶୀନଗର ବସ ଷ୍ଟାଣ୍ଡ ଠାରେ ସ୍ୱଚ୍ଛ ପାନୀୟ ଜଳ ଯୋଗାଣର ମଧ୍ୟ ସମସ୍ୟା ଥିବା ବେଳେ ବର୍ତ୍ତମାନ ବସ୍ ଷ୍ଟାଣ୍ଡର ରାସ୍ତା ପାର୍ଶ୍ୱରେ ନୂତନ ଭାବେ ନିର୍ମାଣ କାର୍ଯ୍ୟ ସରିଥିବା ଡ୍ରେନର ଚଉଡା ଯାହାକି ପୂର୍ବରୁ ୩ ଫୁଟ ଥିଲା ତାହା ବର୍ତ୍ତମାନ ସଂକୀର୍ଣ୍ଣ କରି ପ୍ରାୟ ଏକ ଫୁଟ ରେ ସୀମିତ ରଖିଥିବାରୁ ସ୍ଥାନୀୟ ଲୋକମାନେ ଅଭିଯୋଗ କରି ଏହି ଡ୍ରେନକୁ ତୁରନ୍ତ ଚଉଡା କରି ପୁଣି ନିର୍ମାଣ କରିବା ପାଇଁ ବିଧାୟକଙ୍କ ସମ୍ମୁଖରେ ଦାବି ଆଣିଥିଲେ ।

## ସାମ୍ବାଦିକଙ୍କ ପିତୃ ବିୟୋଗରେ ଶୋକ

ରାଉରକେଲା, ୨୭ ।୭ (ନିପ୍ର); ରାଉରକେଲା ସଚେତନ ନାଗରିକ ମଞ୍ଚର ବରିଷ୍ଠ ସଦସ୍ୟ ତଥା ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ଦାଶଙ୍କ ପିତା ଡ. ବଂଶୀଧର ଦାଶ (୮୨)ଙ୍କ ପରଲୋକ ଘଟିଛି । ସେ ଜଣେ ଅମାୟିକ ବ୍ୟକ୍ତିତ୍ୱ ତଥା ଜଣେ ସାହିତ୍ୟିକ ଭାବେ ବେଶ୍ ପରିଚିତ ଥିଲେ । ତାଙ୍କ ବିୟୋଗରେ ରାଉରକେଲା ସଚେତନ ନାଗରିକ ମଞ୍ଚ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି । ମଞ୍ଚର ସଭାପତି ଇଂ ଅଭୟ କୁମାର ଦାସ, ସାଧାରଣ ସମ୍ପାଦକ ପି.ପି.ରାୟ, ଜଗବନ୍ଧୁ ଜେନା, ଚିତ୍ତରଞ୍ଜନ ଦାସ, ଜଟାଧାରୀ ମାଝୀ, କୁଞ୍ଜବିହାରୀ ରାଉତ, ଶଶଧର ପାତ୍ର, ରମେଶ ଚନ୍ଦ୍ର ସେଠୀ, ସୁବ୍ରତ କୁମାର ମଲ୍ଲିକ୍, ଜଗନ୍ନାଥ ରାଉତ, ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟ, ବିଜୟ ବରାଳ, ରାଜକିଶୋର ମିଶ୍ର, ସସ୍ମିତା ପ୍ରଧାନ, ଶୈଳେନ୍ଦ୍ର କୁମାର ମହାନ୍ତିଙ୍କ ସମେତ ମଞ୍ଚର ବହୁ ସଦସ୍ୟ ଡ.ବଂଶୀଧର ଦାଶଙ୍କ ବିୟୋଗରେ ଶୋକପ୍ରକାଶ କରିଥିଲେ ।

# ମାଛ ବଜାରର ଗହଳିରେ କମ୍ପୁଛି ଅଞ୍ଚଳ,ଦୁର୍ଗନ୍ଧରେ ପିଲାଙ୍କ ନାକ ଫାଟୁଛି

ରାୟଗଡା, ୨୭ ।୭ (ନିପ୍ର); ରାୟଗଡ ଜିଲ୍ଲା ସଦର ମହକୁମା ରଣିଗୁଡ଼ା ଫାର୍ମ ଉଚ୍ଚ ବାଳିକା ବିଦ୍ୟାଳୟ ଉପକଣ୍ଠରେ ବସୁଛି ନିତି ମାଛ ବଜାର । ଯାହା ବିଦ୍ୟାଳୟ ପାଚେରୀ କୁ ଲାଗି ରହିଛି । ପ୍ରତିଦିନ ଏହି ରାସ୍ତା ଦେଇ ଯାତାୟାତ କରୁଛନ୍ତି କୋମଳମତି ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷକ, ଶିକ୍ଷୟିତ୍ରୀ । ଦୁର୍ଗନ୍ଧ ସହିତ ଏହି ଚଲାପଥରେ ଲହଡି ଖେଳୁଛି ମାଛ ପାଣି । ମାଛର ଦୁର୍ଗନ୍ଧ ପାଣି ନିଷ୍କାସନ ପାଇଁ କୌଣସି ଡ୍ରେନ୍‌ର ବ୍ୟବସ୍ଥା ନ ଥିବାରୁ ଏହି ପାଣି ରାସ୍ତା କଡ଼ରେ ଜମି ରହୁଛି । ଏହି ପାଣିକୁ ମାଛ ବ୍ୟବସାୟୀ ମାନେ ପାଚେରୀରେ ଗର୍ତ୍ତ କରି ଛାଡୁଥିବା ସାଧାରଣରେ ଅଭିଯୋଗ ହେଉଛି । ଯାହା ବିଦ୍ୟାଳୟ ଭିତରେ ପ୍ରବେଶ କରୁଛି । ଏହି ପାଣିର ଦୁର୍ଗନ୍ଧ ଏମିତି ହେଉଚି ଯାହା, ଛାତ୍ରୀମାନଙ୍କୁ ଶ୍ରେଣୀ ଗୃହରେ ବସାଇ ଦେଉନାହିଁ ବୋଲି ସେମାନେ ବାରମ୍ବାର ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଏବେ ବର୍ଷା



ଦିନ ହୋଇଥିବାରୁ ଅସରାଏ ବର୍ଷା ହେଲେ ବର୍ଷା ପାଣି ମାଛ ପାଣି ସହିତ ମିଶି ପାଚେରି ନିକଟରେ ଜମି ରହୁଛି । ଯାତାୟାତ ସମୟରେ ଦୁର୍ଗନ୍ଧ ର ମାତ୍ରା ଅତ୍ୟଧିକ ହେଉଚି ଯାହା ବିଭିନ୍ନ ରୋଗ ସୃଷ୍ଟି କରିବାର ମୁଖ୍ୟ କାରଣ ହେବ ବୋଲି ଅଭିଭାବକମାନେ ଅଭିଯୋଗ କରିଛନ୍ତି । ସହରରେ ଅନେକ ସରକାରୀ ଜାଗା ରହିଥିବା ବେଳେ ବିଭାଗ ପକ୍ଷରୁ ଏହି ମାଛ ବଜାର ପାଇଁ କିଛି ବ୍ୟବସ୍ଥା କରାଯାଉନାହିଁ । ଯାହାକୁ ନେଇ ସ୍ଥାନୀୟ ବାସିନ୍ଦା ଜିଲ୍ଲା ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରିଛନ୍ତି । ମାତ୍ର ଏଥିପ୍ରତି ବିଭାଗୀୟ ଅଧିକାରୀ କର୍ଣ୍ଣପାତ କରୁନାହାନ୍ତି ବୋଲି କହିଛନ୍ତି ସ୍ଥାନୀୟ ବାସିନ୍ଦା । ସରକାର କୋମଳମତି ଶିଶୁଙ୍କୁ ଅପପୁଷ୍ଟି ଓ ଅସୁସ୍ଥ ପରିବେଶରୁ ମୁକ୍ତ ରଖିବା ପାଇଁ ବିଭିନ୍ନ ପଦକ୍ଷେପ ନେଉଛନ୍ତି । ମାତ୍ର ତାହା କେବଳ ପ୍ରଚାର, ପ୍ରସାରରେ ସୀମିତ ରହୁଛି ବୋଲି ପରିବେଶବିତ କ୍ଷୋଭ ପ୍ରକାଶ କରି କହିଛନ୍ତି । ଏପରି ଦୂଷିତ ପରିବେଶରୁ କୋମଳମତି ଶିଶୁଙ୍କୁ ଉଦ୍ଧାର କରିବା ପାଇଁ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି । ଏ ନେଇ ବିଜ୍ଞାପିତ ଅଞ୍ଚଳ ପରିଷଦର ଏକଜିକ୍ୟୁଟିଭ୍ ଅଫିସରଙ୍କୁ ଯୋଗା ଯୋଗ କରିବାରୁ ସେ କହିଛନ୍ତି ମାଛ ବ୍ୟବସାୟୀଙ୍କ ପାଇଁ ଅନ୍ୟତ୍ର ସ୍ଥାନ ଚିହ୍ନଟ ହୋଇଛି । ମାତ୍ର ବ୍ୟବସାୟୀ ନିଜର ବେପାର ଭଲ ହେଉଥିବାରୁ ଏଠାରୁ ଉଠିବାକୁ ନାରାଜ । ମାତ୍ର ଖୁବଶୀଘ୍ର ସେମାନଙ୍କୁ ଉଠାଯିବ । ଏକ ସୁସ୍ଥ ପରିବେଷ ଗଠନ ସହିତ ଛାତ୍ରୀଛାତ୍ରମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥାକୁ ଦୃଷ୍ଟି ଦେଇ ପ୍ରଶାସନ କେବେ ଏହି ପଦକ୍ଷେପ ନେଉଛି ତାହା ଦେଖିବାକୁ ବାକି ରହିଲା ।

## ଭାରତୀୟ ଥିବା ଜାହାଜ ଉପରେ ଆକ୍ରମଣ ୟୁକ୍ରେନ ରାଷ୍ଟ୍ରଦୂତଙ୍କୁ ସମନ



ନୂଆଦିଲ୍ଲୀ, ୨୭।୭: ୟୁକ୍ରେନର ଓଡେସା ବନ୍ଦର ନିକଟରେ ଏକ ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣ ପରେ ବିଦେଶ ମନ୍ତ୍ରଣାଳୟ ସୋମବାର ଭାରତରେ ଅବସ୍ଥାପିତ ୟୁକ୍ରେନର ରାଷ୍ଟ୍ରଦୂତ ଡ. ଓଲେକଜାଣ୍ଡର ପୋଲିଶଚୁକ୍‌ଙ୍କୁ ସମନ ଜାରି କରିଛି। ଏହି ଜାହାଜରେ ୪ ଜଣ ଭାରତୀୟ ନାଗରିକ ଥିଲେ। ଶନିବାର କୃଷ୍ଣସାଗରରେ ଓଡେସା ବନ୍ଦର ନିକଟରେ ଏମଭି ଏଜିଏନ୍ ରାଗନାର ଉପରେ ଆକ୍ରମଣ ହୋଇଥିଲା। ୨୦୨୨ରେ ରୁଷ୍-ୟୁକ୍ରେନ୍ ବିବାଦ ଆରମ୍ଭ ହେବା ପରଠାରୁ କୃଷ୍ଣସାଗରରେ ବାରମ୍ବାର ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣ ହେଉଛି। ଜୁଲାଇ ୧୮ ତାରିଖରେ ବାଣିଜ୍ୟିକ ଜାହାଜ ଏମଭି ଓମୋର୍ଫି ଉପରେ ଆକ୍ରମଣରେ ଜଣେ ଭାରତୀୟ ନାଗରିକଙ୍କର ମୃତ୍ୟୁ ଘଟିଥିବା ବିଦେଶ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସାମୁଦ୍ରିକ ନୌ ସୁରକ୍ଷା, ନୌଚାଳନା ସ୍ୱାଧୀନତା ଓ ଅନ୍ତର୍ଜାତୀୟ ବାଣିଜ୍ୟ ଉପରେ ଆକ୍ରମଣର ପ୍ରତିକୂଳ ପ୍ରଭାବକୁ ଗୁରୁତ୍ୱ ଦେଇ ମନ୍ତ୍ରଣାଳୟ ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣକୁ ନେଇ ଗମ୍ଭୀର ଚିନ୍ତା ପ୍ରକଟ କରିବା ସହିତ କଠୋର ଶବ୍ଦରେ ଘଟଣାର ନିନ୍ଦା କରିଛି। ବାଣିଜ୍ୟିକ ଜାହାଜକୁ ଟାର୍ଗେଟ କରିବା ନେଇ ଭାରତର ଦୃଢ଼ ଚିନ୍ତାକୁ ୟୁକ୍ରେନ କର୍ତ୍ତୃପକ୍ଷଙ୍କୁ ଜଣାଇବାକୁ ରାଷ୍ଟ୍ରଦୂତଙ୍କୁ ଅନୁରୋଧ କରାଯାଇଥିଲା।

## ରାଜକୋଟରେ ଜରୁରୀ ଅବତରଣ କଲା ଦୁବାଇ-ମୁମ୍ବାଇ ଇଣ୍ଡିଗୋ ବିମାନ

ନୂଆଦିଲ୍ଲୀ, ୨୭।୭: ଦୁବାଇରୁ ମୁମ୍ବାଇ ଉଡ଼ାଣ କରୁଥିବା ଏକ ଇଣ୍ଡିଗୋ ବିମାନ ଆଜି ଗୁଜରାଟର ରାଜକୋଟ ଅନ୍ତର୍ଜାତୀୟ ବିମାନବନ୍ଦରରେ ଜରୁରୀ ଅବତରଣ କରିଛି। ଇଣ୍ଡିଗୋ ବିମାନ ୬ଇ ୧୪୫୨ ବିମାନରେ ୧୯୪ ଜଣ ଯାତ୍ରୀ ଦୁବାଇରୁ ମୁମ୍ବାଇକୁ ଉଡ଼ାଣ କରୁଥିବାବେଳେ ବିମାନରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ରାଜକୋଟ ବିମାନବନ୍ଦରକୁ ଏହାର ଦିଗ ପରିବର୍ତ୍ତନ କରାଯାଇଥିଲା। ବିମାନ କର୍ମଚାରୀ ବିମାନର କାର୍ଗୋ ହୋଲ୍ଡରେ ଧୂଆଁ ଚିହ୍ନଟ କରିବା ପରେ ପାଇଲଟ ତୁରନ୍ତ ରାଜକୋଟ ବିମାନବନ୍ଦର ସହ ଯୋଗାଯୋଗ କରିଥିଲେ ଏବଂ ପୂର୍ଣ୍ଣ ଇମର୍ଜେନ୍ସି ଘୋଷଣା କରାଯାଇଥିଲା। ରାଜକୋଟ ବିମାନବନ୍ଦର ନିର୍ଦ୍ଦେଶକ ଦିଗନ୍ତ ବୋରା କହିଛନ୍ତି, ବିମାନରେ ଥିବା ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି ଏବଂ ବିମାନଟିର ସୁରକ୍ଷିତ ଅବରତଣ କରାଯାଇଛି। ପ୍ରାଥମିକ ସୂଚନାନୁଯାୟୀ ପାଇଲଟ ବିମାନରେ ଧୂଆଁ ଚିହ୍ନଟ କରିବାପରେ ରାଜକୋଟ ଏଟିସି (ଏୟାର ଟ୍ରାଫିକ କଣ୍ଟ୍ରୋଲ୍) ସହ ଯୋଗାଯୋଗ କରିଥିଲେ ଏବଂ ବିମାନର ଜରୁରୀ ଅବତରଣ ପାଇଁ ଅନୁରୋଧ କରିଥିଲେ। ରାଜକୋଟ ପୁଲିସ କମିସନର କହିଛନ୍ତି, ବିମାନଟି ଜରୁରୀ ଅବତରଣ କରିବାପରେ ଏବେ ଏହାକୁ ଭଲଭାବେ ଯାଞ୍ଚ କରାଯାଉଛି।

## ଫୁଡ୍ ଫେଷ୍ଟିଭାଲରେ ଆଖିବୁଜା ଗୁଳିଚାଳନା: ୨ ମୃତ ୫ ଆହତ



ୱାସିଂଟନ, ୨୭।୭: ଆମେରିକାର ସିଆଟେଲରେ ଏକ ଭୟଙ୍କର ଘଟଣା ଘଟିଛି। ସହରର ସବୁଠାରୁ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳ, ସ୍ପେସ୍ ନିଡଲ୍ ନିକଟରେ ଆୟୋଜିତ ଏକ ଖାଦ୍ୟ ମହୋତ୍ସବରେ ଅଚାନକ ଗୁଳିକାଣ୍ଡ ଘଟିଛି। ଏହି ଆକ୍ରମଣରେ ଘଟଣା ସ୍ଥଳରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଜଣେ ଦୁଇ ବର୍ଷର ଶିଶୁ ସମେତ ତିନି ଜଣ ମହିଳା ଏବଂ ଜଣେ ୨୩ ବର୍ଷୀୟ ପୁରୁଷ ଆହତ ହୋଇଛନ୍ତି। ଡାକ୍ତର କହିଛନ୍ତି ଯେ ଆହତ ମହିଳାଙ୍କ ମଧ୍ୟରୁ ଜଣେ ୫୬ ବର୍ଷୀୟ ମହିଳାଙ୍କ ଅବସ୍ଥା ଗୁରୁତର ରହିଛି। ଅନ୍ୟ ଆହତମାନଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ରିପୋର୍ଟ ଅନୁସାରେ, ଘଟଣା ରବିବାର ସନ୍ଧ୍ୟା ପ୍ରାୟ ୬ଟାରେ ସିଆଟେଲ ସେଣ୍ଟରରେ ଘଟିଥିଲା। ବାର୍ଷିକ ବାଇଟ୍ ଅଫ୍ ସିଆଟେଲ ଖାଦ୍ୟ ମହୋତ୍ସବ ଚାଲିଥିଲା। ହଜାର ହଜାର ଲୋକ ଏହି ଲୋକପ୍ରିୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ହଠାତ୍ ଗୁଳିଚାଳନା ହୋଇଥିଲା। ସେଠାରେ ଉପସ୍ଥିତ ଲୋକଙ୍କ କହିବା ଅନୁଯାୟୀ, ଗୁଳିଚାଳନା ଆରମ୍ଭ ହେବା ମାତ୍ରେ ଉତ୍ସବର ପରିବେଶ ଆତଙ୍କରେ ପରିଣତ ହୋଇଯାଇଥିଲା। ଲୋକେ ନିଜ ଜୀବନ ବଞ୍ଚାଇବା ପାଇଁ ଦୌଡ଼ିବାକୁ ଲାଗିଥିଲେ।

## ଫ୍ରାନ୍ସରେ ଇନଫୋସିସ ଉପରେ ୨କୋଟିର ଜରିମାନା, ଶ୍ରମ ଆଇନ ଉଲ୍ଲଂଘନ ଅଭିଯୋଗ

ନୂଆଦିଲ୍ଲୀ, ୨୭।୭: ଦେଶର ବଡ଼ ଆଇଟି କମ୍ପାନି ଇନଫୋସିସ ଉପରେ ଫ୍ରାନ୍ସ ଏକ ସରକାରୀ ଶ୍ରମ ପ୍ରାଧିକରଣ ଇଲ୍-ଦେ-ଫ୍ରାନ୍ସ ପକ୍ଷରୁ ୧,୭୫,୦୦୦ ୟୁରୋ ପ୍ରାୟ ୨କୋଟି ଟଙ୍କାର ଜରିମନା ଲାଗୁ କରାଯାଇଛି। ୟୁରୋପରେ କଡ଼ା ଶ୍ରମ ଆଇ ଥିବାବେଳେ ଆଇଟି କମ୍ପାନି ଇନଫୋସିସ୍ ଏହାର ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଛି । ସେପଟେ କମ୍ପାନି କହିଛି ଯେ ଜରିମନା ଏହାର ବ୍ୟବସାୟ କିମ୍ବା ଆର୍ଥିକ ପରିସ୍ଥିତି ଉପରେ ବିଶେଷ ପ୍ରଭାବ ପକାଇବ ନାହିଁ । ୟୁରୋପରେ କମ୍ପାନି ନିଜ କର୍ମଚାରୀଙ୍କୁ ଧାର୍ଯ୍ୟ ସମୟଠାରୁ ଅଧିକ ସମୟ କାମ କରାଇ ପାରିବେ ନାହିଁ ବୋଲି କଡ଼ା ଶ୍ରମ ଆଇନ ରହିଛି । ଅତିରିକ୍ତ ପାରିଶ୍ରମିକ ନ ଦେବା ଯାଏ, କମ୍ପାନି କର୍ମଚାରୀଙ୍କୁ ଅଧିକ ସମୟ ଯାଏ କାମ କରାଇ ପାରିବ ନାହିଁ । ଯଦି କର୍ମଚାରୀ ନିର୍ଦ୍ଧାରିତ ସମୟ ଠାରୁ ଅଧିକ କାମ କରାଇବାକୁ ଚାପ ପକାଉଥିଲେ, ତେବେ ଆଇନ ଅନୁଯାୟୀ କମ୍ପାନି ଉପରେ ଜରିମନା ଲାଗୁ କରାଯାଇଥାଏ । ଇନଫୋସିସ୍ ଷ୍ଟକ ଏକ୍ସଚେଞ୍ଜକୁ ଦେଇଥିବା ରିପୋର୍ଟରେ କହିଛି ଯେ ଏହି ଜରିମାନା କମ୍ପାନିର ବ୍ୟବସାୟ କିମ୍ବା ଆର୍ଥିକ ସ୍ଥିତି ଉପରେ କୌଣସି ବିଶେଷ ପ୍ରଭାବ ପକାଇବ ନାହିଁ । ତେବେ ମାମଲାର ସମ୍ପୂର୍ଣ୍ଣ ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

### ରାମ ମନ୍ଦିରରୁ ଚୋରି ପ୍ରସଙ୍ଗ

# ଏସ୍‌ଆଇଟି ଗଠନ ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ



ନୂଆଦିଲ୍ଲୀ, ୨୭।୭: ଅଯୋଧ୍ୟା ରାମ ଜନ୍ମଭୂମି ମନ୍ଦିର ଟ୍ରଷ୍ଟରେ ଚଢ଼ାଉ ଟଙ୍କା ଚୋରି ଓ ଆର୍ଥିକ ଅନିୟମିତତା ଅଭିଯୋଗ ମାମଲାରେ ସୁପ୍ରିମକୋର୍ଟ ଗୁରୁତ୍ୱପୂର୍ଣ୍ଣ ଶୁଣାଣି କରିଛନ୍ତି । ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ ବି. ମୋହନାଙ୍କୁ ନେଇ ଗଠିତ ବେଞ୍ଚ ସମ୍ମୁଖରେ ଉତ୍ତର ପ୍ରଦେଶ ସରକାର ପକ୍ଷ ରଖିଥିଲେ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା। ଶୁଣାଣି ସମୟରେ ତୁଷାର ମେହେଟ୍ଟା କୋର୍ଟଙ୍କୁ ଜଣାଇଥିଲେ ଯେ, ମାମଲାର ନିରପେକ୍ଷ ଓ ସ୍ୱଚ୍ଛ ତଦନ୍ତ ପାଇଁ ରାଜ୍ୟ ସରକାର ପୁନର୍ବାର ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସଆଇଟି) ଗଠନ କରିଛନ୍ତି । ସୁପ୍ରିମକୋର୍ଟ ଏହି ତିନି ସଦସ୍ୟ ବିଶିଷ୍ଟ ଏସଆଇଟିର ଦାୟିତ୍ୱ ଲକ୍ଷ୍ନୌ ରେଞ୍ଜର ପୋଲିସ ମହାନିରୀକ୍ଷକ (ଆଇଜି) କିରଣ ଏସଙ୍କୁ ଦେଇଛନ୍ତି। ତାଙ୍କ ସହ ଅଯୋଧ୍ୟା ରେଞ୍ଜର ଡେପୁଟି ଇନ୍ସପେକ୍ଟର ଜେନେରାଲ (ଡିଆଇଜି) ସୋମେନ ବର୍ମା ଏବଂ ଅଯୋଧ୍ୟାର ବରିଷ୍ଠ ପୋଲିସ ଅଧୀକ୍ଷକ (ଏସଏସପି) ଗୌରବ ଗ୍ରୋଭର ମଧ୍ୟ ଏସଆଇଟିର ସଦସ୍ୟ ଭାବେ ସାମିଲ ହୋଇଛନ୍ତି । ଶୁଣାଣି ବେଳେ ସୁପ୍ରିମକୋର୍ଟ ପରାମର୍ଶ ଦେଇଥିଲେ ଯେ, ଟ୍ରଷ୍ଟର ଆର୍ଥିକ କାରବାର ଓ କଥିତ ଅନିୟମିତତାର ଯାଞ୍ଚ ପାଇଁ ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କୁ ନିଯୁକ୍ତ କରାଯାଉ । ଏହି ପ୍ରସ୍ତାବରେ ସଲିସିଟର ଜେନେରାଲ ସହମତି ପ୍ରକାଶ କରିଥିଲେ। ଏଥିସହ ଫରେନସିକ୍ ଅଡିଟରେ ଅଭିଜ୍ଞତା ଥିବା ଜଣେ ବିଶେଷଜ୍ଞ ଅଡିଟରଙ୍କୁ ମଧ୍ୟ ଏସଆଇଟିରେ ସାମିଲ କରାଯିବ । କୋର୍ଟ ଏସଆଇଟିକୁ ଚାଲିଥିବା ତଦନ୍ତର ସ୍ଥିତି ରିପୋର୍ଟ ପରବର୍ତ୍ତୀ ଶୁଣାଣିରେ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ଅଦାଲତ ସ୍ପଷ୍ଟ କରିଛନ୍ତି ଯେ ଏହି ମାମଲାରେ ଦ୍ରୁତ, ଗୁଣାତ୍ମକ, ନିରପେକ୍ଷ ଓ ସ୍ୱଚ୍ଛ ତଦନ୍ତ ହେବା ଆବଶ୍ୟକ। ଏପଟେ, ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଦେବଦତ୍ତ କାମତ କୋର୍ଟଙ୍କୁ ଅନୁରୋଧ କରିଥିଲେ ଯେ, ଦେଶର ବିଭିନ୍ନ ସ୍ଥାନରୁ ମନ୍ଦିର ଟ୍ରଷ୍ଟକୁ ମିଳୁଥିବା ସମସ୍ତ ଦାନର ରସିଦ ଓ ବିବରଣୀ ଟ୍ରଷ୍ଟର ୱେବସାଇଟରେ ସାର୍ବଜନୀନ କରାଯାଉ । ଏହାଦ୍ୱାରା ଦାନକାରୀମାନେ ସମ୍ପୂର୍ଣ୍ଣ ସୂଚନା ପାଇପାରିବେ ଏବଂ ସ୍ୱଚ୍ଛତା ମଧ୍ୟ ବଜାୟ ରହିବ । ସୁପ୍ରିମକୋର୍ଟ ଉତ୍ତର ପ୍ରଦେଶ ସରକାରଙ୍କ ଗଠିତ ଏସଆଇଟିର ତିନି ଅଧିକାରୀଙ୍କ ନିଯୁକ୍ତିକୁ ରେକର୍ଡରେ ନେଇଛନ୍ତି। ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ହେବାକୁ ଥିବା ପରବର୍ତ୍ତୀ ଶୁଣାଣିରେ ଏସଆଇଟି ତଦନ୍ତର ଅଗ୍ରଗତି ସମ୍ପର୍କିତ ସ୍ଥିତି ରିପୋର୍ଟ ଦାଖଲ କରିବ।

## ପ୍ୟାକେଟ୍ ଖାଦ୍ୟରେ ସାମ୍ନାପଟେ ଚିନି ପରିମାଣ ଉଲ୍ଲେଖ ବାଧ୍ୟତାମୂଳକ କରିବାକୁ ସଂସଦୀୟ କମିଟିର ସୁପାରିସ

ନୂଆଦିଲ୍ଲୀ, ୨୭।୭: ପ୍ୟାକେଟରେ ବିକ୍ରି ହେଉଥିବା ଖାଦ୍ୟସାମଗ୍ରୀରେ ଥିବା ଚିନିର ପରିମାଣ ଉପଭୋକ୍ତାମାନେ ସହଜରେ ଜାଣିପାରିବା ପାଇଁ ପ୍ରତ୍ୟେକ ପ୍ୟାକେଟର ସାମ୍ନାପଟେ ଏହାର ସ୍ପଷ୍ଟ ସୂଚନା ଦେବାକୁ ବାଧ୍ୟତାମୂଳକ କରିବା ପାଇଁ ସଂସଦର ଏକ ସ୍ଥାୟୀ କମିଟି ସୁପାରିସ କରିଛି। ଦେଶରେ ମଧୁମେହ, ମୋଟାପଣ ଓ ଅନ୍ୟାନ୍ୟ ଅସଂକ୍ରାମକ ରୋଗ ବୃଦ୍ଧି ପାଉଥିବା ପରିପ୍ରେକ୍ଷୀରେ ଏହି ପଦକ୍ଷେପ ନେବାକୁ କମିଟି ମତ ଦେଇଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସମ୍ପର୍କିତ ସଂସଦୀୟ ସ୍ଥାୟୀ କମିଟି ଏହାର ରିପୋର୍ଟରେ କହିଛି ଯେ, ବର୍ତ୍ତମାନ ଅଧିକାଂଶ ପ୍ୟାକେଟ୍ ଖାଦ୍ୟର ପଛପଟେ ପୋଷକ ତଥ୍ୟ ଛୋଟ ଅକ୍ଷରରେ ଲେଖାଯାଉଥିବାରୁ ସାଧାରଣ ଉପଭୋକ୍ତାଙ୍କ ପାଇଁ ତାହା ବୁଝିବା କଷ୍ଟକର ହେଉଛି। ତେଣୁ ପ୍ୟାକେଟର ସାମ୍ନାପଟେ ସ୍ପଷ୍ଟ ଭାବେ ଚିନି, ଲୁଣ ଓ ଚର୍ବିର ପରିମାଣ ଉଲ୍ଲେଖ କରାଗଲେ ଲୋକମାନେ ଖାଦ୍ୟ କିଣିବା ପୂର୍ବରୁ ସଠିକ୍ ନିଷ୍ପତ୍ତି ନେଇପାରିବେ। କମିଟି କହିଛି, ବିଶେଷକରି ଶିଶୁ ଓ କିଶୋରକିଶୋରୀଙ୍କ ମଧ୍ୟରେ ଅଧିକ ଚିନିଯୁକ୍ତ ପାନୀୟ ଓ ପ୍ରକ୍ରିୟାକୃତ ଖାଦ୍ୟର ବ୍ୟବହାର ବଢୁଥିବାରୁ ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି ପାଉଛି। ତେଣୁ ଉପଭୋକ୍ତାମାନଙ୍କୁ ସହଜରେ ବୁଝିହେବା ଭଳି ଭାବରେ ପ୍ୟାକେଟର ସାମ୍ନାପଟେ ଆବଶ୍ୟକ ପୋଷକ ସୂଚନା ଦେବା ଜରୁରୀ। ରିପୋର୍ଟରେ ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ (ଏଫ୍‌ଏସ୍‌ଏସ୍‌ଏଆଇ)କୁ ଏହି ବ୍ୟବସ୍ଥା ଶୀଘ୍ର କାର୍ଯ୍ୟକାରୀ କରିବାକୁ ସୁପାରିସ କରାଯାଇଛି। ଏହା ସହିତ ଲୋକମାନଙ୍କ ମଧ୍ୟରେ ସୁସ୍ଥ ଖାଦ୍ୟାଭ୍ୟାସ ସମ୍ପର୍କରେ ସଚେତନତା ବଢ଼ାଇବା ଓ ଅଧିକ ଚିନି ଥିବା ଖାଦ୍ୟ ଖାଇବାର କ୍ଷତି ସମ୍ପର୍କରେ ବ୍ୟାପକ ପ୍ରଚାର କରିବାକୁ ମଧ୍ୟ କମିଟି ପରାମର୍ଶ ଦେଇଛି।

### ନୀତିନ ଗଡକରୀଙ୍କ ବଡ଼ ବିଜୟ

## ମେଟା, ଏକ୍ସ ଏବଂ ଗୁଗୁଲ୍ ବିରୋଧରେ ମାମଲା ରୁଜୁ କରିବାକୁ ଅନୁମତି



ମୁମ୍ବାଇ, ୨୭।୭: କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀଙ୍କୁ ସୋସିଆଲ ମିଡିଆ ପ୍ଲାଟଫର୍ମ ମେଟା, ଏକ୍ସ, ଗୁଗୁଲ ଏବଂ ଅନ୍ୟମାନଙ୍କ ବିରୋଧରେ ଏକ ଦେୱାନୀ ମାମଲା ଦାୟର କରିବାକୁ ଅନୁମତି ମିଳିଛି। ଏହି ମାମଲାଟି ଏଆଇ-ଜେନେରେଟେଡ୍ ଡିପ୍ ଫେକ୍ ଭିଡିଓ ଏବଂ ତାଙ୍କୁ ବଦନାମ କରିବା ପାଇଁ ଡିଜିଟାଲ୍ କଣ୍ଟେଣ୍ଟ ତିଆରି ସହିତ ଜଡିତ। ଏହି ମାମଲାଟି ଇଥାନଲ୍ ମିଶ୍ରଣ ପଦକ୍ଷେପ ସହିତ ମଧ୍ୟ ଜଡିତ, ଯାହା ଦେଶରେ ଏବେ ଏକ ପ୍ରମୁଖ ରାଜନୈତିକ ପ୍ରସଙ୍ଗ ପାଲଟିଛି। ରିପୋର୍ଟ ଅନୁଯାୟୀ, ସୋମବାର ବମ୍ବେ ହାଇକୋର୍ଟର ବିଚାରପତି ଅଭୟ ଆହୁଜାଙ୍କ ଖଣ୍ଡପୀଠ ଏହି ସୋସିଆଲ ମିଡିଆ ପ୍ଲାଟଫର୍ମଗୁଡ଼ିକ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀଙ୍କୁ ଅନୁମତି ପ୍ରଦାନ କରିଛନ୍ତି। ହାଇକୋର୍ଟ ପରେ ମଧ୍ୟବର୍ତ୍ତୀକାଳୀନ ଆଶ୍ୱସ୍ତି ପାଇଁ ତାଙ୍କର ଆବେଦନର ଶୁଣାଣି କରିବେ, ଯେଉଁଥିରେ ତୁରନ୍ତ ନିଷେଧ ଏବଂ ବିଷୟବସ୍ତୁ ଅପସାରଣ ମାମଲା ଅନ୍ତର୍ଭୁକ୍ତ ରହିଛି।

## ସଂସଦ ବାହାରେ ଅମିତ ଶାହଙ୍କ ଇସ୍ତଫା ଦାବି କଲା କଂଗ୍ରେସ

ନୂଆଦିଲ୍ଲୀ, ୨୭।୭: ନିଟ୍ ପେପର ଲିକ୍ ପ୍ରସଙ୍ଗରେ ସିଜେପିର ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲେ ମଧ୍ୟ ଏହାକୁ ନେଇ ରାଜନୈତିକ ବିବାଦ ଥମୁନାହିଁ। ଜନ୍ତରମନ୍ତରରେ ଆନ୍ଦୋଳନକାରୀଙ୍କ ଉପରେ ପୁଲିସର କଥିତ ଅତ୍ୟଧିକ ବଳପ୍ରୟୋଗକୁ ବିରୋଧ କରି ସୋମବାର ବିରୋଧୀ ସାଂସଦମାନେ ସଂସଦ ପରିସରର ମକର ଦ୍ୱାର ନିକଟରେ ବ୍ୟାନର ଧରି ପ୍ରତିବାଦ କରିଥିଲେ। ସେମାନେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଇସ୍ତଫା ଦାବି କରିବା ସହ ଏହି ପ୍ରସଙ୍ଗରେ ସରକାରଙ୍କ ଜବାବ ମାଗିଥିଲେ। ବିରୋଧୀଙ୍କ ପ୍ରତିବାଦ ପରେ ବିଜେପି ସାଂସଦ ନିଶିକାନ୍ତ ଦୁବେ କଂଗ୍ରେସ ନେତା ତଥା ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଉପରେ କଡ଼ା ଆକ୍ରମଣ କରିଥିଲେ। ସେ କହିଥିଲେ, ୨୦୦୪ରୁ ୨୦୨୬ ମଧ୍ୟରେ ରାହୁଲ ଗାନ୍ଧୀଙ୍କ ବିଦେଶ ଗସ୍ତ, ସେଠାରେ ସେ କାହାକୁ ଭେଟିଛନ୍ତି ଏବଂ କେଉଁ ପ୍ରସଙ୍ଗରେ ଆଲୋଚନା କରିଛନ୍ତି, ସେ ସମ୍ପର୍କରେ ସ୍ୱଚ୍ଛତା ନାହିଁ। ୨୦୦୮ରେ କଂଗ୍ରେସ ଓ ଚୀନ୍ର ଶାସକ କମ୍ୟୁନିଷ୍ଟ ପାର୍ଟି ମଧ୍ୟରେ ସ୍ୱାକ୍ଷରିତ ବୁଝାମଣାପତ୍ର ସମ୍ପର୍କରେ ମଧ୍ୟ ସେ ପ୍ରଶ୍ନ ଉଠାଇଥିଲେ। ନିଶିକାନ୍ତ ଦୁବେ ଅଭିଯୋଗ କରିଥିଲେ ଯେ, ବିଦେଶ ଗସ୍ତ ସମୟରେ ରାହୁଲ ଗାନ୍ଧୀ ଭାରତ, କେନ୍ଦ୍ର ସରକାର ଓ ସମ୍ବିଧାନ ବିରୋଧୀ ମନ୍ତବ୍ୟ ଦେଉଛନ୍ତି। ଏହି କାରଣରୁ ତାଙ୍କୁ ଲୋକସଭାର ବିରୋଧୀଦଳ ନେତା ପଦରୁ ହଟାଇବାକୁ ସେ ଦାବି କରିବେ ବୋଲି କହିଥିଲେ।

## 'କକ୍ରୋଚ୍'କୁ ନେଇ କଙ୍ଗନା ରାଣାୱତଙ୍କ କଟାକ୍ଷ

ନୂଆଦିଲ୍ଲୀ, ୨୭।୭: ଅଭିନେତ୍ରୀ ତଥା ବିଜେପି ସାଂସଦ କଙ୍ଗନା ରାଣାୱତ ଦିଲ୍ଲୀର ଜନ୍ତର ମନ୍ତରରେ ଆୟୋଜିତ ଏକ ଛାତ୍ର ପ୍ରତିବାଦକୁ ନେଇ ସୋସିଆଲ ମିଡିଆରେ କଡ଼ା ପ୍ରତିକ୍ରିୟା ଦେଇଛନ୍ତି। ଇନଷ୍ଟାଗ୍ରାମ ଷ୍ଟୋରୀରେ କରିଥିବା ଏକ ପୋଷ୍ଟରେ ସେ ପ୍ରତିବାଦ ସମ୍ପର୍କିତ ରିଲ୍ସଗୁଡ଼ିକୁ ନେଇ ଅସନ୍ତୋଷ ପ୍ରକାଶ କରିବା ସହ ପ୍ରତିବାଦକାରୀଙ୍କ ଭାଷା ଓ ଆଚରଣକୁ ସମାଲୋଚନା କରିଛନ୍ତି। କଙ୍ଗନା ତାଙ୍କ ପୋଷ୍ଟରେ ଲେଖିଛନ୍ତି ଯେ, ପ୍ରତିବାଦ ସହ ଜଡିତ କିଛି ରିଲରେ ବ୍ୟବହୃତ ଭାଷା ଓ ବିଷୟବସ୍ତୁ ତାଙ୍କୁ ବିଚଳିତ କରିଛି। ସେ କହିଛନ୍ତି ଯେ, ଏଭଳି ଭିଡିଓ ଦେଖି ତାଙ୍କୁ "ବାନ୍ତି ଲାଗିବା ଭଳି ଅନୁଭବ" ହୋଇଛି। ଏହା ସହ ସେ ପ୍ରଶ୍ନ କରିଛନ୍ତି ଯେ, ଏଭଳି ଆଚରଣ ଓ ଭାଷା କେଉଁ ପ୍ରକାରର ଲାଳନପାଳନର ପରିଣାମ। ଏହା ସହ "କକ୍ରୋଚ୍" ପ୍ରତୀକକୁ ମଧ୍ୟ କଙ୍ଗନା ସମାଲୋଚନା କରିଛନ୍ତି।

## ନେପାଳରେ ସାମ୍ପ୍ରଦାୟିକ ହିଂସା : ଜଣେ ମୃତ, ୧୨ ଆହତ



ନୂଆଦିଲ୍ଲୀ, ୨୭।୬: ନେପାଳର କୋଶି ପ୍ରଦେଶର ସୁନସାରି ଜିଲ୍ଲାରେ ସାମ୍ପ୍ରଦାୟିକ ସଂଘର୍ଷରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସୁରକ୍ଷାକର୍ମୀଙ୍କ ସମେତ ୧୨ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଏହି ଘଟଣା ପରେ ସୋମବାର ସକାଳେ ସ୍ଥାନୀୟ ପ୍ରଶାସନ ଜିଲ୍ଲାର ପାଞ୍ଚଟି ବଜାର ଅଞ୍ଚଳରେ ଅନିର୍ଦ୍ଦିଷ୍ଟ କାଳ ପାଇଁ କର୍ଫ୍ୟୁ ଜାରି କରିଛି। ନେପାଳର ସମ୍ପୃକ୍ତ ହିଂସାଗ୍ରସ୍ତ ଅଞ୍ଚଳ ବିହାର ସୀମାକୁ ଲାଗି ରହିଛି। ସୁନସାରି ଜିଲ୍ଲା ପ୍ରଶାସନର ସୂଚନା ଅନୁଯାୟୀ, ଜିଲ୍ଲାର କପ୍ତାନଗଞ୍ଜ ବଜାର, ଦିବାନଗଞ୍ଜ ଗ୍ରାମୀଣ ନଗରପାଳିକା-୩ ସହିତ ପାଞ୍ଚଟି ବଜାର ଅଞ୍ଚଳରେ ସକାଳ ସାତଟାରୁ ଆଗାମୀ ନିର୍ଦ୍ଦେଶ ପର୍ଯ୍ୟନ୍ତ କଟକଣା ଲାଗୁ ହୋଇଛି। ପୁଲିସ ସୂଚନା ଅନୁଯାୟୀ ହିଂସା ରବିବାର ରାତିରେ ଦେବଗଞ୍ଜ ଗ୍ରାମ ପଞ୍ଚାୟତର କପ୍ତାନଗଞ୍ଜ ଅଞ୍ଚଳରେ ଆରମ୍ଭ ହୋଇଥିଲା। ଏଠାରେ ଦୁଇଟି ସମ୍ପ୍ରଦାୟର ଲୋକ ଅଲଗା ଅଲଗା ଧାର୍ମିକ କାର୍ଯ୍ୟକ୍ରମ ଆୟୋଜନ କରୁଥିଲେ। ଗୋଟିଏ ପକ୍ଷରେ ବୋଲବମ ଯାତ୍ରା ପାଇଁ ଭିଡ଼ ଥିବାବେଳେ ଅନ୍ୟ ସମ୍ପ୍ରଦାୟର ଲୋକ ନିଜ ଧାର୍ମିକ କାର୍ଯ୍ୟକ୍ରମ କରୁଥିଲେ। ବିବାଦ ମୁଖ୍ୟତଃ ଲାଉଡସ୍ପିକରର ତୀବ୍ର ଧ୍ୱନି ଓ ଧାର୍ମିକ ପତାକା ବ୍ୟବହାରକୁ ନେଇ ହୋଇଥିଲା। ଦୁଇପକ୍ଷ ମଧ୍ୟରେ କଥା କଟାକଟି ଦେଖୁ ଦେଖୁ ହିଂସକ ରୂପ ନେଇଥିଲା। ଦୁଇ ସମ୍ପ୍ରଦାୟ ମଧ୍ୟରେ ପଥର ଫିଙ୍ଗା ଓ ମାଡ଼ପିଟ୍ ହୋଇଥିଲା। ଉତ୍ତ୍ୟକ୍ତ ଲୋକମାନେ କପ୍ତାନଗଞ୍ଜ ଅଞ୍ଚଳରେ ଦୋକାନ, ବଜାର, ଘର ମେଡିକାଲ ସୁବିଧା, ଗାଡ଼ି ଓ ସରକାରୀ ସମ୍ପତ୍ତି ଭଙ୍ଗାରୁଜା କରିଥିଲେ। ପରସ୍ଥିତିକୁ ଦେଖି ସୁରକ୍ଷାକର୍ମୀ ହସ୍ତକ୍ଷେପ କରିଥିଲେ। ଭିଡ଼କୁ ଘଉଡ଼େଇବା ପାଇଁ ଲୁହବୁହା ଗ୍ୟାସ ପ୍ରୟୋଗ କରିବା ସହିତ ଫାଙ୍କା ଗୁଳିଚାଳନା କରିଥିଲେ। ପରିସ୍ଥିତି ନିୟନ୍ତ୍ରଣକୁ ଆଣିବାକୁ ଭିଡ଼ ଉପରକୁ ପୁଲିସକୁ ଗୁଳି ଚାଳନା କରିବାକୁ ପଡ଼ିଥିଲା। ପୁଲିସ ଗୁଳି ଚାଳନାରେ ୨୪ ବର୍ଷୀୟ ଓମ୍ ପ୍ରକାଶ ମେହତାଙ୍କର ମୃତ୍ୟୁ ହୋଇଥିଲା। ଏହି ହିଂସାରେ ସୁରକ୍ଷାକର୍ମୀଙ୍କ ସହିତ ୧୨ରୁ ଅଧିକ ଲୋକ ଆହତ ହୋଇଥିଲେ।

## ବିଜୟଙ୍କୁ ଝଟ୍‌କା: କରୁର୍ ଦଳଚକଟା ପୀଡ଼ିତଙ୍କ ପରିବାର ପାଇଁ ସରକାରୀ ଚାକିରି ବାତିଲ କଲେ ହାଇକୋର୍ଟ

ଚେନ୍ନାଇ, ୨୭।୭: ମାଡ୍ରାସ ହାଇକୋର୍ଟଙ୍କ ମଦୁରାଇ ବେଞ୍ଚ କରୁର୍ ଦଳାଚକଟା ଘଟଣାର ପୀଡ଼ିତଙ୍କ ପରିବାରକୁ ତାମିଲନାଡୁ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ସରକାରୀ ଚାକିରି ବାତିଲ କରିଦେଇଛନ୍ତି। ନିଯୁକ୍ତିକୁ ଅନୁମୋଦନ କରିଥିବା ସରକାରୀ ନିର୍ଦ୍ଦେଶକୁ କୋର୍ଟ ଖାରଜ କରିଦେଇଛନ୍ତି। ସୂଚନାଯୋଗ୍ୟ, ସେପ୍ଟେମ୍ବର ୨୦୨୫ରେ କରୁରଠାରେ ଟିଭିକେ ରାଲି ସମୟରେ ଦଳାଚକଟା ଘଟି ୪୧ ଜଣଙ୍କର ମୃତ୍ୟୁ ହୋଇଥିଲା। ଏହି ମାମଲାର ଶୁଣାଣି କରି ସୋମବାର ମାଡ୍ରାସ ହାଇକୋର୍ଟ କହିଛନ୍ତି ଯେ, ସରକାରଙ୍କ ନିର୍ଦ୍ଦେଶନାମା ସମ୍ବିଧାନର ଧାରା ୧୪ ଓ ୧୬କୁ ଉଲ୍ଲଂଘନ କରୁଛି। ଏପରି ନିଯୁକ୍ତିକୁ ଅନୁମତି ଦିଆଯିବା ଦ୍ୱାରା ଭବିଷ୍ୟତରେ ଅଧିକ ଦାବି ଉଠିବ। ଆଡଭୋକେଟ୍ ମହମ୍ମଦ ରସିଦ ବିଜୟଙ୍କ ନେତୃତ୍ୱାଧୀନ ତାମିଲନାଡୁ ସରକାରଙ୍କ ଅନୁକମ୍ପାମୂଳକ ଚାକିରି ଦେବା ନିଷ୍ପତ୍ତିକୁ ମାଡ୍ରାସ ହାଇକୋର୍ଟରେ ଚାଲେଞ୍ଜ କରିଥିଲେ। ମାଡ୍ରାସ ହାଇକୋର୍ଟ ମଧ୍ୟ ତାଙ୍କ ଯୁକ୍ତିକୁ ଗ୍ରହଣ କରି ଏପରି ନିଯୁକ୍ତି ଆଇନସମ୍ମତ ନୁହେଁ ବୋଲି କହିଥିଲେ। ହାଇକୋର୍ଟ କହିଥିଲେ, ସୁପ୍ରିମକୋର୍ଟ ଅନୁକମ୍ପାମୂଳକ ଚାକିରି ପାଇଁ ପୂର୍ବରୁ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ପକ୍ଷରୁ ଚାରୋଟି ଯୋଗ୍ୟତା ମାନଦଣ୍ଡ ସ୍ଥିର କରାଯାଇଛି ଓ ଦଳାଚକଟା ପୀଡିତଙ୍କ ପରିବାର ସେହି ବର୍ଗରେ ଆସୁନାହାନ୍ତି।

# ଆନ୍ଦୋଳନକାରୀଙ୍କ ବିରୋଧରେ ମାମଲା ପ୍ରତ୍ୟାହାର ନ କଲେ ପୁଣି ଆନ୍ଦୋଳନ: ସିଜେପି



ନୂଆଦିଲ୍ଲୀ, ୨୭।୭: ନିଟ୍ ପେପର ଲିକ୍ ପ୍ରସଙ୍ଗକୁ ନେଇ ହୋଇଥିବା ଦେଶବ୍ୟାପୀ ଆନ୍ଦୋଳନପରେ ଛାତ୍ରଛାତ୍ରୀ ଓ ପ୍ରତିବାଦକାରୀଙ୍କ ବିରୋଧରେ ପୁଲିସ କାର୍ଯ୍ୟାନୁଷ୍ଠାନ ଜାରି ରହିଥିବା ଅଭିଯୋଗ କରି କକ୍ରୋଚ୍ ଜନତା ପାର୍ଟି (ସିଜେପି) ସୋମବାର କେନ୍ଦ୍ର ସରକାରଙ୍କୁ କଡ଼ା ଚେତାବନୀ ଦେଇଛି। ଆନ୍ଦୋଳନକାରୀଙ୍କ ବିରୋଧରେ ରୁଜୁ ହୋଇଥିବା ସମସ୍ତ ମାମଲା ପ୍ରତ୍ୟାହାର, ଅଟକ ଓ ଗିରଫ ହୋଇଥିବା ସମସ୍ତଙ୍କୁ ତୁରନ୍ତ ମୁକ୍ତ କରିବା ସହ ଆଗକୁ ଆଉ କୌଣସି ଦଣ୍ଡାତ୍ମକ ପଦକ୍ଷେପ ନ ନେବାକୁ ଦଳ ଦାବି କରିଛି। ଦାବି ପୂରଣ ନ ହେଲେ ପୁଣିଥରେ ଆନ୍ଦୋଳନ ଆରମ୍ଭ କରିବାକୁ ବାଧ୍ୟ ହେବ ବୋଲି ସିଜେପି ସ୍ପଷ୍ଟ କରିଛି। ସିଜେପିର ମୁଖପାତ୍ର ଅଶୁତୋଷ ରଙ୍କା ଓ ସୌରଭ ଦାସ, ବରିଷ୍ଠ ଆଇନଜୀବୀ ତଥା ରାଜ୍ୟସଭା ସଦସ୍ୟ କପିଲ ସିବଲଙ୍କ ଉପସ୍ଥିତିରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କହିଥିଲେ ଯେ, ଆନ୍ଦୋଳନ ପ୍ରତ୍ୟାହାର ସମୟରେ କେନ୍ଦ୍ର ସରକାର ଶାନ୍ତିପୂର୍ଣ୍ଣ ପ୍ରତିବାଦକାରୀଙ୍କ ବିରୋଧରେ କୌଣସି ଦଣ୍ଡାତ୍ମକ କାର୍ଯ୍ୟ ହେବ ନାହିଁ ବୋଲି ଆଶ୍ୱାସନା ଦେଇଥିଲେ। କିନ୍ତୁ ବିହାର, ପଶ୍ଚିମବଙ୍ଗ, ଆସାମ ସମେତ ବିଭିନ୍ନ ରାଜ୍ୟରେ ଛାତ୍ରଛାତ୍ରୀଙ୍କୁ ଗିରଫ କରାଯାଉଥିବା ଓ ଦିଲ୍ଲୀ ସମେତ ଅନ୍ୟ ରାଜ୍ୟରେ ସ୍ୱେଚ୍ଛାସେବୀଙ୍କୁ ହଇରାଣ କରାଯାଉଥିବା ଅଭିଯୋଗ ସାମ୍ନାକୁ ଆସିଛି। ଏହା ସରକାରଙ୍କ ପ୍ରତିଶ୍ରୁତିର ଉଲ୍ଲଙ୍ଘନ ବୋଲି ସିଜେପି କହିଛି। ସିଜେପି କହିଛି, ଅଟକ ଓ ଗିରଫ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଆଇନଗତ ସହାୟତା ଯୋଗାଇବା ପାଇଁ ଏହାର ଆଇନଜୀବୀ ଦଳ ସମ୍ପୃକ୍ତ ରାଜ୍ୟର ଓକିଲମାନଙ୍କ ସହ ଯୋଗାଯୋଗରେ ରହିଛି। ସଂଗଠନ ଆହୁରି ଦାବି କରିଛି ଯେ, ଆନ୍ଦୋଳନକାରୀଙ୍କ ବିରୋଧରେ ରୁଜୁ ହୋଇଥିବା ସମସ୍ତ ଏଫ୍‌ଆଇଆର୍ ତୁରନ୍ତ ପ୍ରତ୍ୟାହାର କରାଯାଉ ଏବଂ ଦିଲ୍ଲୀ ପୁଲିସ କିମ୍ବା ଅନ୍ୟ ରାଜ୍ୟର ପୁଲିସ ଆଉ କୌଣସି ନୂଆ ମାମଲା ରୁଜୁ ନ କରନ୍ତୁ। ଏଥିସହ ପୂର୍ବରୁ ସରକାରଙ୍କ ସହ ହୋଇଥିବା ବୁଝାମଣାର ଲିଖିତ କପି ମଧ୍ୟ ଦିଆଯାଉ ବୋଲି ସିଜେପି ଦାବି କରିଛି। ଏସବୁ ଦାବି ପୂରଣ ନ ହେଲେ ପୁଣିଥରେ ରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବାକୁ ବାଧ୍ୟ ହେବ ବୋଲି ସଂଗଠନ ଚେତାବନୀ ଦେଇଛି।

## ହସ୍ପିଟାଲରୁ ସିଧା ରାଜଘାଟ



ନୂଆଦିଲ୍ଲୀ, ୨୭।୭: ଦିଲ୍ଲୀର ଜନ୍ତର ମନ୍ତରରେ ଅନୁଷ୍ଠିତ ପ୍ରତିବାଦରେ ପରିବେଶ କର୍ମୀ ସୋନମ ୱାଙ୍ଗଚୁକ୍ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ସେ କିଛି ଦିନ ଧରି ଅନଶନରେ ଥିଲେ କିନ୍ତୁ ପରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ୱାଙ୍ଗଚୁକ୍ ଏବେ ଡିସଚାର୍ଜ ହୋଇଛନ୍ତି । ସେ ସୋସିଆଲ ମିଡିଆରେ ଏକ ଭିଡିଓରେ ଏହି ଅପଡେଟ୍ ସେୟାର କରିଛନ୍ତି। ଘରକୁ ଯିବା ପୂର୍ବରୁ, ସେ ତାଙ୍କ ପତ୍ନୀ ଗୀତାଞ୍ଜଳିଙ୍କ ସହ ରାଜଘାଟ ଯାଇଥିଲେ । ସୋନମ ୱାଙ୍ଗଚୁକ୍ ମନ୍ତବ୍ୟ ଦେଇଥିଲେ, "ଗାନ୍ଧୀଙ୍କ ପଥ ଆଜି ମଧ୍ୟ ପ୍ରାସଙ୍ଗିକ; ଅହିଂସା ଏବଂ ଶାନ୍ତି ମାଧ୍ୟମରେ ସଫଳତା ହାସଲ ହୁଏ।"

### ଏସିଏଫ୍ ସୌମ୍ୟରଞ୍ଜନ ମୃତ୍ୟୁ ମାମଲା
## ୫ ବର୍ଷ ପରେ ଆତ୍ମସମର୍ପଣ କଲେ ତତ୍କାଳୀନ ଡିଏଫ୍‌ଓ



ଭୁବନେଶ୍ୱର: ପାରଳାଖେମୁଣ୍ଡିର ବହୁଚର୍ଚ୍ଚିତ ଏସିଏଫ୍ ସୌମ୍ୟରଞ୍ଜନ ମୃତ୍ୟୁ ମାମଲାରେ ତତ୍କାଳୀନ ଡିଏଫ୍‌ଓ ସଂଗ୍ରାମ ବେହେରାଙ୍କ ଆତ୍ମସମର୍ପଣ । ୫ ବର୍ଷ ପରେ ପାରଳାଖେମୁଣ୍ଡି ଏସଡିଜେଏମ୍‌ଙ୍କ ନିକଟରେ ଓକିଲଙ୍କ ଜରିଆରେ ଆତ୍ମସମର୍ପଣ କରିଛନ୍ତି । ୨୦୨୧ ମସିହା ଜୁଲାଇ ମାସରେ ପାରଳାଖେମୁଣ୍ଡି ସ୍ଥିତ ସରକାରୀ କ୍ୱାର୍ଟରରେ ପୋଡ଼ିହୋଇ ଏସିଏଫ୍ ସୌମ୍ୟରଞ୍ଜନ ଗୁରୁତର ହୋଇଥିଲେ । ପରେ ତାଙ୍କର ମୃତ୍ୟୁ ହୋଇଥିଲା । ଏହି ମାମଲାରେ ପରିବାର ପକ୍ଷରୁ ହତ୍ୟା ଅଭିଯୋଗ କରାଯାଇଥିବା ବେଳେ କ୍ରାଇମବ୍ରାଞ୍ଚ ଏବଂ ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି । ଉଲ୍ଲେଖଯୋଗ୍ୟ ଯେ, ୨୦୨୧ ଜୁଲାଇ ମାସରେ ଗଜପତି ଜିଲ୍ଲାରେ କାର୍ଯ୍ୟରତ ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଥିଲା । ପାରଳାଖେମୁଣ୍ଡିସ୍ଥିତ ସରକାରୀ କ୍ୱାର୍ଟରରେ ପୋଡ଼ି ହୋଇ ସୌମ୍ୟରଞ୍ଜନଙ୍କ ମୃତ୍ୟୁ ହୋଇଥିଲା । ଯାହା କି ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଥିଲା । ଏହି ମାମଲାରେ ଏସିଏଫ୍ ସୌମ୍ୟରଞ୍ଜନଙ୍କ ପତ୍ନୀ ବିଦ୍ୟାଭାରତୀ ଏବଂ ତତ୍କାଳୀନ ଗଜପତି ଡିଏଫ୍‌ଓ ସଂଗ୍ରାମ କେଶରୀ ବେହେରାଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠିଥିଲା । ଏନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ମୃତ ସୌମ୍ୟରଞ୍ଜନଙ୍କ ବାପା । ଏହି ଘଟଣାର ତଦନ୍ତ ଆଧାରରେ ମାମଲାରେ ବିଭିନ୍ନ ପର୍ଯ୍ୟାୟରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଚାଲିଆସୁଛି । ଏହାରି ଭିତରେ ଘଟଣାର ୫ ବର୍ଷ ପରେ ତତ୍କାଳୀନ ଡିଏଫ୍‌ଓ ସଂଗ୍ରାମ କେଶରୀ ବେହେରା କୋର୍ଟରେ ଆତ୍ମସମର୍ପଣ କରିଛନ୍ତି । ପାରଳାଖେମୁଣ୍ଡି ଏସଡିଜେଏମ୍‌ଙ୍କ କୋର୍ଟରେ ନିଜ ଓକିଲ ଜରିଆରେ ଆତ୍ମସମର୍ପଣ କରିଛନ୍ତି ।

## ଟାଟା ପାୱାର ଫ୍ରାଞ୍ଚାଇଜ୍ ନାଁରେ ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନିପ୍ର): 'ଟାଟା ପାୱାର ସୋଲାର ସିଷ୍ଟମ୍ସ ଲିମିଟେଡ୍' ଏବଂ 'ଟାଟା ୱାନ୍‌ଏମଜି ହେଲଥ୍ କେୟାର ସଲ୍ୟୁସନ୍ ପ୍ରାଇଭେଟ୍ ଲିମିଟେଡ୍' ଫ୍ରାଞ୍ଚାଇଜ୍ ନାଁରେ ଲକ୍ଷାଧିକ ଟଙ୍କା ଠକି ନେବା ଅଭିଯୋଗରେ ସାଇବର ଥାନା ପୁଲିସ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ଦଧିବଳ କୁମାର ସିଂହ । ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ ଯେ, ଗତ ୨୬.୦୩.୨୦୨୬ ତାରିଖରେ ଅଭିଯୋଗକାରୀ ବିଜନ କୁମାର ମହାପାତ୍ର ଅଭିଯୋଗ କରିଥିଲେ ଯେ, କିଛି ଠକ ବ୍ୟକ୍ତି ନିଜକୁ 'ଟାଟା ପାୱାର ସୋଲାର ସିଷ୍ଟମ୍ସ ଲିମିଟେଡ୍' ଏବଂ 'ଟାଟା ୱାନ୍‌ଏମଜି ହେଲଥ୍ କେୟାର ସଲ୍ୟୁସନ୍ ପ୍ରାଇଭେଟ୍ ଲିମିଟେଡ୍'ର ପ୍ରତିନିଧି ବୋଲି ପରିଚୟ ଦେଇ ତାଙ୍କୁ ଡିଷ୍ଟ୍ରିବ୍ୟୁଟରସିପ୍ ଓ ଫ୍ରାଞ୍ଚାଇଜ୍ ଦେବାର ପ୍ରଲୋଭନ ଦେଇଥିଲେ । ଠକମାନେ ଇ-ମେଲ୍ ଓ ହ୍ୱାଟସ୍‌ଆପ୍ ମାଧ୍ୟମରେ ବିଭିନ୍ନ ପର୍ଯ୍ୟାୟରେ ଟଙ୍କା ଜମା କରିବାକୁ କହିଥିଲେ । ସେମାନଙ୍କ କଥାରେ ବିଶ୍ୱାସ କରି ଅଭିଯୋଗକାରୀ ନିଜ ପତ୍ନୀଙ୍କ ଏଚଡିଏଫସି ବ୍ୟାଙ୍କ ଖାତାରୁ ଏନଇଏଫଟି ମାଧ୍ୟମରେ ଟଙ୍କା ପଠାଇଥିଲେ । ଟାଟା ପାୱାର ସୋଲାର ଡିଷ୍ଟ୍ରିବ୍ୟୁଟରସିପ୍ ପାଇଁ ସେ ପଞ୍ଜୀକରଣ, ଚୁକ୍ତିନାମା ଶୁଳ୍କ, ଷ୍ଟକ୍, ଅତିରିକ୍ତ ଷ୍ଟକ୍ ଏବଂ ଟିଡିଏସ ବାବଦରେ ମୋଟ ୧୦,୯୭,୬୦୦ ପ୍ରଦାନ କରିଥିଲେ । ସେହିପରି ଟାଟା ୱାନ୍‌ଏମଜି ଫ୍ରାଞ୍ଚାଇଜ୍ ପାଇଁ ଫେସବୁକ୍ ବିଜ୍ଞାପନ ଦେଖି ଯୋଗାଯୋଗ କରିବା ପରେ, ପଞ୍ଜୀକରଣ, ଚୁକ୍ତିନାମା ପ୍ରକ୍ରିୟାକରଣ ଶୁଳ୍କ ଏବଂ କଥିତ ଏନଓସି ବାବଦରେ ସେ ମୋଟ ୪,୨୧,୬୦୦ ପ୍ରଦାନ କରିଥିଲେ । ଏହିପରି ଭାବରେ, ଅଭିଯୋଗକାରୀ ଠକମାନଙ୍କ ଦେଇଥିବା ବିଭିନ୍ନ ବ୍ୟାଙ୍କ ଖାତାକୁ ଏନଇଏଫଟି ମାଧ୍ୟମରେ ସର୍ବ ମୋଟ ୧୫,୧୯,୨୦୦ ପଠାଇଥିଲେ । ପରେ ସେ ଜାଣିବାକୁ ପାଇଥିଲେ ଯେ, ତାଙ୍କୁ ଡିଷ୍ଟ୍ରିବ୍ୟୁଟରସିପ୍ କିମ୍ବା ଫ୍ରାଞ୍ଚାଇଜ୍ ଦେବା ନାମରେ ଠକେଇ କରାଯାଇଛି । ସମସ୍ତ ଟଙ୍କା ପ୍ରଦାନ କରିବା ପରେ ମଧ୍ୟ ଅଭିଯୋଗକାରୀଙ୍କୁ ପ୍ରତିଶ୍ରୁତି ଅନୁଯାୟୀ ଡିଷ୍ଟ୍ରିବ୍ୟୁଟରସିପ୍ କିମ୍ବା ଫ୍ରାଞ୍ଚାଇଜ୍ ଦିଆଯାଇନଥିଲା କି କୌଣସି ବ୍ୟବସାୟିକ ସୁଯୋଗ ମଧ୍ୟ ପ୍ରଦାନ କରାଯାଇନଥିଲା । ଫଳରେ ଠକମାନଙ୍କ ପ୍ରତାରଣାର ଶିକାର ହୋଇ ଅଭିଯୋଗକାରୀଙ୍କର ମୋଟ ୧୫,୧୯,୨୦୦ ଟଙ୍କାର କ୍ଷତି ହୋଇଥିଲା । ପୁଲିସ ଏହି ଠକେଇ ମାମଲାର ଛାନଭିନ କରି ଏହି ମାମଲାରେ ସମ୍ପୃକ୍ତି ଅଭିଯୋଗରେ ଅଭିଯୁକ୍ତ ଦଧିବଳ କୁମାର ସିଂହଙ୍କୁ ଗିରଫ କରିଥିବା ବେଳେ, ସେ ନିଜର ଅପରାଧ ସ୍ୱୀକାର କରିଥିଲେ ।

## ୩୭କେଜି ଗଞ୍ଜେଇ ଜବତ: ଅଟୋ ସହ ଚାଳକ ଗିରଫ



ବୌଦ୍ଧ(ନିପ୍ର): କନ୍ଧମାଳ ପୋଲିସକୁ ଗଞ୍ଜେଇ ଚୋରା ଚାଲାଣ ରୋକିବାରେ ଏକ ବଡ଼ ସଫଳତା ମିଳିଛି । ଗତକାଲି ପାଟ୍ରୋଲିଂ କରୁଥିବା ସମୟରେ ପୋଲିସ ଏକ ଅଟୋରୁ ୩୭ କିଲୋଗ୍ରାମ ଗଞ୍ଜେଇ ଜବତ କରିବା ସହ ଏଥିରେ ସମ୍ପୃକ୍ତ ଥିବା ଜଣେ ଅଭିଯୁକ୍ତକୁ ଗିରଫ କରିଛି । ପ୍ରାପ୍ତ ସୂଚନା ଅନୁଯାୟୀ, ଗତକାଲି ଦିନ ପ୍ରାୟ ୧ଟା ସମୟରେ କନ୍ଧମାଳ ଥାନାର ସବ୍-ଇନ୍ସପେକ୍ଟର ଏମ୍.ଏସ୍. ପ୍ରଧାନ ନିଜ ଟିମ୍ ସହ ପାଟ୍ରୋଲିଂ କରୁଥିଲେ । ଏହି ସମୟରେ ଏକ ହଳଦିଆ ରଙ୍ଗର ଅଟୋ ନମ୍ବର ଓଡ଼ି ୧୫ ଡବ୍ଲୁ ୭୫୬୪ ସନ୍ଦେହଜନକ ଭାବେ ଯାଉଥିବା ଦେଖି ପୋଲିସ ତାକୁ ଅଟକାଇ ଯାଞ୍ଚ କରିଥିଲା । ଖାନତଲାସୀ ବେଳେ ଅଟୋ ଭିତରୁ ୩୭ କେଜି ଗଞ୍ଜେଇ ମିଳିଥିଲା, ଯାହାର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୩ ଲକ୍ଷ ୭୦ ହଜାର ଟଙ୍କା ହେବ ବୋଲି ଜଣାପଡ଼ିଛି । ଗଞ୍ଜେଇ ଚୋରାଚାଲାଣ ଅଭିଯୋଗରେ ପୋଲିସ ଅଟୋ ଚାଳକକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ବଲାଙ୍ଗୀର ଜିଲ୍ଲା ଲୋଇସିଂହା ଥାନା ଅନ୍ତର୍ଗତ ଡୁମ୍‌ଡୁମି ଗ୍ରାମର ନୀଳମଣି ବାରିକଙ୍କ ପୁଅ ସୁଶୀଲ ବାରିକ (୩୦) । ଗୋଟିଏ ହଳଦିଆ ରଙ୍ଗର ଅଟୋ, ଯାହାର ମୂଲ୍ୟ ପ୍ରାୟ ୨ ଲକ୍ଷ ଟଙ୍କା । ୨ଟି ମୋବାଇଲ୍ ଫୋନ୍ ଜବତ ହୋଇଛି । ଗିରଫ ପରେ ଅଭିଯୁକ୍ତ ସୁଶୀଲ ବାରିକଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନେଇ କନ୍ଧମାଳ ପୋଲିସ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । ଏହି ଘଟଣାରେ ଅନ୍ୟ କାହାର ସମ୍ପୃକ୍ତି ଅଛି କି ନାହିଁ ସେ ନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି ।

## ନାବାଳିକାକୁ ଅଶ୍ଳୀଳ ଇଙ୍ଗିତ ମାମଲା: ଅଭିଯୁକ୍ତ ଗିରଫ



ପିପିଲି(ନିପ୍ର): ବଳଙ୍ଗା ଥାନା ଅନ୍ତର୍ଗତ ଏକ ଗ୍ରାମରେ ଜଣେ ୨୪ବର୍ଷୀୟା ନାବାଳିକାକୁ ଅଶ୍ଳୀଳ ଇଙ୍ଗିତ ପ୍ରଦର୍ଶନ କରିବା ମାମଲାରେ ବଳଙ୍ଗା ପୋଲିସ ଅଭିଯୁକ୍ତକୁ ଗିରଫ କରିଛି । ସେ ହେଲା ଏହି ଥାନା ଅନ୍ତର୍ଗତ କୋଲିତଳ ଗ୍ରାମର ଆର୍ତ୍ତତ୍ରାଣ ଜେନା (୪୮) ବୋଲି ପୋଲିସ ସୂଚନା ଦେଇଛି । ଅଭିଯୁକ୍ତ ଜଣେ ନାବାଳିକାକୁ ବିଭିନ୍ନ ସମୟରେ ଅଶ୍ଳୀଳ ଇଙ୍ଗିତ ପ୍ରଦର୍ଶନ କରି ଆସୁଥିଲା । ଗୁରୁବାର ନାବାଳିକା ଜଣଙ୍କ ଛାତକୁ ପୋଷାକ ଶୁଖାଇବାକୁ ଯାଇଥିଲା ବେଳେ ଅଭିଯୁକ୍ତ ତାକୁ ଅଶ୍ଳୀଳ ଇଶାରା ଦେଇଥିଲା । ନାବାଳିକା ଜଣଙ୍କ ଘରେ ସମସ୍ତ କଥା ଜଣାଇବା ପରେ ପରିବାର ଲୋକେ ଥାନରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ଥାନାରେ ପୋସକୋ ଆଧାରରେ ମାମଲା ରୁଜୁକରି ତଦନ୍ତ ଜାରି ରଖିବା ସହ ଅଭିଯୁକ୍ତକୁ ଗିରଫ ପରେ ସୋମବାର ପୋସକୋ କୋର୍ଟରେ ହାଜର କରାଯାଇଥିଲା ।

## ଜିଲାପାଳଙ୍କ ଜନଶୁଣାଣି ବେଳେ ଦେହରେ କିରୋସିନ ଢାଳି ଆତ୍ମହତ୍ୟା ଉଦ୍ୟମ କଲେ ମହିଳା

କଟକ(ନିପ୍ର): କିଶନ ନଗର ତହସିଲ କାର୍ଯ୍ୟାଳୟରେ ଜିଲାପାଳଙ୍କ ଜନଶୁଣାଣୀ ଶିବିର ଚାଲିଥିବା ବେଳେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଉତ୍ତରକୂଳ ଗ୍ରାମର ସବିତା ଜେନା ନାମ୍ନୀ ଜଣେ ମହିଳା ଦେହରେ କିରୋସିନ ଢାଳି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି । କିନ୍ତୁ ସେଠାରେ ଥିବା ପୋଲିସ କର୍ମଚାରୀମାନଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ଅଘଟଣକୁ ଟାଳି ଦିଆଯାଇଛି । ଘଟଣାରୁ ପ୍ରକାଶ ସବିତା ଓ ତାଙ୍କ ଭାଇ ବୋଲି ପରିଚୟ ଦେଉଥିବା ଜଣେ ବ୍ୟକ୍ତି ଜିଲାପାଳଙ୍କ ନିକଟକୁ ଗୁହାରି ଜଣାଇବା ପାଇଁ ଆସିଥିଲେ । ସେମାନେ ପରସ୍ପର ବିରୋଧରେ ଅଭିଯୋଗ କରିବା ପରେ ଅଭିଯୋଗର ସମାଧାନ ପାଇଁ ଜିଲାପାଳ ଦତ୍ତାତ୍ରେୟ ଭାଉ ସାହେବ ସିନ୍ଧେ କିଶନ ନଗର ତହସିଲଦାର କ୍ଷୀରୋଦ ଚନ୍ଦ୍ର ଦାଶଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମାତ୍ର ଜିଲ୍ଲାପାଳଙ୍କ ଏହି ନିଷ୍ପତ୍ତିରେ ଅସନ୍ତୁଷ୍ଟ ହୋଇ ମହିଳା ଜଣକ ବାହାରକୁ ଆସି ଆତ୍ମହତ୍ୟା ଉଦ୍ୟମ କରିଥିଲେ । ପରେ କିଶନ ନଗର ଥାନା ପୋଲିସ ସବିତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ସ୍ଥାନୀୟ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଯାଇଥିଲେ । ବର୍ତ୍ତମାନ ତାଙ୍କର ଚିକିତ୍ସା ଜାରି ରହିଥିବା ବେଳେ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ରହିଥିବା ଜଣାପଡିଛି ।

## ବଜ୍ରପାତରେ ଗାଈ ମୃତ

କାକଟପୁର(ନିପ୍ର): କାକଟପୁର ବ୍ଲକ ଜଳେଶ୍ୱରପଡା ଗ୍ରାମପଞ୍ଚାୟତ ଅଧିନସ୍ତ କଜଳପାତିଆ ଗ୍ରାମରେ ବଜ୍ରପାତ ଘଟି ଏକ ଗାଈର ମୃତ୍ୟୁ ଘଟିଥିବା ଜଣାପଡିଛି । ମିଳିଥିବା ସୂଚନା ମୁତାବକ, ସୋମବାର ଅପରାହ୍ନରେ ଅଚାନକ ବର୍ଷା ଓ ଘଡ଼ଘଡ଼ି ସହ ବଜ୍ରପାତ ହୋଇଥିଲା । ଏହି ସମୟରେ କଜଳପାତିଆ ଗ୍ରାମର ତ୍ରିଲୋଚନ ବେହେରାଙ୍କ ଗାଈଟି ବାହାରେ ଚରୁଥିବା ବେଳେ ବଜ୍ରପାତର ଶିକାର ହୋଇଥିଲା । ଘଟଣାସ୍ଥଳରେ ହିଁ ଗାଈଟିର ମୃତ୍ୟୁ ଘଟିଥିଲା । ଗାଈର ମାଲିକ ଗରିବ ଶ୍ରେଣୀର ହୋଇଥିବାରୁ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠିରୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଅନୁରୋଧ କରାଯାଇଛି ।

## ବିଦେଶୀ ମଦ ଜବତ

ଭାପୁର(ନିପ୍ର): ଫତେଗଡ଼ ଥାନା ପକ୍ଷରୁ ପାଟ୍ରୋଲିଂ ସମୟରେ ଦୁଇଟି ସ୍ଥାନରୁ ପ୍ରାୟ ୧୫ ଲିଟର ବିଦେଶୀ ମଦ ଜବତ କରାଯାଇଛି । ଦୁଇଜଣ ଅଭିଯୁକ୍ତଙ୍କୁ ଥାନା ପକ୍ଷରୁ ଆଉ ମଦ ବିକ୍ରି କରିବେ ନାହିଁ ବୋଲି ଲିଖିତ ପ୍ରତିଶ୍ରୁତି ପରେ ଛାଡି ଦିଆଯାଇଛି । ଶାସନ ପଞ୍ଚାୟତ ଟିକିରିପଡା ଗ୍ରାମ ଭୀମସେନ ଭୋଳଙ୍କ ପୁଅ ସନ୍ତୋଷ ଭୋଳଙ୍କଠାରୁ ୬.୯୨୦ ଲିଟର ଏବଂ ବନ୍ଧଦ୍ୱାର ଗ୍ରାମର ବିକ୍ରମ ଜେନାଙ୍କ ପୁଅ ପ୍ରକାଶ ଜେନାଙ୍କ ଠାରୁ ୭.୮ ଲିଟର ବିଦେଶୀ ମଦ ପୋଲିସ ଜବତ କରିଥିବାବେଳେ ଦୁଇ ଗୋଟି ମାମଲା ରୁଜୁକରି ଉଭୟ ଅଭିଯୁକ୍ତଙ୍କୁ ସର୍ତ୍ତରେ ଛାଡି ଦିଆଯାଇଥିବା ଥାନା ସୂତ୍ରରୁ ପ୍ରକାଶ ।

## ଗ୍ୟାସ ବୁକିଂ ପାଇଁ ଡାଉନଲୋଡ୍ କରିଥିଲେ ଆପ୍, ୨ ଲକ୍ଷ ୯୧ ହଜାର ଟଙ୍କା ଗାଏବ

ଭୁବନେଶ୍ୱର(ନିପ୍ର): ଗ୍ୟାସ ବୁକିଂ ପାଇଁ ଡାଉନଲୋଡ କରିଥିବା ଆପ୍ ମାଧ୍ୟମରେ ଜଣେ ଯୁବକଙ୍କ ବ୍ୟାଙ୍କ ଆକାଉଣ୍ଟ ଖାଲି ହୋଇଯାଇଛି । ଏନେଇ ଯୁବକ ଜଣକ ସାଇବର ଥାନାରେ ଏତଲା ଦେଇଛନ୍ତି । ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ସୂଚନା ଅନୁସାରେ, ବାପୁଜୀ ନଗରରେ ରହୁଥିବା ରାଜେଶ ବୋଷ ଗ୍ୟାସ ବୁକିଂ ପାଇଁ ଏକ ଆପ ଡାଉନଲୋଡ କରିଥିଲେ । ହେଲେ ଆପ୍ ଡାଉନଲୋଡ୍ କରିବା ପରେ ତାଙ୍କ ଆକାଉଣ୍ଟରୁ ପର୍ଯ୍ୟାୟକ୍ରମେ ଟଙ୍କା କଟିବାକୁ ଲାଗିଥିଲା । ମେ ୧୮ ତାରିଖରେ ତାଙ୍କ ଆକାଉଣ୍ଟରୁ ପାଖାପାଖି ୨ ଲକ୍ଷ ୯୧ ହଜାର ଟଙ୍କା ଗାଏବ ହେବା ପରେ ଘଟଣା ସମ୍ପର୍କରେ ଜାଣିଥିଲେ ରାଜେଶ । ଏନେଇ ସାଇବର୍ ଥାନାର ଦ୍ୱାରସ୍ଥ ହୋଇଛନ୍ତି ସେ । ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି, ଆସାମର ଏକ ଏଟିଏମ୍‌ରୁ ଟଙ୍କା ଉଠାଇ ନେଇଛନ୍ତି ସାଇବର୍ ଲୁଟେରା । ପୁଲିସ ଘଟଣାର ତଦନ୍ତ କରୁଥିବା ବେଳେ ଠକ ଖୁବଶୀଘ୍ର ଧରାପଡିବ ବୋଲି ଜଣାପଡିଛି ।

## ଗୋଦାମରୁ ଲକ୍ଷାଧିକ ଟଙ୍କା ମାଲ ଚୋରି, କର୍ମଚାରୀ ଗିରଫ

ଭୁବନେଶ୍ୱର(ନିପ୍ର): ଗୋଦାମରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ଅଭିଯୋଗରେ ଖଣ୍ଡେଲୱାଲ ଟ୍ରେଡର୍ସର ଜଣେ କର୍ମଚାରୀକୁ ବଡଗଡ ଥାନା ପୁଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ବିଶ୍ୱଜିତ୍ କୁମାର ଓରଫ ଜିତ । ପୁଲିସ ଏନେଇ ଏକ ମାମଲା ରୁଜୁକରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ଅଭିଯୋଗକାରୀ ଅମର ଖଣ୍ଡେଲୱାଲ, ରାମେଶ୍ୱର ପାଟଣା, ଓଲ୍ଡ ଟାଉନ, ଭୁବନେଶ୍ୱରର ବାସିନ୍ଦା ଏବଂ ବାଙ୍କୁଆଳ ଠାରେ ଥିବା ଖଣ୍ଡେଲୱାଲ ଟ୍ରେଡର୍ସର ମାଲିକ । ଗତ ସପ୍ତାହରେ ଗୋଦାମର ଷ୍ଟକ୍ ଯାଞ୍ଚ କରିବା ବେଳେ ପ୍ରାୟ ୪ ଲକ୍ଷରୁ ୫ ଲକ୍ଷ ଟଙ୍କା ମୂଲ୍ୟର ସାମଗ୍ରୀ କମ୍ ଥିବା ଜଣାପଡ଼ିଥିଲା । ଏହାପରେ ସେ ଗୋଦାମର ସିସିଟିଭି ଫୁଟେଜ୍ ଯାଞ୍ଚ କରିଥିଲେ । ଫୁଟେଜ୍‌ରୁ ଜଣାପଡ଼ିଥିଲା ଯେ, ଗୋଦାମର କର୍ମଚାରୀ ବିଶ୍ୱଜିତ୍ କୁମାର ଓରଫ ଜିତ, ଅନ୍ୟ କିଛି ବ୍ୟକ୍ତିଙ୍କ ସହ ମିଶି ଗୋଦାମରୁ ସାମଗ୍ରୀ ଚୋରି କରିଥିଲେ । ଏହିପରି ଚୋରି ଘଟଣା ବିଭିନ୍ନ ସମୟରେ ବାରମ୍ବାର ଘଟିଥିବା ସନ୍ଦେହ ହୋଇଥିଲା । ଏହାପରେ ଅଭିଯୋଗକାରୀ ଥାନାରେ ଲିଖିତ ଅଭିଯୋଗ କରି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ, ଅଭିଯୁକ୍ତ ମାନଙ୍କୁ ଚିହ୍ନଟ ଓ ଗିରଫ, ଚୋରି ହୋଇଥିବା ସାମଗ୍ରୀ ଉଦ୍ଧାର ଏବଂ ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରିଥିଲେ । ଘଟଣାର ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ପ୍ରକ୍ରିୟା ଆରମ୍ଭ କରଥିଲେ । ତଦନ୍ତ ସମୟରେ ଆହୁରି ଜଣାପଡ଼ିଥିଲା ଯେ, ଗତ ୨୬.୦୭.୨୦୨୬ ରେ ବିଶ୍ୱଜିତ୍ କୌଣସି ସୂଚନା ନ ଦେଇ ଗୋଦାମ ଛାଡ଼ି ପଳାଇ ଯାଇଥିଲେ । ସେହି ଦିନଠାରୁ ତାଙ୍କର ମୋବାଇଲ୍ ଫୋନ୍ ବନ୍ଦ ରହିଥିବାରୁ ଅଭିଯୋଗକାରୀ ତାଙ୍କ ସହ ଯୋଗାଯୋଗ କରିପାରିନଥିଲେ । ମାମଲାର ଅଧିକ ତଦନ୍ତ ଚାଲିଥିବା ବେଳେ, ପୁଲିସ ଏକ ବିଶ୍ୱସ୍ତ ସୂତ୍ରରୁ ଚଢଉ କରି ଅଭିଯୁକ୍ତ ବିଶ୍ୱଜିତ୍ କୁମାର ଓରଫ ଜିତଙ୍କୁ ଟଙ୍କପାଣି ରାସ୍ତାରେଥିବା କ୍ରିଷ୍ଟାଲ ହେରିଟେଜ ମଣ୍ଡପ ନିକଟରୁ କାବୁ କରିଥିଲେ । ଅଧିକ ପଚରା ଉଚରାରୁ, ମାଲିକଙ୍କ ବାରମ୍ବାର ଅନୁପସ୍ଥିତିର ସୁଯୋଗ ନେଇ ନିଜର ଅନ୍ୟ ସହଯୋଗୀମାନଙ୍କ ସହ ମିଶି ବିଭିନ୍ନ ସମୟରେ ମାଲିକଙ୍କ ଅଜାଣତରେ ଗୋଦାମରୁ ଜୈବ-ବିଘଟନଶୀଳ ପଲିଥିନ୍ ବ୍ୟାଗ୍ ଭର୍ତ୍ତି ଅନେକ ସିଲ୍ ପ୍ୟାକ୍ ବସ୍ତା ଚୋରି କରିଥା ପ୍ରକାଶ କରିଥିଲେ ଏବଂ ପରେ ସେହି ଚୋରା ସାମଗ୍ରୀକୁ ଅଧିକ ଲାଭ ପାଇବା ଉଦ୍ଦେଶ୍ୟରେ ଟଙ୍କାପାଣି ରୋଡ୍ ଓ ଲକ୍ଷ୍ମୀସାଗର କଟକ ରୋଡ୍ ଅଞ୍ଚଳର ବିଭିନ୍ନ ହୋଟେଲ ଏବଂ ପାନ ଦୋକାନରେ ବିକ୍ରି କରିଦେଉଥିଲେ । ଚୋରି ଘଟଣା ମାଲିକଙ୍କ ନଜରକୁ ଆସିବା ପରେ ଧରାପଡ଼ିବା ଭୟରେ ଅଭିଯୁକ୍ତ ଗୋଦାମ ଛାଡ଼ି ପଳାଇଯାଇଥିଲେ । ପଚରାଉଚରା ବେଳେ ସେ ସ୍ୱଇଚ୍ଛାରେ କହିଥିଲେ ଯେ, ପରେ ବିକ୍ରି କରିବା ପାଇଁ ସେ ନିଜ ଭଡ଼ା ଘରେ ପ୍ରାୟ ୩୦,୦୦୦ ଟଙ୍କା ମୂଲ୍ୟର ଜୈବ-ବିଘଟନଶୀଳ ପଲିଥିନ୍ ବ୍ୟାଗ୍ ଥିବା ୮ଟି ସିଲ୍ ପ୍ୟାକ୍ ବସ୍ତା ଲୁଚାଇ ରଖିଥିଲେ । ଅଭିଯୁକ୍ତଙ୍କ ସୂଚନା ଅନୁଯାୟୀ ପୋଲିସ ତାଙ୍କୁ ସାଙ୍ଗରେ ନେଇ ତାଙ୍କ ଭଡ଼ା ଘରକୁ ଯାଇ ସେଠାରୁ ୮ଟି ସିଲ୍ ପ୍ୟାକ୍ ବସ୍ତା ଜବତ କରାଯାଇଥିଲା ।

## ଦୁର୍ଘଟଣା ଘଟାଇଥିବା ବାଇକ ଚାଳକ ଗିରଫ

ଭୁବନେଶ୍ୱର(ନିପ୍ର): ଦୁର୍ଘଟଣା ଘଟାଇଥିବା ଜଣେ ବାଇକ ଚାଳକକୁ ଚନ୍ଦକା ଥାନା ପୁଲିସ ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ସାଗର ସାହୁ । ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ ଯେ, ମୃତ ଦିଲ୍ଲୀପ କୁମାର ସାହୁ ହେଉଛନ୍ତି ଅଭିଯୋଗକାରୀଙ୍କ ଭାଇ । ଗତ ୦୮.୦୭.୨୦୨୬ ରାତି ପ୍ରାୟ ୮.୩୦ ସମୟରେ ଦିଲ୍ଲୀପ କୁମାର ସାହୁ ତାଙ୍କ ବନ୍ଧୁ ସାଗରଙ୍କ ମୋଟରସାଇକେଲ ପଛରେ ବସି ରାକାସୁରାରୁ ସ୍ୱର୍ଣ୍ଣ ହସ୍ପିଟାଲ ହୋଇ ତାଙ୍କ ପିଉସୀଙ୍କ ଘରକୁ ଯାଉଥିଲେ । ଗୋଠପାଟଣା ନିକଟରେ ଗାଡ଼ି ଚାଳକ ସାଗର ଦ୍ରୁତ ଓ ବିପଦଜ୍ଜନକ ଭାବେ ଗାଡ଼ି ଚଳାଇବାରୁ ମୋଟରସାଇକେଲ ଉପରୁ ନିୟନ୍ତ୍ରଣ ହରାଇଥିଲେ । ଫଳରେ ଗାଡ଼ିଟି ରାସ୍ତାରେ ଖସିଯାଇଥିଲା ଏବଂ ଉଭୟ ରାସ୍ତା ଉପରେ ଛିଟିକି ପଡ଼ିଥିଲେ । ଏହି ଦୁର୍ଘଟଣାରେ ଦିଲ୍ଲୀପ କୁମାର ସାହୁଙ୍କ ମୁଣ୍ଡର ପଛପଟେ ଗୁରୁତର ଆଘାତ ଲାଗିଥିଲା । ତାଙ୍କୁ ତୁରନ୍ତ ସ୍ୱର୍ଣ୍ଣ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ଛଅଦିନ ଧରି ଚିକିତ୍ସା ଚାଲିଥିଲେ ମଧ ତାଙ୍କ ସ୍ୱାସ୍ଥ୍ୟରେ କୌଣସି ସୁଧାର ହୋଇନଥିଲା । ଶେଷରେ ଗତ ୧୩.୦୭.୨୦୨୬ ଦିନ ପ୍ରାୟ ୧୨.୨୦ ସମୟରେ ଚିକିତ୍ସାରତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ଅଭିଯୋଗକାରୀ ଥାନାରେ ଅଭିଯୋଗ କରିଥିଲେ । ଘଟଣାର ଅଭିଯୋଗ ପରେ ପୁଲିସ ମାମଲାର ତଦନ୍ତ କରିବା ସହ ଅଭିଯୁକ୍ତ ମୋଟରସାଇକେଲ ଚାଳକ ସାଗର ସାହୁଙ୍କୁ ଗିରଫ କରିଥିବା ବେଳେ, ଦୁର୍ଘଟଣାଗ୍ରସ୍ତ ମୋଟରସାଇକେଲକୁ ଜବତ କରିଥିଲେ ।

## କେନାଲରେ ଓଲଟିଲା ପିକଅପ ଭ୍ୟାନ: ଅଳ୍ପକେ ବର୍ତ୍ତିଲେ ଚାଳକ

କଟକ(ନିପ୍ର): ଜନସାଧାରଣଙ୍କ ଧନ ଜୀବନ ସୁରକ୍ଷା ପାଇଁ ସରକାରଙ୍କ ପକ୍ଷରୁ ପ୍ରଚଳନ କରାଯାଉଛି କେତେ କ'ଣ ନିୟମ ଓ କାର୍ଯ୍ୟକ୍ରମ । ସୁରକ୍ଷିତ ଯାତ୍ରା ନିମନ୍ତେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ସଡ଼କ ସୁରକ୍ଷା ସପ୍ତାହ ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହେଉଛି । ଏଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି । ତେବେ ଦୁର୍ଘଟଣା କମିବା ନାଁ ଧରୁନାହିଁ । ବରଂ ଦିନକୁ ଦିନ ଦୁର୍ଘଟଣା ବଢ଼ିବାରେ ଲାଗିଛି । ଦୁର୍ଘଟଣା ଘଟି ଧନଜୀବନ ହାନି ହେବା ସାଧାରଣ ଘଟଣାରେ ପରିଣତ ହେଲାଣି । ସୋମବାର ଭୋରରୁ ଜଗତପୁର ଖଇରା ପୋଲ ନିକଟରେ ଏକ ଦୁର୍ଘଟଣା ଘଟିଥିବା ବେଳେ ସୌଭାଗ୍ୟ କ୍ରମେ ଚାଳକ ବର୍ତ୍ତୀ ଯାଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ସୋମବାର ବଢି ଭୋର ସମୟରେ କେନ୍ଦ୍ରାପଡ଼ା କେନାଲ ଖଇରା ପୋଲ ଗଡାରେ ଏକ ଧାନ ବିହନ ବୋଝେଇ ପିକପ ଭ୍ୟାନ ୪୦ ଫୁଟ ତଳକୁ କେନାଲ ପାଣିକୁ ଖସି ପଡିଥିଲା । କେନାଲରେ ଅଳ୍ପ ପାଣି ଥିବାରୁ ପିକକ ଭ୍ୟାନଟିର ଅର୍ଦ୍ଧାଧିକ ବୁଡି ଯାଇଥିଲା । ସ୍ଥାନୀୟ ଲୋକେ ତତକ୍ଷଣାତ ଗାଡି ଚାଳକଙ୍କୁ ପାଣିରୁ ଉଦ୍ଧାର କରିଥିଲେ । ଦୁର୍ଘଟଣାରେ ଚାଳକ କ୍ଷତ ବିକ୍ଷତ ହୋଇଥିଲେ ମଧ ମୃତ୍ୟୁ ମୁଖରୁ ବର୍ତ୍ତୀ ଯାଇଥିଲେ । କିନ୍ତୁ ଗାଡିରେ ଥିବା ଧାନ ବିହନ ଜରି ବସ୍ତାରେ ଥିବାରୁ କୌଣସି କ୍ଷତି ଘଟି ନାହିଁ । କ୍ରେନ ଯୋଗେ କେନାଲ ମଧ୍ୟରୁ ପିକପ ଭ୍ୟାନକୁ ବାହାର କରାଯାଇଥିଲା । ଏକ ପିକପ ଭ୍ୟାନ ସରକାରୀ ଧାନ ବିହନ ବସ୍ତା ବୋଝେଇ କରି ରାଉରକେଲାର ବ୍ରାହ୍ମଣୀ ପଡ଼ାରୁ ଜଗତପୁର ସ୍ଥିତ ଗୋଦାମକୁ ଆସୁଥିଲା । ଖଇରା ପୋଲ ଗଡ଼ା ଉଠିବା ସମୟରେ ପିକକ ଭ୍ୟାନଟି କୌଣସି କାରଣରୁ ଭାରସାମ୍ୟ ହରାଇ ୪୦ଫୁଟ ତଳ କେନାଲକୁ ଓଲଟି ପଡିଥିଲା । ପୋଲିସ ପହଂଚି ଗାଡିଟିକୁ ଜବତ କରି ତଦନ୍ତ ଚଳାଇଛି ।

## ଘରୋଇ ବସ୍‌କୁ ୮ ଲକ୍ଷ ୪୦ ହଜାର ଟଙ୍କା ଜରିମାନା



ଛତ୍ରପୁର: ଗଞ୍ଜାମ ଜିଲ୍ଲା ପରିବହନ ବିଭାଗ ପକ୍ଷରୁ ଯାଞ୍ଚ ବେଳେ ଏକ ଘରୋଇ ବସକୁ ଧରି ୮ ଲକ୍ଷ ୪୦ ହଜାର ୧୬୩ ଟଙ୍କା ଜୋରିମାନା କରାଯାଇଛି । ଗାଡିର ଫିଟନେସ, ରୋଡ଼ ଟ୍ୟାକ୍ସ, ପଲ୍ୟୁସନ, ଇନ୍ସୁରାନ୍ସ ଏପରିକି ଗାଡି ଚଳାଉଥିବା ଡ୍ରାଇଭରଙ୍କ ଡ୍ରାଇଭିଙ୍ଗ ଲାଇସେନ୍ସ ନଥିବାରୁ ଏହି ଜରିମାନା କରାଯାଇଛି । ସୂଚନା ପ୍ରକାରେ ବ୍ରହ୍ମପୁରରୁ ଛତ୍ରପୁର ଅଭିମୁଖେ ଆସୁଥିବା ଓଡି ୧୯ଆର ୪୫୯୭ ନମ୍ବର ବିଶିଷ୍ଟ ଜୟଶ୍ରୀ ନାମକ ଏକ ଘରୋଇ ବସ ଆସୁଥିବା ବେଳେ ଛତ୍ରପୁର ଜାତୀୟ ରାଜପଥ ପାର୍ଶ୍ୱରେ ଗଞ୍ଜାମ ପରିବହନ ବିଭାଗର ଟ୍ରାଫିକ ପୋଲିସ ଗାଡିକୁ ଅଟକାଇ ଯାଞ୍ଚ କରିଥିଲା । ଗାଡିର ୩ ବର୍ଷ ହେଲା ଫିଟନେସ, ରୋଡ଼ ଟ୍ୟାକ୍ସ, ପଲ୍ୟୁସନ, ଇନ୍ସୁରାନ୍ସ ଏପରିକି ଗାଡି ଚଳାଉଥିବା ଡ୍ରାଇଭରଙ୍କ ଡ୍ରାଇଭିଙ୍ଗ ଲାଇସେନ୍ସ ନଥିବାରୁ ବସ ଉପରେ ମୋଟ ୮ ଲକ୍ଷ ୪୦ ହଜାର ୧୬୩ ଟଙ୍କା ଜୋରିମାନା କରାଯାଇଛି। ଗାଡି ମାଲିକ ସନ୍ତୋଷ କୁମାର ସାହୁଙ୍କ ନାମରେ ଚାଲାଣ କଟାଯାଇଛି । ରୋଡ଼ ଟ୍ୟାକ୍ସ ବାବଦକୁ ୮ ଲକ୍ଷ ୫ ହଜାର ୧୬୩ ଟଙ୍କା, ଡ୍ରାଇଭିଙ୍ଗ ଲାଇସେନ୍ସ ନଥିବା ଯୋଗୁଁ ୫ ହଜାର ଟଙ୍କା, ଗାଡିର ରେଜିଷ୍ଟ୍ରେସନ ନଥିବାରୁ ୫ ହଜାର ଟଙ୍କା, ପଲ୍ୟୁସନ ନଥିବା ଯୋଗୁଁ ୧୦ ହଜାର ଟଙ୍କା ଜୋରିମାନା ପକାଯାଇଥିବା ସୂଚନା ମିଳିଛି । ଗାଡିକୁ ଜବତ କରାଯାଇ ଅଗସ୍ତି ନୂଆଗାଁ ସ୍ଥିତ ଡ୍ରାଇଭିଙ୍ଗ ଟେଷ୍ଟିଙ୍ଗ ସେଣ୍ଟର ରେ ରଖାଯାଇଛି । ଜରିମାନା ଆଦାୟ ପରେ ଉକ୍ତ ଗାଡିକୁ ଛଡ଼ାଯିବ ବୋଲି ଟ୍ରାଫିକ ଇନ୍ସପେକ୍ଟର ବିଶ୍ୱ ରଂଜନ ସାହୁ ସୂଚନା ଦେଇଛନ୍ତି। ୨୦୨୩ରୁ ଗାଡିର ଟ୍ୟାକ୍ସ ଡିପୋଜିଟ କରାଯାଇନାହିଁ ।

### ସରଣ୍ଡାରେ ଭାଙ୍ଗିଲା ମାଓଗଡ଼
## ମୁଖ୍ୟ ସ୍ରୋତରେ ସାମିଲ ହେଲେ ୨୦ ନକ୍ସଲ



ରାଉରକେଲା: ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ସରଣ୍ଡା ଜଙ୍ଗଲରେ ଯବାନଙ୍କ ପକ୍ଷରୁ ଅପରେସନକୁ ଜୋରଦାର କରାଯାଇଥିବା ବେଳେ ୨୦ ଜଣ ମାଓବାଦୀ ରବିବାର ଝାଡ଼ଖଣ୍ଡ ପୁଲିସ୍ ନିକଟରେ ଆତ୍ମସମର୍ପଣ କରିଥିବା ସୂଚନା ମିଳିଛି । ତେବେ ଏ ନେଇ ପୁଲିସ୍ ପକ୍ଷରୁ ଆଜି ବିଧିବଦ୍ଧ ଭାବେ ଘୋଷଣା କରାଯିବା ବୋଲି ଜଣାପଡ଼ିଛି । ସୂଚନା ମୁତାବକ, ସରଣ୍ଡା ଛାଡ଼ି ମାଓ କେନ୍ଦ୍ରୀୟ କମିଟି ସଦସ୍ୟ ମିଶିର ବେସ୍ରା ପଞ୍ଜାବ ପଳାଇ ଯାଇଥିବା ବେଳେ ଅସୀମ ମଣ୍ଡଳ ପଶ୍ଚିମବଙ୍ଗ ଚାଲି ଯାଇଛନ୍ତି । ଏ ସମ୍ପର୍କରେ ପୁଲିସ୍ ଜାଣିବା ପରେ ସେମାନଙ୍କୁ ଧରିବା ଲାଗି ଝାଡ଼ଖଣ୍ଡ ପୁଲିସ୍ ପକ୍ଷରୁ ଉଦ୍ୟମ ଜାରି ରହିଛି । ଦୁଇ ମାଓନେତା ପଳାଇ ଯିବା ପରେ ବାକି ରହିଥିବା ଅନ୍ୟ ମାଓବାଦୀଙ୍କୁ ଧରିବା ଲାଗି ସିଆରପିଏଫ୍, କୋବ୍ରା, ଜାଗୁଆର ଯବାନମାନେ ସରଣ୍ଡା ଜଙ୍ଗଲରେ ଅପରେସନକୁ ଜୋରଦାର କରିଛନ୍ତି । ଏହି ଅପରେସନରେ ଭୟଭୀତ ହୋଇ ୨୦ ଜଣ ମାଓବାଦୀ ସଂଗଠନ ଛାଡ଼ି ରବିବାର ଝାଡ଼ଖଣ୍ଡ ପୁଲିସ୍ ନିକଟରେ ଆତ୍ମସମର୍ପଣ କରିଥିବା ସୂଚନା ମିଳିଛି । ମାତ୍ର ଏ ନେଇ ପୁଲିସ୍ କିଛି କହିବାକୁ ମନା କରି ଦେଇଛି । ସୋମବାର ଏ ନେଇ ବିଧିବଦ୍ଧ ଭାବେ ଘୋଷଣା ହେବ ବୋଲି ଜଣାପଡ଼ିଛି । ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରେ ରହିଛନ୍ତି ଜୋନାଲ କମାଣ୍ଡର, ସବ୍-ଜୋନାଲ କମାଣ୍ଡର, ଆଞ୍ଚଳିକ କମାଣ୍ଡର । ସେମାନଙ୍କ ମୁଣ୍ଡ ଉପରେ ରହିଛି ୧୫, ୧୦ ଓ ୫ ଲକ୍ଷ ଟଙ୍କା ପୁରସ୍କାର ରାଶି ରହିଛି ।

## ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଡ୍ରାଇଭର ଗିରଫ

ଭୁବନେଶ୍ୱର(ନିପ୍ର): ବେପରୁଆ ଭାବେ ଗାଡି ଚଳାଇ ଦୁର୍ଘଟଣା ଘଟାଇବା ଅଭିଯୋଗରେ ଚନ୍ଦକା ଥାନା ପୁଲିସ ଅଭିଯୁକ୍ତ ଟ୍ରକ ଚାଳକଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ଜୀବନ କୁମାର ସିଂହ । ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ ଯେ, ଗତ ୨୬.୦୭.୨୦୨୬ ସନ୍ଧ୍ୟା ପ୍ରାୟ ୫ଟା ସମୟରେ ବିରଞ୍ଚି ପୂର୍ତ୍ତୀ ନିଜ ପତ୍ନୀ ବାସନ୍ତୀ ପୂର୍ତ୍ତୀ ଏବଂ ପୁଅ ଜଣ୍ଟୁକା ପୂର୍ତ୍ତୀଙ୍କ ସହ କାର୍ଯ୍ୟସ୍ଥଳରୁ ସ୍କୁଟି ଯୋଗେ ଘରକୁ ଫେରୁଥିଲେ । ସେହି ସମୟରେ ଏକ ଅଶୋକ ଲେଲାଣ୍ଡ ଟ୍ରକ୍‌କୁ ଅଭିଯୁକ୍ତ ଚାଳକ ଜୀବନ କୁମାର ସିଂହ ଅତ୍ୟନ୍ତ ବେପରୁଆ ଓ ଅସାବଧାନ ଭାବେ ଚଳାଇ ରାସ୍ତାର ଡିଭାଇଡର୍ ଭାଙ୍ଗି ବିପରୀତ ପାର୍ଶ୍ୱକୁ ଆସି ସ୍କୁଟିକୁ ସମ୍ମୁଖରୁ ଧକ୍କା ଦେଇଥିଲା । ଏହି ଦୁର୍ଘଟଣାରେ ବିରଞ୍ଚି ପୂର୍ତ୍ତୀଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଯାଇଥିଲା । ତାଙ୍କ ପତ୍ନୀ ବାସନ୍ତୀ ପୂର୍ତ୍ତୀ ଏବଂ ପୁଅ ଜଣ୍ଟୁକା ପୂର୍ତ୍ତୀ ଗୁରୁତର ଆହତ ହୋଇଥିଲେ । ତଦନ୍ତ ବେଳେ ଅଭିଯୁକ୍ତ ଚାଳକ ମଦ୍ୟପାନ କରି ଗାଡି ଚଳାଉଥିବା ଜଣାପଡିଥିଲା । ଘଟଣାସ୍ଥଳର ପରିସ୍ଥିତି, ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ଏବଂ ଅନ୍ୟାନ୍ୟ ପ୍ରମାଣରୁ ସ୍ପଷ୍ଟ ଯେ, ଅଭିଯୁକ୍ତ ଚାଳକ ଜୀବନ କୁମାର ସିଂହ ଅତ୍ୟନ୍ତ ବେପରୁଆ ଓ ଅସାବଧାନ ଭାବେ ଗାଡ଼ି ଚଳାଇ ଜନସାଧାରଣଙ୍କ ଜୀବନ ପ୍ରତି ଗୁରୁତର ବିପଦ ସୃଷ୍ଟି କରିଥିଲେ । ତାଙ୍କର ଏହି କାର୍ଯ୍ୟ ଫଳରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ବେଳେ, ଅନ୍ୟ ଦୁଇଜଣ ଗୁରୁତର ଆହତ ହୋଇଥିଲେ ।। ପୁଲିସ ଅଭିଯୁକ୍ତ ଟ୍ରକ ଚାଳକ ଜୀବନ କୁମାର ସିଂହଙ୍କୁ ଗିରଫ କରିଥିବା ବେଳେ, ଦୁର୍ଘଟଣାଗ୍ରସ୍ତ ସ୍କୁଟି ଓ ଟ୍ରକକୁ ଜବତ କରିଥିଲେ ।

# ମୁଁ ରାସ୍ତାରେ ସଂଗ୍ରାମ କରୁଥିବା ନେତା, ଏସି ରୁମ୍‌ରେ ବସୁଥିବା ଆକ୍ଟିଭିଷ୍ଟ ନୁହେଁ: ଧର୍ମେନ୍ଦ୍ର

ନୂଆଦିଲ୍ଲୀ, ୨୭/୭: ନିଟ୍ ପେପର୍ ଲିକ୍‌କୁ ନେଇ ପ୍ରବଳ ବିକ୍ଷୋଭ-ପ୍ରଦର୍ଶନ ପରେ ନିଜ ପଦବୀରୁ ଇସ୍ତଫା ଦେବା ପରେ ଏବେ ଧର୍ମେନ୍ଦ୍ର ପ୍ରଧାନଙ୍କ ଭବିଷ୍ୟତକୁ ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଛି । ଭାରତୀୟ ଜନତା ପାର୍ଟିର ପ୍ରଭାବଶାଳୀ ନେତା ତଥା ପ୍ରବୀଣ ନିର୍ବାଚନ ରଣନୀତିକାର ଧର୍ମେନ୍ଦ୍ର ପ୍ରଧାନଙ୍କୁ ନେଇ ଦଳ ଏବେ ଆଗକୁ କ'ଣ ନିଷ୍ପତ୍ତି ନେଉଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି । ଏହି ସମୟରେ ଧର୍ମେନ୍ଦ୍ର ପ୍ରଧାନ କଂଗ୍ରେସ ନେତା ଜୟରାମ ରମେଶଙ୍କ ସହ କଥାବାର୍ତ୍ତା ବେଳେ ନିଜର ଲକ୍ଷ୍ୟ ସ୍ପଷ୍ଟ କରିଦେଇଛନ୍ତି । ସେ କହିଛନ୍ତି ଯେ ସେ ଜଣେ 'ଷ୍ଟ୍ରିଟ୍ ଫାଇଟର୍' (ଲଢୁଆ ନେତା) । ସଂସଦ ଭବନର କରିଡରରେ କଂଗ୍ରେସ ନେତା ଜୟରାମ ରମେଶ ସହାନୁଭୂତି ପ୍ରକାଶ କରିବାକୁ ଧର୍ମେନ୍ଦ୍ରଙ୍କ ପାଖରେ ପହଞ୍ଚିଥିଲେ । ରମେଶ କହିଥିଲେ ଯେ 'ଇଟ୍ ହ୍ୟାପନ୍ସ' (ଏପରି ହୋଇଥାଏ) । ଏହା ଉପରେ ଧର୍ମେନ୍ଦ୍ର ପ୍ରଧାନ ତୁରନ୍ତ ଉତ୍ତର ଦେଇଥିଲେ, 'ନଥିଂ ହ୍ୟାପଣ୍ଡ' (କିଛି ହୋଇନାହିଁ) । ଏହା ପରେ ସେ କହିଥିଲେ- 'ଆଇ ଆମ୍ ଏ ଷ୍ଟ୍ରିଟ୍ ଫାଇଟର୍ । ନଟ୍ ଏନ୍ ଏସି ରୁମ୍ ଆକ୍ଟିଭିଷ୍ଟ' (ମୁଁ ରାସ୍ତାରେ ସଂଗ୍ରାମ କରୁଥିବା ନେତା, ଏସି ରୁମରେ ବସୁଥିବା ଆକ୍ଟିଭିଷ୍ଟ ନୁହେଁ)। ଧର୍ମେନ୍ଦ୍ରଙ୍କ ଏହି ବୟାନ ଦର୍ଶାଉଛି ଯେ ତାଙ୍କ ମନୋବଳ ଦୃଢ଼ ରହିଛି । ସେ ପରବର୍ତ୍ତୀ ଦାୟିତ୍ୱ ଗ୍ରହଣ କରିବାକୁ ମଧ୍ୟ ପ୍ରସ୍ତୁତ ଅଛନ୍ତି ।



ଶିକ୍ଷା ମନ୍ତ୍ରୀ ପଦରୁ ଇସ୍ତଫା ଦେବା ପରେ ଆଜି ଯେତେବେଳେ ଧର୍ମେନ୍ଦ୍ର ପ୍ରଧାନ ପ୍ରଥମ ଥର ପାଇଁ ସଂସଦ ଭବନରେ ପହଞ୍ଚିଥିଲେ, ତାଙ୍କୁ ଏନଡିଏ ସାଂସଦମାନେ ଭଗ୍ୟ ସ୍ୱାଗତ କରିଥିଲେ । କିଏ ତାଙ୍କୁ ପଗଡ଼ି ପିନ୍ଧାଇଥିଲେ ତ କେହି ଅଙ୍ଗବସ୍ତ୍ର ଦେଇଥିଲେ । ପ୍ରଧାନଙ୍କ ମୁହଁରେ ହସ ଥିଲା । ଜଣେ ସାଂସଦ କହିଥିଲେ ଯେ ପ୍ରଥମ ଥର ପାଇଁ କୌଣସି ମନ୍ତ୍ରୀ ବିନା କୌଣସି ଅଭିଯୋଗରେ ଇସ୍ତଫା ଦେଇଛନ୍ତି । ଏବେ ପ୍ରଶ୍ନ ଉଠୁଛି ଯେ ପ୍ରଧାନଙ୍କର କ'ଣ ଭୂମିକା ରହିବ ? ସେ ଓଡ଼ିଶା ବିଜେପିର ଜଣେ ଶକ୍ତିଶାଳୀ ନେତା ହେବା ସହ କେନ୍ଦ୍ରୀୟ ରାଜନୀତିରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇ ଆସିଛନ୍ତି । ନିକଟରେ ବିହାର ବିଧାନସଭା ନିର୍ବାଚନରେ ପ୍ରଭାରୀ ରହିଥିଲେ । ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ମମତା ବାନାର୍ଜୀଙ୍କ ଭବାନୀପୁର ଆସନରେ ଶୁଭେନ୍ଦୁ ଅଧିକାରୀଙ୍କ ବିଜୟର ସୂତ୍ରଧର ସାଜିଥିଲେ । ୨୦୨୪ ଲୋକସଭା ନିର୍ବାଚନରେ ବିଜେପିକୁ ଝଟକା ଲାଗିବା ପରେ ତୁରନ୍ତ ଅନୁଷ୍ଠିତ ହରିୟାଣା ବିଧାନସଭା ନିର୍ବାଚନରେ ପ୍ରଧାନ ପ୍ରଭାରୀ ଭାବେ ହ୍ୟାଟ୍ରିକ୍ ସଫଳତା ହାସଲ କରିବାରେ ବଡ଼ ଯୋଗଦାନ ଦେଇଥିଲେ । ଏହା ପୂର୍ବରୁ ସେ ଉତ୍ତର ପ୍ରଦେଶ, ମଧ୍ୟ ପ୍ରଦେଶ, ଉତ୍ତରାଖଣ୍ଡ, କର୍ଣ୍ଣାଟକ ଭଳି ଅନେକ ରାଜ୍ୟରେ ପ୍ରଭାରୀ ଭାବେ ଦଳର ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିସାରିଛନ୍ତି । ଇସ୍ତଫା ପରେ ଦଳ ତାଙ୍କୁ ଏକାକୀ ଛାଡ଼ିନାହିଁ । ଗୃହମନ୍ତ୍ରୀ ଅମିତ ଶାହ ତାଙ୍କ ଘରକୁ ଯାଇଥିଲେ । ବିଜେପିର ଶୀର୍ଷ ନେତା ରାଷ୍ଟ୍ରୀୟ ଅଧ୍ୟକ୍ଷ ନିତିନ ନବୀନ ଏବଂ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଧର୍ମେନ୍ଦ୍ର ପ୍ରଧାନ ଶିକ୍ଷା କ୍ଷେତ୍ରରେ କରିଥିବା ସଂସ୍କାରଗୁଡ଼ିକୁ ସମର୍ଥନ କରିଛନ୍ତି । ବିଜେପି ନେତାଙ୍କ ମତ ଯେ ତାଙ୍କ ଇସ୍ତଫା ତାଙ୍କର ପ୍ରତିଷ୍ଠାର ହ୍ରାସର ସଙ୍କେତ ନୁହେଁ, ବରଂ 'ରାଜନୈତିକ ଉତ୍ତରଦାୟିତ୍ୱ', 'ତ୍ୟାଗ' ଏବଂ 'ରାଷ୍ଟ୍ରହିତ'ର ଏକ ବଡ଼ ଉଦାହରଣ ।

## ସାଳନ୍ଦୀରେ ବନ୍ୟାଜଳ

### ତିହିଡି ବ୍ଲକରେ ୬୦ ଫୁଟର ଘାଇ



ଭଦ୍ରକ, ୨୭ ।୭(ନିପ୍ର): ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ସାଳନ୍ଦୀ ନଦୀରେ ବନ୍ୟା ଜଳ ଆସିଛି । ବିଶେଷ କରି ହଦ ଗଡ଼ ଡ୍ୟାମ୍‌ରୁ ୧୫ ଶହ କ୍ୟୁସେକ ଜଳ ପ୍ରତି ସେକେଣ୍ଡ ଛଡା ଯିବା ପରେ ତଳିଆ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ସାଳନ୍ଦୀ ନଦୀର ତିହିଡି ବ୍ଲକ ଅଧୀନସ୍ଥ ଲଞ୍ଜାତରା ଠାରେ ୬୦ ଫୁଟର ଘାଇ ହୋଇଛି । ଫଳରେ ସେଠାରୁ ବନ୍ୟା ଜଳ ଯାଇ ବିଲଣା, ବାରୋ, କୁବେରା ଆଦି ପଞ୍ଚାୟତ ୧୨ ଗୋଟି ଗାଁର ଶହ ଶହ ହେକ୍ଟର ଚାଷ ଜମିରେ ବନ୍ୟା ଜଳ ପ୍ରବେଶ କରିଛି । ଏହା ଦ୍ୱାରା ଚାଷୀଙ୍କ ଧାନ ତଳି ସବୁ ନଷ୍ଟ ହୋଇ ଯାଇଛି । ରୁଆ ଧାନ ନଷ୍ଟ ହୋଇ ଥିବା ବେଳେ ଧାନ ତଳି ମଧ୍ୟ ନଷ୍ଟ ହେବାର ଆଶଙ୍କା ଦେଖା ଯାଇଛି ।

## ସ୍ତ୍ରୀର ବେକ ଚିପି ହତ୍ୟା କଲା ସ୍ୱାମୀ

ଭୁବନେଶ୍ୱର, ୨୭ ।୭ (ନି.ପ୍ର): ପାରିବାରିକ ବିବାଦକୁ କେନ୍ଦ୍ର କରି ମଞ୍ଚେଶ୍ୱର ଥାନା ଚେକଇସିହାଣିଠାରେ ଏକ ହତ୍ୟାକାଣ୍ଡ ଘଟିଛି । ପତ୍ନୀର ବେକ ଚିପି ହତ୍ୟା କରିବା ପରେ ସ୍ୱାମୀ ନିଜେ ବିଷ ପିଇ ଦେଇଥିବା ଜଣାପଡିଛି । ମୃତା ମହିଳା ଜଣକ ମୋନିକା ଜେନା ଓ ତାଙ୍କ ଘର ନୟାଗଡ ବୋଲି ଜଣାପଡିଛି । ପୁଲିସ ଶବ ଜବତ କରିବା ସହ ଘଟଣା ତଦନ୍ତ ଆରମ୍ଭ କରିଛି ।ସୂଚନା ଅନୁସାରେ, ମୃତ ମୋନିକା ୯ବର୍ଷ ତଳେ ଦୀପକ ଜେନାଙ୍କୁ ବିବାହ କରିଥିଲେ । ଉଭୟଙ୍କ ଘର ନୟାଗଡ଼ ଜିଲ୍ଲା ଶରଣକୂଳ ଅଞ୍ଚଳରେ ।

## ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ

### ଟିଟିଲାଗଡ଼-ବଲାଙ୍ଗିର ରୁଟ୍‌ରେ ଚଳାଚଳ ବାଧାପ୍ରାପ୍ତ

ବଲାଙ୍ଗିର, ୨୭ ।୭(ନିପ୍ର): ଟିଟିଲାଗଡ଼-ସିକେର ମୁଖ୍ୟ ରେଳ ଲାଇନରେ ସୋମବାର ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ଏକ ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ ହୋଇଛି । ମାଲବାହୀ ଟ୍ରେନ୍‌ଟି ବଲାଙ୍ଗିରରୁ ଟିଟିଲାଗଡ଼ ଅଭିମୁଖେ ଯାଉଥିଲା । ତେବେ ଟିଟିଲାଗଡ଼ ଷ୍ଟେସନ୍‌ରେ ପହଞ୍ଚିବାର ଅଢ଼େଇ କି.ମି. ପୂର୍ବରୁ ଖଜୁରିପଡା ନିକଟରେ ଏହା ଦୁର୍ଘଟଣାଗ୍ରସ୍ତ ହୋଇଛି । ଟ୍ରେନ୍‌ର ୧୪ ନମ୍ବର ବଗି ଲାଇନଚ୍ୟୁତ ହୋଇଛି । ଫଳରେ ଦୀର୍ଘ ସମୟ ଧରି ଟିଟିଲାଗଡ଼-ବଲାଙ୍ଗିର ରୁଟ୍‌ରେ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଛି । ଖବର ପାଇ ରେଳ ବିଭାଗର ରେସକ୍ୟୁ ଟିମ୍ ଓ ମେକାନିକାଲ ଟିମ୍ ଘଟଣାସ୍ଥଳରେ ପହଞ୍ଚିଛନ୍ତି ।

## ରାସ୍ତାରେ ଡ୍ରେନ୍‌ପାଣି: ରୋଗୀ ହନ୍ତସନ୍ତ



**ଆଠଗଡ଼,୨୭ ।୭(ନିପ୍ର):** କଟକ ସମ୍ବଲପୁର ରାସ୍ତାର ଏକ ପାର୍ଶ୍ୱରୁ ଆରମ୍ଭ ହୋଇଛି ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ରାସ୍ତା । ଏଠାରେ ଚିକିତ୍ସାଳୟକୁ ପ୍ରବେଶ ରାସ୍ତାରେ ନା ଅଛି ମୁଖ୍ୟ ଗେଟ୍ ଓ ଉପଖଣ୍ଡ ଚିକିତ୍ସାଳୟ ନାମ ଥାଇ ନାମ ଫଳକ ନା ଅଛି କାଓ ସ୍ଲଟର । କିନ୍ତୁ ପଛପଟ ଦ୍ୱାରରେ କାଓ ସ୍ଲଟର ଥାଇ ମଧ୍ୟ ସଫା ନହେବା ଏବଂ ଆଗପଟ ପ୍ରବେଶ ଦ୍ୱାରରେ କାଓ ସ୍ଲଟର ନଥିବାରୁ ଗାଇଗୋରୁ ଚିକିତ୍ସାଳୟ ପରିସରରେ ଅବାଧ ବିଚରଣ କରୁଛନ୍ତି । ଏହାଦ୍ୱାରା ରୋଗୀମାନେ ଓ ସେମାନଙ୍କ ସମ୍ପର୍କୀୟ ବିଭିନ୍ନ ପ୍ରକାରର ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି । ଏଥିସହ ପ୍ରବେଶ ରାସ୍ତାରେ ଲଗାଣ ବର୍ଷା ଫଳରେ ଚାଲିଛି ଡ୍ରେନ୍‌ର ନର୍ଦ୍ଦମା ପାଣି । ରୋଗୀ ଓ ସମ୍ପର୍କୀୟ ଏହି ଅପରିଷ୍କାର ନର୍ଦ୍ଦମା ପାଣିରେ ପଶି ଚିକିତ୍ସାଳୟକୁ ଯାଉଛନ୍ତି । ଏ ବିଷୟରେ ଆଠଗଡ଼ ନଗର କଂଗ୍ରେସ ସଭାପତି ଅଶୋକ କୁମାର ଦାଶ କ୍ଷୋଭ ପ୍ରକାଶ କରିବା ସହ ଏଥିପାଇଁ ଆଠଗଡ଼ ଏନଏସି କର୍ତ୍ତୃପକ୍ଷ ଓ ସରକାରଙ୍କୁ ଦାୟୀ କରିବା ସହ ତୁରନ୍ତ ପ୍ରତିକାର ପାଇଁ ଦାବି କରିଛନ୍ତି ।

## ପ୍ରଯୋଜକଙ୍କ ନାଁରେ ଏତଲା ଦେଲେ ଦାନ ମାଝୀ



**ପାଟଣାଗଡ, ୨୭/୭(ନିପ୍ର):** ପୁଣି ବିବାଦରେ ଜଣେ ଚଳଚ୍ଚିତ୍ର ପ୍ରଯୋଜକ । ବଲାଙ୍ଗୀରଜିଲ୍ଲା ପାଟଣାଗଡ଼ ଥାନାରେ ତାଙ୍କ ନାଆଁରେ ଏତଲା ଦେଇଛନ୍ତି ବହୁ ଚର୍ଚ୍ଚିତ ଦାନ ମାଝୀ । ସମ୍ବଲପୁରର ପ୍ରଯୋଜକ ମନୋଜ ବାଗ୍‌ଙ୍କ ନାଁରେ ସେ ଏତଲା ଦେଇଛନ୍ତି । ଦାନ ମାଝୀଙ୍କ ଅଭିଯୋଗ ଯେ ପ୍ରଯୋଜକ ମନୋଜ ବାଗଙ୍କ କ୍ଷୁଦ୍ର ଚଳଚ୍ଚିତ୍ର 'ଲାଶ୍' ତାଙ୍କ ବ୍ୟକ୍ତିଗତ କାହାଣୀ ଉପରେ ଆଧାରିତ । ପ୍ରଯୋଜକ ଏହି ସିନେମା ସଂପର୍କରେ ତାଙ୍କ ସହ କଥା ହୋଇନାହାନ୍ତି କି ତାଙ୍କର ଅନୁମତି ନେଇ ନାହାନ୍ତି । ଏଣୁ ସେ ସମ୍ବଲପୁରର ପ୍ରଯୋଜକ ମନୋଜ ବାଗ୍‌ଙ୍କ ନାଁରେ ସେ ଏତଲା ଦେଇଥିବା କହିଛନ୍ତି ଦାନ ମାଝୀ । ସୂଚନାଯୋଗ୍ୟ, ମନୋଜ କୁମାର ବାଗ୍ ଏକାଧାରରେ ଜଣେ ନିର୍ଦ୍ଦେଶକ, ଏଡିଟର ଲେଖକ, ଅଭିନେତା ଏବଂ ପ୍ରଯୋଜକ । ସେ କ୍ଷୁଦ୍ର ଚଳଚ୍ଚିତ୍ର 'ଲାଶ୍'ର ନିର୍ଦ୍ଦେଶନା ଦେବା ସହ ଏହାର ପ୍ରଯୋଜନା କରିଥିଲେ, ଯାହା ଇଣ୍ଡୋ-ସିଙ୍ଗାପୁର ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶିତ ହୋଇଥିଲା ।

## ୨ ବର୍ଷିଆ ବିଏଡ୍, ବିଏଚଏଡ୍, ଏମ୍‌ଏଡ୍ ଆଡ଼ମିଶନ ପାଇଁ ବିଜ୍ଞପ୍ତି

### ଅଗଷ୍ଟ ୧୧ରେ ପ୍ରଥମ ମେଧା ତାଲିକା, ୨୫ରୁ ପାଠପଢ଼ା

ଭୁବନେଶ୍ୱର, ୨୭/୭(ନିପ୍ର): ଶିକ୍ଷାବର୍ଷ ୨୦୨୬-୨୭ ନିମନ୍ତେ ଦୁଇ ବର୍ଷିଆ ବିଏଡ଼, ବିଏଚଏଡ଼, ଏମ୍‌ଏଡ଼ ପାଠ୍ୟକ୍ରମରେ ନାମଲେଖା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶିତ ହୋଇଛି । ଦୁଇ ବର୍ଷିଆ ବିଏଡ଼, ବିଏଚଏଡ଼, ଏମ୍‌ଏଡ଼ ପାଠ୍ୟକ୍ରମରେ ନାମଲେଖା ପ୍ରବେଶିକା ପରୀକ୍ଷା ମାର୍କ ଆଧାରରେ କରାଯିବ । ୨୭ ଜୁଲାଇ ଅପରାହ୍ନ ୩.୦୦ ଘଟିକା ଠାରୁ ୫ ଅଗଷ୍ଟ ରାତି ୧୧.୪୫ ଘଟିକା ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ସାମ୍ସ ପୋର୍ଟାଲକୁ ଯାଇ ନିଜ ପସନ୍ଦର ଉଚ୍ଚଶିକ୍ଷାନୁଷ୍ଠାନରେ ଆଡ଼ମିଶନ ପାଇଁ ଚଏସ୍ ଲକିଙ୍ଗ କରିପାରିବେ । ଅଗଷ୍ଟ ୧୧ ତାରିଖ ଅପରାହ୍ନ ୨.୦୦ ଘଟିକାରେ ପ୍ରଥମ ମେଧା ତାଲିକା ପ୍ରକାଶିତ ହେବ । ପ୍ରଥମ ମେଧା ତାଲିକାରେ ଚୟନିତ ହୋଇଥିବା ଛାତ୍ରଛାତ୍ରୀମାନେ ୧୧ ଅଗଷ୍ଟ ଅପରାହ୍ନ ୪.୦୦ ଘଟିକା ଠାରୁ ୧୪ ଅଗଷ୍ଟ ଅପରାହ୍ନ ୩.୦୦ ଘଟିକା ପର୍ଯ୍ୟନ୍ତ ସାମ୍ସ ପୋର୍ଟାଲକୁ ଯାଇ ଫ୍ରିଜ୍/ସ୍ଲାଇଡ଼ ବିକଳ୍ପ ବାଛିପାରିବେ । ଅଗଷ୍ଟ ୨୦ ତାରିଖ ପୂର୍ବାହ୍ନ ୧୧.୦୦ ଘଟିକାରେ ଦ୍ୱିତୀୟ ମେଧା ତାଲିକା ପ୍ରକାଶିତ ହେବ । ଏଥିସହ ଅଗଷ୍ଟ ୨୫ ତାରିଖରୁ ଉଚ୍ଚ ଶିକ୍ଷାନୁଷ୍ଠାନ ମାନଙ୍କରେ ବିଏଡ଼, ବିଏଚଏଡ଼, ଏମ୍‌ଏଡ଼ ପାଠ୍ୟକ୍ରମର ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହେବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । ସୂଚନାଯୋଗ୍ୟ ଯେ, ଶିକ୍ଷାବର୍ଷ ୨୦୨୬-୨୭ ନିମନ୍ତେ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ୩୧ଟି ଉଚ୍ଚଶିକ୍ଷାନୁଷ୍ଠାନରେ ବିଏଡ଼, ବିଏଚଏଡ଼, ଏମ୍‌ଏଡ଼ ପାଠ୍ୟକ୍ରମ ପାଇଁ ୨୮୦୦ଟି ସିଟ୍ ରହିଛି ।

### ||||||||||||||| ପିଜି ଆଡ଼ମିଶନ ପାଇଁ ଉଚ୍ଚଶିକ୍ଷା ବିଭାଗର ବିଜ୍ଞପ୍ତି |||||||||||||||

## ୨୭ ଜୁଲାଇରୁ ୨ ଅଗଷ୍ଟ ପର୍ଯ୍ୟନ୍ତ ଚଏସ୍ ଲକିଙ୍ଗ

ଭୁବନେଶ୍ୱର, ୨୭/୭(ନିପ୍ର): ଶିକ୍ଷାବର୍ଷ ୨୦୨୬-୨୭ ନିମନ୍ତେ ସ୍ନାତକୋତ୍ତର ପାଠ୍ୟକ୍ରମରେ (ପିଜି) ନାମଲେଖା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶିତ ହୋଇଛି । ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମଲେଖା କମନ୍ ପିଜି ଏଂଟ୍ରାନ୍ସ ଟେଷ୍ଟର ମାର୍କ ଆଧାରରେ କରାଯିବ । ୨୭ ଜୁଲାଇ ଅପରାହ୍ନ ୩.୦୦ ଘଟିକା ଠାରୁ ୨ ଅଗଷ୍ଟ ରାତି ୧୧.୪୫ ଘଟିକା ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ସାମ୍ସ ପୋର୍ଟାଲକୁ ଯାଇ ନିଜ ପସନ୍ଦର ଉଚ୍ଚଶିକ୍ଷାନୁଷ୍ଠାନରେ ଆଡ଼ମିଶନ ପାଇଁ ଚଏସ୍ ଲକିଙ୍ଗ କରିପାରିବେ । ଅଗଷ୍ଟ ୭ ତାରିଖ ଅପରାହ୍ନ ୪.୦୦ ଘଟିକାରେ ପ୍ରଥମ ମେଧା ତାଲିକା ପ୍ରକାଶିତ ହେବ । ପ୍ରଥମ ମେଧା ତାଲିକାରେ ଚୟନିତ ହୋଇଥିବା ଛାତ୍ରଛାତ୍ରୀମାନେ ୭ ଅଗଷ୍ଟ ସନ୍ଧ୍ୟା ୬.୦୦ ଘଟିକା ଠାରୁ ୧୧ ଅଗଷ୍ଟ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ ସାମ୍ସ ପୋର୍ଟାଲକୁ ଯାଇ ଫ୍ରିଜ୍/ସ୍ଲାଇଡ଼/ଫ୍ଲୋଟ୍ ବିକଳ୍ପ ବାଛିପାରିବେ । ଅଗଷ୍ଟ ୧୭ ତାରିଖ ଅପରାହ୍ନ ୪.୦୦ ଘଟିକାରେ ଦ୍ୱିତୀୟ ମେଧା ତାଲିକା ପ୍ରକାଶିତ ହେବ । ଏଥିସହ ଅଗଷ୍ଟ ୨୧ ତାରିଖରୁ ଉଚ୍ଚ ଶିକ୍ଷାନୁଷ୍ଠାନମାନଙ୍କରେ ସ୍ନାତକୋତର ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହେବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

## ଘରେଘରେ ବଢୁଛି ଥଣ୍ଡା, ଜ୍ୱର: ବଡ଼ ମେଡିକାଲରେ ରୋଗୀଙ୍କ ଭିଡ଼

କଟକ, ୨୭/୭(ନିପ୍ର): ରାଜ୍ୟରେ ପାଗର କ୍ରମାଗତ ପରିବର୍ତ୍ତନ ଏବଂ ଲଗାଣ ବର୍ଷା କାରଣରୁ ଘରେ ଘରେ ଥଣ୍ଡା, କାଶ ଓ ଜ୍ୱର ସମସ୍ୟା ଜଟିଳ ରୂପ ନେଉଛି । କଟକ ବଡ଼ ମେଡିକାଲ୍‌ର ମେଡିସିନ ୱାର୍ଡ ବାହାରେ ଡାକ୍ତରଙ୍କ ପରାମର୍ଶ ପାଇଁ ଶତାଧିକ ରୋଗୀଙ୍କ ଧାଡ଼ି ଲାଗିଥିବା ଦେଖିବାକୁ ମିଳିଛି । କେବଳ କଟକ ବଡ଼ ମେଡିକାଲ୍ ନୁହେଁ, ବରଂ ରାଜ୍ୟର ସମସ୍ତ ମେଡିକାଲରେ ପ୍ରତିଦିନ ଶହ ଶହ ସଂଖ୍ୟାରେ ଏଭଳି ରୋଗୀ ଚିକିତ୍ସା ପାଇଁ ପହଞ୍ଚୁଛନ୍ତି । ବିଶେଷକରି କଟକ ଶିଶୁ ଭବନରେ ମଧ୍ୟ ଛୋଟ ଛୋଟ ପିଲାମାନେ ଏହି ଭାଇରାଲ୍ ଜ୍ୱରରେ ଆକ୍ରାନ୍ତ ହୋଇ ବହୁସଂଖ୍ୟାରେ ଚିକିତ୍ସିତ ହେଉଛନ୍ତି । ଡାକ୍ତରଙ୍କ କହିବାନୁଯାୟୀ, ବର୍ତ୍ତମାନର ପାଗରେ ଥରେ ଥଣ୍ଡା ଓ ଜ୍ୱର ହେଲେ ତାହା ସହଜରେ ୧୦ ରୁ ୧୫ ଦିନ ପର୍ଯ୍ୟନ୍ତ କମୁନାହିଁ, ଯାହାକି ସାଧାରଣ ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଛି । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ, ବର୍ଷାଋତୁରେ ଏଭଳି ସଂକ୍ରାମକ ରୋଗ ବୃଦ୍ଧି ପାଇବା ସ୍ୱାଭାବିକ ଏବଂ ପାଗରେ ପରିବର୍ତ୍ତନ ଯୋଗୁଁ ଏହି ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେଉଛି । ତେଣୁ ଏହି ସମୟରେ ବିଶେଷ ସତର୍କତା ଅବଲମ୍ବନ କରିବା ଅତ୍ୟନ୍ତ ଜରୁରୀ ବୋଲି ସେମାନେ ପରାମର୍ଶ ଦେଉଛନ୍ତି । ଥଣ୍ଡା ଓ ଜ୍ୱର ଏକ ପ୍ରକାର ଭାଇରାଲ୍ ରୋଗ ହୋଇଥିବାରୁ ଛୋଟ ପିଲା ଓ ବୃଦ୍ଧବୃଦ୍ଧା ଅଧିକ ସତର୍କ ରହିବା ଆବଶ୍ୟକ ।

## ରାଜ୍ୟରେ ୫ଶହ ଇଭି ଚାର୍ଜିଂ ଷ୍ଟେସନ କରାଯିବାକୁ ଲକ୍ଷ୍ୟ: ମନ୍ତ୍ରୀ



ଭୁବନେଶ୍ୱର, ୨୭/୭(ନିପ୍ର): ଓଡିଶାରେ ୧୦୦ ଇଭିଚାର୍ଜିଙ୍ଗ ଷ୍ଟେସନ ହୋଇଛି । ଆଗକୁ ଆହୁରି ଇଭି ଚାର୍ଜିଙ୍ଗ ଷ୍ଟେସନ କରାଯିବ । ଏବେ ୫୦୦ ଇଭିଚାର୍ଜିଙ୍ଗ ଷ୍ଟେସନକରାଯିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ପରିବହନ ମନ୍ତ୍ରୀ ବିଭୂତି ଜେନା କହିଛନ୍ତି ।ଜନଗହଳିପୂର୍ଣ୍ଣ ସ୍ଥାନ ମାନଙ୍କରେ ହେବ । ଷ୍ଟେଟ ହାଇୱେ ଓ ନ୍ୟାସନାଲ ହାଇୱେ କଡରେ ମଧ୍ୟକରାଯିବ । ଇଭିଭିତ୍ତିଭୂମିକୁସୁଦୃଢ କରାଯାଉଛି । ଲୋକମାନେ ଇଭିମୁହାଁ ହେଉଛନ୍ତି ଓଇଭି ଚାର୍ଜିଙ୍ଗ ଷ୍ଟେସନ ବ୍ୟାପକ ହେଲେ ଲୋକମାନେ ଆହୁରି ଆକୃଷ୍ଟ ହେବେ । ପିଏମ ଇ-ଡ୍ରାଇଭଯୋଜନା ମାଧ୍ୟମରେ ଓଡିଶାକୁ କେନ୍ଦ୍ର ସରକାରଙ୍କ ପ୍ରୋତ୍ସାହନ ମଧ୍ୟ ମିଳୁଛି, ଯାହାଦ୍ୱାରା ଇଭିକ୍ଷେତ୍ରରେ ଓଡିଶାରେ ବ୍ୟାପକ ପରିବର୍ତ୍ତନ ଆସୁଛି ବୋଲି ମନ୍ତ୍ରୀ କହିଛନ୍ତି ।

## ୨୪ ବର୍ଷରେ ଅନେକ ପ୍ରଶ୍ନପତ୍ର ଲିକ୍ ହୋଇଥିଲା: ବିଜେପି

ଭୁବନେଶ୍ୱର, ୨୭/୭(ନିପ୍ର): ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି ପ୍ରସଙ୍ଗରେ ପ୍ରତିକ୍ରିୟା ରଖିଲେ ବାଣିଜ୍ୟ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା । ସେ କହିଛନ୍ତି ୨୪ ବର୍ଷରେ ଅନେକ ପ୍ରଶ୍ନ ପତ୍ର ଲିକ ହୋଇଥିଲା, ଅନେକ ବିଭ୍ରାଟ ହୋଇଥିଲା, ହେଲେ କେହି ଇସ୍ତଫା ଦେଇଥିଲେ କି ? ନବୀନ ବାବୁ ପ୍ରଥମେ ଉଦାହରଣ ସୃଷ୍ଟି କରନ୍ତୁ । ଧର୍ମେନ୍ଦ୍ର ବାବୁ ଇସ୍ତଫା ଦେଇ ତ୍ୟାଗର ଉଦାହରଣ ରଖିଛନ୍ତି । ନିଟ ପ୍ରଶ୍ନପତ୍ର ଲିକ ମାମଲାରେକେନ୍ଦ୍ର ସରକାର କଠୋର ପଦକ୍ଷେପ ନେଇଛନ୍ତି । ନବୀନ ବାବୁ ଆଗ ନିଜେ ଶିଖନ୍ତୁ ବୋଲି କହିଛନ୍ତି ମନ୍ତ୍ରୀ ।

## ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ: ପ୍ରଧାନ ଶିକ୍ଷକ ଅଟକ

**ଜଳେଶ୍ୱର, ୨୭/୭(ନିପ୍ର):** ସବୁଦିନ ପରି ସ୍କୁଲ ଯାଇଥିଲା ଝିଅ । ସ୍କୁଲରୁ ଫେରି କାନ୍ଦିବାରୁ ମା' ପଚାରିଲେ କ'ଣ ହେଲା ? । କାନ୍ଦି କାନ୍ଦି ପ୍ରଧାନଶିକ୍ଷକଙ୍କ ସବୁ କାରନାମା କହିଲେ ୧୦ ବର୍ଷର କୁନି ଝିଅ । ଥରେ କି ଦୁଇଥର ନୁହେଁ, ଅନେକ ଥର ପ୍ରଧାନଶିକ୍ଷକ ଛାତ୍ରୀଙ୍କ ସହ କରିଛନ୍ତି ଅସଦାଚରଣ । ସାର୍ ଖରାପ ବ୍ୟବହାର କରିଥିବା ନେଇ ଛାତ୍ରୀ ଜଣକ ମାଆଙ୍କୁ ଜଣାଇଛନ୍ତି । ଏପରି ଚାଞ୍ଚଲ୍ୟକର ଘଟଣାଟି ଘଟିଛି ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ବେଲି ଗ୍ରାମରେ । ବେଲି ଗୋପିନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ନାଁରେ ଆସିଛି ସାଂଘାତିକ ଅଭିଯୋଗ । ଅଭିଯୋଗ ଅନୁଯାୟୀ, ଗତ ୨୩ ତାରିଖ ମଧ୍ୟାହ୍ନ ଭୋଜନ ସମୟରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପଞ୍ଚମ ଶ୍ରେଣୀ ଛାତ୍ରୀଙ୍କୁ ନିଜ ଅଫିସ୍ କୋଠରୀକୁ ଡାକି ଅସଦାଚରଣ କରିଥିଲେ । ଛାତ୍ରୀ ଜଣକ କାନ୍ଦି କାନ୍ଦି ଘରକୁ ଫେରିଥିଲେ । ଘଟଣା ସାମ୍ନାକୁ ଆସିବା ପରେ ଗ୍ରାମରେ ଏକ ବୈଠକ ଡକାଯାଇ ଥିଲା । ଗ୍ରାମବାସୀ ଓ ପରିବାର ଲୋକଙ୍କ ମଧ୍ୟରେ ଆଲୋଚନା ହୋଇଥିଲା । ଏହାପରେ ପରିବାର ଲୋକେ ସିଧାସଳଖ ଜଳେଶ୍ୱର ଥାନାରେ ପହଞ୍ଚି ପ୍ରଧାନଶିକ୍ଷକଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ ।

## ୯,୧୫୨ ଆଞ୍ଚଳିକ ଭାଷା ପାଇଁ ଶିକ୍ଷକ ନିଯୁକ୍ତି

**ନୂଆଦିଲ୍ଲୀ, ୨୭/୭(ପିଆଇବି):** ପ୍ରଧାନମନ୍ତ୍ରୀ ସ୍କୁଲ ଫର୍ ରାଇଜିଂ ଇଣ୍ଡିଆ(ପିଏମ୍‌ଶ୍ରୀ) ଯୋଜନା ଅଧୀନରେ ସାରା ଦେଶରେ ବିଦ୍ୟାଳୟଗୁଡ଼ିକୁ ଚୟନ କରାଯାଇଛି । ସଂସ୍କୃତ, ଉର୍ଦ୍ଦୁ ଏବଂ ବିଭିନ୍ନ ଆଂଚଳିକ ଭାଷାର ଶିକ୍ଷାଦାନ ପାଇଁ ଏହି ବିଦ୍ୟାଳୟଗୁଡ଼ିକରେ ବହୁ ସଂଖ୍ୟକ ଶିକ୍ଷକ ନିଯୁକ୍ତ ହୋଇଛନ୍ତି । ଆଂଚଳିକ ଭାଷା ପାଇଁ ୧୩,୦୯୨, ସଂସ୍କୃତ ପାଇଁ ୯,୧୫୨ ଏବଂ ଉର୍ଦ୍ଦୁ ପାଇଁ ୬,୧୦୨ ଶିକ୍ଷକମାନଙ୍କୁ ନିଯୁକ୍ତ କରାଯାଇଛି । ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ ସୋମବାର ଲୋକସଭାରେ ଏକ ଲିଖିତ ଉତ୍ତରରେ ସୂଚନା ଦେଇଛନ୍ତି ଯେ ପିଏମ୍‌ଶ୍ରୀ ହେଉଛି ଏକ କେନ୍ଦ୍ର ପ୍ରାଯୋଜିତ ଯୋଜନା, ଯାହାର ଉଦ୍ଦେଶ୍ୟ ହେଉଛି ଜାତୀୟ ଶିକ୍ଷା ନୀତି(ଏନ୍‌ଇପି) ୨୦୨୦ ଅନୁଯାୟୀ ସାରା ଦେଶରେ ଅଧିକ ବିଦ୍ୟାଳୟକୁ ଆଧୁନିକ, ସମାବେଶୀ ଏବଂ ଆଦର୍ଶ ବିଦ୍ୟାଳୟ



ଭାବରେ ବିକଶିତ କରିବା । ମନ୍ତ୍ରୀଙ୍କ ଅନୁଯାୟୀ, ମନୋନୀତ ପିଏମ୍‌ଶ୍ରୀ ବିଦ୍ୟାଳୟଗୁଡ଼ିକ ମଧ୍ୟରେ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ (କେଭିଏସ୍), ନବୋଦୟ ବିଦ୍ୟାଳୟ ସମିତି(ଏନ୍‌ଭିଏସ୍) ଏବଂ ଏନ୍.ସି.ଇ. ଆରଟି.ର ବିଦ୍ୟାଳୟ ବ୍ୟତୀତ ରାଜ୍ୟ ତଥା କେନ୍ଦ୍ରଶାସିତ ଅଂଚଳର ସରକାରୀ ଏବଂ ସହାୟତା ପ୍ରାପ୍ତ ବିଦ୍ୟାଳୟ ଅନ୍ତର୍ଭୁକ୍ତ । ରାଜ୍ୟ ତଥ୍ୟ ଅନୁଯାୟୀ, ଉତରପ୍ରଦେଶରେ ସର୍ବାଧିକ ସଂଖ୍ୟକ ୧,୮୮୮ ପିଏମ୍‌ଶ୍ରୀ ବିଦ୍ୟାଳୟ ଚୟନ କରାଯାଇଛି । ଏହାପରେ ଆନ୍ଧ୍ର ପ୍ରଦେଶରେ ୯୮୨ଟି, ମହାରାଷ୍ଟ୍ରରେ ୯୪୬ଟି, ମଧ୍ୟପ୍ରଦେଶରେ ୯୪୪ଟି, ବିହାରରେ ୯୦୪ଟି, ଓଡ଼ିଶାରେ ୮୪୦ଟି ଏବଂ ତେଲେଙ୍ଗାନାରେ ୮୩୨ଟି ବିଦ୍ୟାଳୟ ରହିଛି । ଭାଷା ଶିକ୍ଷକ ନିଯୁକ୍ତି ସମ୍ବନ୍ଧୀୟ ତଥ୍ୟ ଅନୁଯାୟୀ, ଆନ୍ଧ୍ର ପ୍ରଦେଶରେ ଆଞ୍ଚଳିକ ଭାଷା ପାଇଁ ସର୍ବାଧିକ ୨,୧୪୨ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି । ଏହାପରେ ତେଲେଙ୍ଗାନା ୧,୬୬୬, କର୍ଣ୍ଣାଟକ ୧,୧୧୫ ଏବଂ ପଞ୍ଜାବରେ ୯୨୨ ଜଣ ଆଂଚଳିକ ଭାଷା ଶିକ୍ଷକ ଅଛନ୍ତି । ସଂସ୍କୃତ ଶିକ୍ଷକଙ୍କ ସଂଖ୍ୟା ମଧ୍ୟପ୍ରଦେଶରେ ୭୬୮, ରାଜସ୍ଥାନରେ ୭୬୮, ଓଡ଼ିଶାରେ ୭୩୮ ଏବଂ ବିହାରରେ ୭୩୬ ଥିବାବେଳେ ଉର୍ଦ୍ଦୁ ଶିକ୍ଷକଙ୍କ ସର୍ବାଧିକ ନିଯୁକ୍ତି ବିହାର (୬୯୧), ଉତ୍ତର ପ୍ରଦେଶ(୩୫୧) ଏବଂ ଜାମ୍ମୁ କାଶ୍ମୀର(୩୨୩)ରେ ରେକର୍ଡ଼ କରାଯାଇଛି ।

## ଟ୍ରକ ଧକ୍କା: ମହିଳାଙ୍କ ମୃତ୍ୟୁ

ପିପିଲି, ୨୭ ।୭(ନିପ୍ର): ପିପିଲି ଅଞ୍ଚଳରେ ସୋମବାର ଏକ ଟ୍ରକ ଧକ୍କାରେ ଜଣେ ଅଜଣା ମହିଳାଙ୍କ ମୃତ୍ୟୁ ଘଟି ଅଛି । ମହିଳା ଜଣକ ପିପିଲି ଜଟଣୀ ରାସ୍ତା ପାର୍ଶ୍ୱରେ ଠିଆ ହୋଇ ଥିବା ବେଳେ ସେହି ସମୟରେ ଏକ ଟ୍ରକ ଦ୍ରୁତ ଗତିରେ ଆସି ଧକ୍କା ଦେଇ ଥିଲା । ମହିଳାଙ୍କୁ ପିପିଲି ଡାକ୍ତରଖାନା ନିଆଯାଇ ଥିଲେ ମୃତ୍ୟୁ ଘଟିଥିଲା । ପିପିଲି ପୋଲିସ ଟ୍ରକ ଚାଳକକୁ ଅଟକ ରଖି ତଦନ୍ତ ଚଳାଇଛି ।

13001/1311/2627

**OFFICE OF THE MUNICIPAL COUNCIL,ASIKA**

(Email: -askanac@gmail.com, Ph No: -06822-273068)

Letter No. ୧୨୨୪ Date. ୨୪.୦୭.୨୦୨୬

**SHORT TENDER CALL NOTICE**

Sealed quotations are invited from the Registered Suppliers for supply of following Aahaar materials to Municipality Aska. The rate of goods should be quoted with excluding all taxes.

Tender paper cost of Rs. 4720/-(Rupees Four thousand seven hundred twenty only) and total cost of EMD is 1%.

Sale of tender paper- 24/07/2026 to 03/08/2026
Last date of submission of Tender Paper- 03/08/2026 up to 2.00 PM
Date of Opening of Tender Paper- 03/08/2026 at 4.00 PM

| SI No | Description of items |
|---|---|
| 1 | Hot Box (15pc 10Ltr,15pc 20Ltr) |
| 2 | Token Machine -1pc |
| 3 | Token Display Machine -1 pc |
| 4 | Water (RO) - 2pc commercial |
| 5 | LED TV – 1pc |
| 6 | Dishwasher -1pc |
| 7 | Flycatcher -2pc |
| 8 | CCTV |
| 9 | Jet Spray -1pc |

OIPR 13001/13181/1/26-27/0006

Executive Officer,
Municipality, Asika

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ